# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ନଭେମ୍ବର ୧୪ /୨୦୧୮ (୧୬+୪ପୃଷ୍ଠା) (ସାହିତ୍ୟାୟନ ସହ) Rayagada, Wednesday, November 14 / 2018 ★

୮ମ ଭାଗ ୨୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-250

MAKE IN ODISHA Conclave
BHUBANESWAR, 11-15 NOVEMBER, 2018



"Thank you for joining the Juggernaut."
*- Naveen Patnaik,*
*Chief Minister, Odisha*

**4,19,574 crore of investment intent announced, with**

**Employment potential of 5,91,000**

**5,074**
Delegate registrations

**183**
Projects announced across 15 diversified sectors

**253**
Speakers in 19 Sectoral Sessions

**692**
G2B and B2B meetings

Partner Country: Japan

Industry Partner: FICCI

For more details, please visit: **https://mio.investodisha.gov.in/**
or Follow us on

14005/13/0053/1819

# ଉତ୍ପାଦନ ହେବ ଉନ୍ନତ ମାଣ୍ଡିଆ ବିହନ: ହସିବେ ଚାଷୀ

**ଜୟପୁର,୧୩।୧୧(ନି.ପ୍ର.)**

ମାଣ୍ଡିଆ ଚାଷୀଙ୍କ ପାଇଁ ଖୁସି ଖବର। କୋରାପୁଟ ଜିଲାରେ ମାଣ୍ଡିଆର ଉନ୍ନତ କିସମ ବିହନ ଉତ୍ପାଦନ କରିବା ପାଇଁ ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଓ କୃଷି ବିଭାଗ କାର୍ଯ୍ୟକ୍ରମ ହାତକୁ ନେଇଛି। ଅଧିକ ଅମଳକ୍ଷମ, ସ୍ୱଳ୍ପ ଅବଧି, ରୋଗକୀଟ ନିରୋଧକ ଶକ୍ତି ତଥା ଗୁଣବତ୍ତାଯୁକ୍ତ ଉନ୍ନତ କିସମର ମାଣ୍ଡିଆ ବିହନ ଉତ୍ପାଦନ ହେବ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ଓଡ଼ିଶା ସରକାରଙ୍କ ସହାୟତାରେ କୋରାପୁଟ ବ୍ଲକ୍ର ୩ଟି ପଞ୍ଚାୟତ ଯଥା ଉମୁରୀ, ମିଶ୍ରିପୁଟ, ଓ ପଦ୍ମପୁରର ୯ଟି ଗ୍ରାମରେ କୃଷି କାର୍ଯ୍ୟକ୍ରମ ଚାଲୁଅଛି । ବର୍ତ୍ତମାନ ସମୟରେ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ



ମାଣ୍ଡିଆ କ୍ଷେତରେ ତଦାରଖ କରାଯାଉଛି ।

ମାଣ୍ଡିଆ ଉତ୍ପାଦନ କମିବା ସହିତ ପାଣିପାଗକୁ ଦେଶୀ ବିହନ ଖାପ ଖୁଆଇ ପାରୁନାହିଁ। ସେଥିଯୋଗୁଁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ବର୍ତ୍ତମାନ ମିଳୁଥିବା ବିହନ ଚାଷୀଙ୍କୁ ଲାଭ ଦେଇପାରୁ ନଥିବାବେଳେ ଚାଷୀ କ୍ଷତିରେ ରହୁଛନ୍ତି । ଉତ୍ପାଦନ ମଧ୍ୟ କମୁଛି । ତେଣୁ ଏମ୍ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜିଲା ଉପକୃଷି ନିର୍ଦ୍ଦେଶକ ଓ ବିହନ ପ୍ରଣୟନ ସଂସ୍ଥା ଜୟପୁରଙ୍କ ତତ୍ତ୍ୱାବଧାନରେ କୋରାପୁଟ ବ୍ଲକ୍ର ମାଛରା, ଶୁକ୍ରିପୁଡ଼ା, ଖିଲପୁଟ, ଉମୁରୀ, ବାଗ୍ରାଗୁଡ଼ା, ବାସୁପୁଟ ଆଦି ଗ୍ରାମରେ ୨୦୧୮-୧୯ ଆର୍ଥିକ ବର୍ଷରେ ୩୨ ଜଣ ଆଗ୍ରଣୀ ଚାଷୀଙ୍କ ମାଧ୍ୟମରେ ପ୍ରଜନନ ବିହନ କେଏମ୍ଆର୍-୨୦୪ ଓ ଏମ୍ଏଲ୍-୩୬୫ କିସମ ୩୧ ଏକର ଜମିରେ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ବିଶୁଦ୍ଧ ଓ ଗୁଣବତ୍ତା ବିହନ ଉତ୍ପଦାନ କରିବା ଲକ୍ଷ୍ୟ ରଖାଯାଇଛି । ଫଳରେ ଚାଷୀମାନେ ଉନ୍ନତ ବିହନ ପାଇବେ ଏବଂ ଭଲ ଅମଳ ହୋଇପାରିବା ସହିତ ଚାଷୀମାନେ ଅଧିକ ଲାଭବାନ ମଧ୍ୟ ହୋଇପାରିବେ।

## ଅଟୋ ଧକ୍କାରେ ସାଇକେଲ ଆରୋହୀ ଗୁରୁତର

**ଗୋଷାଣି, ୧୩।୧୧(ଡି.ଏନ.ଏ)**

ଗଜପତି ଜିଲା ଗୋଷାଣି ବ୍ଲକର ମାଛମରା ଗ୍ରାମ ନିକଟରେ ମଙ୍ଗଳବାର ଏକ ଅଟୋ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଏସ୍.ଏସ୍. ଜୟରାମ। ସେ କୌଣସି କାମରେ ମାଛମରାଠାରୁ ସାତମାଇଲ ଯାଉଥିଲେ। ଏହି ସମୟରେ ସାମ୍ନା ପଟୁ ଏକ ଅଟୋ (ନଂ. ଏପି ୩୦-ଟିଏ ୩୯୨୫) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଜୟରାମଙ୍କୁ ସମ୍ପୃକ୍ତ ଅଟୋ ଡ୍ରାଇଭର ଦିଲାଗନ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## ବିଇଓ ଅଫିସ ଆଗରେ ପାଚିକାଙ୍କ ଧାରଣା




ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଚିକାମାନେ ଧାରଣାରେ ବସିଛନ୍ତି ।

**ନାରାୟଣପାଟଣା, ୧୩।୧୧**

ନିଖିଳ ଓଡ଼ିଶା ପାଚିକା ସହାୟିକା ସଂଘ, ନାରାୟଣ ପାଟଣା କମିଟି ତରଫରୁ ବିଭିନ୍ନ ଦାବି ନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ନାରାୟଣ ପାଟଣା ବ୍ଲକ୍ର ବାଲିପେଟା ଏବଂ ରାଙ୍ଗାମଗୁଡ଼ା ପଞ୍ଚାୟତ ବିଭିନ୍ନ ହାଇସ୍କୁଲର ପାଚିକାମାନେ ଏଥିରେ ସାମିଲ ଥିଲେ। ହାଇସ୍କୁଲରେ କାର୍ଯ୍ୟରତ ପାଚିକାମାନଙ୍କୁ ମନଇଚ୍ଛା ବାହାର କରିବାକୁ ବନ୍ଦ କରିବା, ନାରାୟଣ ପାଟଣା ପ୍ରାଥମିକ ବିଦ୍ୟାଳୟ 'ଖ' କେଜିଭିବି ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ଏବଂ ରାଙ୍ଗାମଗୁଡ଼ା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବନ୍ଦ କରିବା , ବର୍ଷକୁ ୨ ହଳ ଶାଢ଼ି ଏବଂ ଅନ୍ୟ ବସ୍ତ୍ର ପାଇଁ ୧ ହଜାର ଟଙ୍କା ପ୍ରଦାନ କରିବା , ସାମାଜିକ ସୁରକ୍ଷା, ସରକାରଙ୍କ ବୀମା ଯୋଜନାରେ ପାଚିକାଙ୍କୁ ସାମିଲ କରିବା ଏବଂ ପାଚିକାମାନଙ୍କୁ ସରକାରୀ ମାନ୍ୟତା ଦେଇ ମାସିକ ୧୮ ହଜାର ଟଙ୍କା ପ୍ରଦାନ କରିବା ପ୍ରଭୃତି ଦାବି ହୋଇଛି। ନିଖିଳ ଓଡ଼ିଶା ପାଚିକା ସହାୟିକା ସଂଘର ନାରାୟଣ ପାଟଣା ବ୍ଲକ୍ ସଭାପତି ହେମଲତା ତାଡ଼ିଙ୍ଗଙ୍କ ନେତୃତ୍ୱରେ ବିଡିଓ, ତହସିଲଦାର, ନାରାୟଣ ପାଟଣା ଥାନା ଭାରପ୍ରାପ୍ତ ଅଧିକାରୀ , ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

## ତହସିଲଦାରଙ୍କୁ ସିପିଆଇ (ଏମ୍)ର ଦାବିପତ୍ର




ସମାବେଶ ପାଇଁ ବାହାରିଥିବା ଶୋଭାଯାତ୍ରା।

**କାଶୀନଗର, ୧୩।୧୧(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ବ୍ଲକ ସିପିଆଇ(ଏମ୍) ପକ୍ଷରୁ ମଙ୍ଗଳବାର ବ୍ଲକସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦାବି ନେଇ ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ରାଜ୍ୟ ସମ୍ପାଦକ ଜଗନ୍ନାଥ ମିଶ୍ର, ଡିୱାଇଏଫ୍ଆଇ ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ କେ. ମୀନାରାଓ, ସୌମେନ୍ଦ୍ର ଶବର, କେ.ସଞ୍ଜିବ, ଶୁକୁ ଶବର, କାର୍ତ୍ତିକ ଶବରଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ବସ୍ଷ୍ଟାଣ୍ଡରୁ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ଦାବିପତ୍ର ଦେଇଥିଲେ। ଚାଷୀଙ୍କୁ ବାତ୍ୟା ଜନିତ ଫସଲ କ୍ଷୟକ୍ଷତିର କ୍ଷତିପୂରଣ ଓ ଧାନ ଏକର ପିଛା ୨୫ହଜାର ଟଙ୍କା ଦେବା, ମାଗଣାରେ ସାର ବାଣ୍ଟିବା, ବାତ୍ୟା ଦ୍ୱାରା ବାସହୀନ ହୋଇପଡ଼ିଥିବା ବ୍ୟକ୍ତିଙ୍କୁ ଆବାସ ଗୃହ ଯୋଗାଇବା, ଛାତ୍ରୀଛାତ୍ରଙ୍କ ସମସ୍ତ ଫି' ଛାଡ଼ କରିବା, ମାଗଣାରେ ପୋଷାକ ଦେବା, ଗୃହ ନିର୍ମାଣ ପାଇଁ ମାଗଣାରେ ବାଲି, ଇଟା ଯୋଗାଇଦେବା, କାଜୁ ବିକ୍ରି ପାଇଁ ମଣ୍ଡି ଖୋଲିବା, ନବନିର୍ମିତ ଆଦର୍ଶ ବିଦ୍ୟାଳୟ ଲାଗି ହଷ୍ଟେଲ ନିର୍ମାଣ କରାଯିବାକୁ ଦାବି ଉପସ୍ଥାପନ ହୋଇଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୭.୦ |
| ଚାନ୍ଦବାଲି | ୩୦.୪ | ୧୯.୨ |
| କଟକ | ୨୯.୮ | ୧୭.୪ |
| ପାରାଦ୍ୱୀପ | ୩୦.୫ | ୨୦.୮ |
| ଭୁବନେଶ୍ୱର | ୩୧.୫ | ୧୮.୪ |
| ଗୋପାଳପୁର | ୩୩.୦ | ୧୯.୪ |
| ପୁରୀ | ୩୧.୦ | ୨୦.୬ |
| ଅନୁଗୋଳ | ୨୮.୭ | ୧୪.୬ |
| ବାରିପଦା | ୨୮.୬ | ୧୭.୫ |
| ଝାରସୁଗୁଡ଼ା | ୩୧.୭ | ୧୫.୫ |
| କେନ୍ଦୁଝର | ୨୮.୮ | ୧୪.୮ |
| ସମ୍ବଲପୁର | ୩୨.୮ | ୧୬.୮ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୨.୧ | ୧୬.୯ |
| ତାଳଚେର | --- | ୧୬.୭ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୦ |
| କୋରାପୁଟ | ୨୯.୦ | ୧୧.୪ |
| ଫୁଲବାଣୀ | --- | ୧୦.୮ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୨.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍



# ଧରିତ୍ରୀ
DHARITRI

ରାୟଗଡ଼ା, ବୁଧବାର, ନଭେମ୍ବର ୧୪ /୨୦୧୮ | Rayagada, Wednesday, November 14 / 2018 | ପୃଷ୍ଠା-୧




## ଇସ୍ତଫା ଦେଲେ ଫ୍ଲିପ୍‌କାର୍ଟ ସିଇଓ

ଦୁର୍ବ୍ୟବହାର ଅଭିଯୋଗ ଆସିବା ପରେ ଫ୍ଲିପ୍‌କାର୍ଟର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି ବିନି ବଂଶଲ। ତାଙ୍କର ଇସ୍ତଫାକୁ ୱାଲମାର୍ଟ ଗ୍ରହଣ କରିନେଇଛି । ୧୧

୧୨

## ଶଟ୍‌ପୁଟରେ ଆଂଶିକାଙ୍କ ରେକର୍ଡ

କର୍ଣ୍ଣାଟକରେ ଚାଲିଥିବା ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଶାର ଶଟ୍‌ପୁଟ ଥ୍ରୋୟର ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିବା ସହ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି।








PLEDGE 'PLASTIC-FREE' ODISHA

Siddhanta Mahapatra
Actor

#PlasticFreeOdisha

ଧରିତ୍ରୀ DHARITRI TEAM




ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।


NECC NATIONAL EGG CO-ORDINATION COMMITTEE 13.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ପୁଞ୍ଜି ଫିଟାଇବ ନିଯୁକ୍ତି ପଥ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ୪ ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ବାଟ ଫିଟିଛି। ଏହିସବୁ ପୁଞ୍ଜି ପେଟ୍ରୋକେମିକାଲ୍ସ, ଇଲେକ୍ଟ୍ରୋନିକ୍, ଅଣପାରମ୍ପରିକ ଶକ୍ତି, ପ୍ଲାଷ୍ଟିକ୍, ଫର୍ଟିଲାଇଜର, କେମିକାଲ, ପର୍ଯ୍ୟଟନ, ବୟନ ଶିଳ୍ପ, ଏରୋସ୍ପେସ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ୧୫ କ୍ଷେତ୍ରରେ ବିନିଯୋଗ ହେବ। ଏଥିଯୋଗୁ ରାଜ୍ୟରେ ଅତିରିକ୍ତ ୫ ଲକ୍ଷ ୯୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୁଞ୍ଜି ନିବେଶକାରୀଙ୍କ ମଧ୍ୟରେ ୫ଟି ବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ହଳଦିଆ ପେଟ୍ରୋକେମିକାଲ୍ସ ସର୍ବାଧିକ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୬୦ ହଜାର ୯୫୦ କୋଟି, ମହାନଦୀ କୋଲ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ) ୫୮ ହଜାର ୯୯୭ କୋଟି, ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ୪୧ ହଜାର ୪୦୦ କୋଟି ଏବଂ ତାଇୱାନ କମ୍ପାନୀ ୪୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବେ। ଗତ ଦୁଇଦିନ ଧରି ଜନତା ମଇଦାନରେ ଚାଲିଥିବା ମେକ୍ ଇନ୍

### ମେକ୍ ଇନ ଓଡିଶା କନକ୍ଲେଭ



- ୪.୧୯ ଲକ୍ଷ କୋଟିର ପୁଞ୍ଜି ନିବେଶ ହେବ
- ୧୫ କ୍ଷେତ୍ରରେ ବିନିଯୋଗ ହେବ
- ୬ ଲକ୍ଷ ନିଯୁକ୍ତି ମିଳିବ
- ୨୦୨୦ ନଭେମ୍ବର ୩୦ରେ ତୃତୀୟ ସଂସ୍କରଣ

### କେଉଁ କ୍ଷେତ୍ରରେ କାହାର କେତେ ପୁଞ୍ଜି ନିବେଶ

| କମ୍ପାନୀ | ପୁଞ୍ଜି (କୋଟିରେ) | କେଉଁ କ୍ଷେତ୍ରରେ | ନିଯୁକ୍ତି |
|---|---|---|---|
| ହଳଦିଆ ପେଟ୍ରୋକେମିକାଲ୍ସ | ୭୦,୦୦୦ | ଫର୍ଟିଲାଇଜର, ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୩୧୦୦୦ |
| ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ | ୬୦,୯୫୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩,୪୧,୬୫୦ |
| ଏମସିଏଲ ଆଣ୍ଡ ଡବ୍ଲୁସିଏଲ | ୫୮,୭୯୭ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧,୦୪,୮୯୬ |
| ସେଲ | ୪୧,୦୪୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୫୦୦୦ |
| ନାଲ୍‌କୋ | ୩୭,୮୬୧ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୪୬୦୧ |
| ବେଦାନ୍ତ | ୧୫,୬୭୮ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୨୦୬୯୪ |
| ଆଦିତ୍ୟ ବିର୍ଲା ଗ୍ରୁପ | ୧୪,୫୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧୫୫୦ |
| ଆଇଓସିଏଲ | ୧୦,୨୭୩.୫୯ | ଫର୍ଟିଲାଇଜର,ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୮୨୯ |
| ଟାଟା ଷ୍ଟିଲ ଲିମିଟେଡ | ୧୦,୦୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩୦୦୦ |

ଓଡ଼ିଶାର ଇନ୍‌ଭେଷ୍ଟର ମିଟ୍‌ର ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ଏଥିସହିତ ଏହି କନକ୍ଲେଭ୍‌ରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) କରିବା ପାଇଁ ୪ଟି ବିଦେଶୀ କମ୍ପାନୀ ଆଗେଇ ଆସିଛନ୍ତି। ସେହି କମ୍ପାନୀଗୁଡିକ ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଲଜିଷ୍ଟିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଦି କ୍ଷେତ୍ରରେ ୪୬ ହଜାର ୪୬୪ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କନ୍‌କ୍ଲେଭରେ କଣ୍ଟ୍ରି ପାର୍ଟନର ଭାବେ ଯୋଗଦେଇଥିବା ଜାପାନରୁ ଖାଦ୍ୟ ପ୍ରକ୍ରିୟାକରଣ ନେଇ ଏକ ପ୍ରସ୍ତାବ ଆସିଛି। ପୃଷ୍ଠା-୨


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ଆଜିର ସମ୍ପାଦକୀୟ
ଖର୍ଚ୍ଚ କେତେ


### ଆଜିର ମନ୍ତବ୍ୟ

"ବିଫଳ ରାଜନୀତି ଯୋଗୁ ରାଫାଲ ଚୁକ୍ତିକୁ ନେଇ ମିଛ କହୁଛି କଂଗ୍ରେସ।
– ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

## ବ୍ରହ୍ମ ବିଭ୍ରାଟ: ୩ ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

# ୧୧ ସେବାୟତଙ୍କୁ ନୋଟିସ୍



- ୬ ଜଣଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ
- ରୁଜୁ ହୋଇପାରେ ଫୌଜଦାରି ମାମଲା
- ଧାର୍ମିକ ଦିଗରେ ନିଆଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ପୁରୀ ଅଫିସ, ୧୩।୧୧

୩ ବର୍ଷ ପରେ ବ୍ରହ୍ମ ବିଭ୍ରାଟ ଘଟଣାରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା। ଭକ୍ତଙ୍କ ଭାବାବେଗ ସହ ଖେଳି ବିଭ୍ରାଟ ସୃଷ୍ଟି କରିଥିବା ଜଣେ ମହାରଣା ସେବକ ଏବଂ ୧୦ ଦଇତାପତି ସେବାୟତଙ୍କୁ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ଆଇନ-୧୯୫୫ର ଧାରା ୨୧ (କ) ଅନୁଯାୟୀ ନୋଟିସ ଜାରି କରାଯାଇଛି। ସେମାନଙ୍କ ଉତ୍ତରରେ ଶ୍ରୀମନ୍ଦିର ପ୍ରଶାସନ ଯଦି ସନ୍ତୁଷ୍ଟ ନ ହୁଏ ତେବେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବ। ଏପରି କି ପ୍ରୟୋଜନ ହେଲେ ଫୌଜଦାରି ମାମଲା ରୁଜୁ କରାଯାଇପାରେ ବୋଲି ଶ୍ରୀମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରେ ଜଣେ ମୁଖ୍ୟ ମହାରଣା, ୨ ଜଣ ପୃଷ୍ଠା-୮

## ସଙ୍ଗିନ ସ୍ଥିତିରେ ସିଂହଦ୍ୱାର ଗୁମୁଟ

ପୁରୀ ଅଫିସ, ୧୩।୧୧

- ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଝଡ଼ିଗଲାଣି
- ଉଇ ଖାଇ ୩ ବିମ୍ ଦୁର୍ବଳ
- ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇର ଅଣଦେଖା
- କାର୍ତ୍ତିକ ପରେ ମରାମତି: ଏଏସ୍‌ଆଇ

ସଙ୍ଗିନ ସ୍ଥିତିରେ ରହିଛି ସିଂହଦ୍ୱାର ଗୁମୁଟ। ଅଧା ସଂରକ୍ଷଣ କାମ କରି ଛାଡିଦେଇଛି ଏଏସ୍‌ଆଇ। ଗୁମୁଟର ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଦୁର୍ବଳ ହୋଇ ଝଡିଗଲାଣି। ପଶ୍ଚିମ ପାର୍ଶ୍ୱ ପ୍ରବେଶପଥ ଦ୍ୱାରବନ୍ଧ ଉପର ୩ଟି ବିମ୍ ମଧ୍ୟ ଦୁର୍ବଳ ହୋଇପଡିଛି। ଏହାର ଚଟାଣ ପଥର ମଧ୍ୟ ନଷ୍ଟ ହୋଇଗଲାଣି। ୨୦୧୨ ମସିହାରେ ଗୁମୁଟର ସଂରକ୍ଷଣ କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଆରମ୍ଭ କରାଯାଇଥିଲା। ୨ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିଥିଲା। ଏହାପରେ ଗୁମୁଟର ପଶ୍ଚିମ ପାର୍ଶ୍ୱ ସଂରକ୍ଷଣ ନ କରି ଅଧାରୁ ଛାଡିଦେଇଛି। ଏହାକୁ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ ସଂରକ୍ଷଣ କାର୍ଯ୍ୟ କରିବା ଲାଗି ବୈଷୟିକ କମିଟି ପରାମର୍ଶ ଦେଇଥିଲା, ଯାହାକି ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତ ଷ୍ଟାଟସ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇ ଅଣଦେଖା କରି ବାକି କାର୍ଯ୍ୟକୁ ଏ ପର୍ଯ୍ୟନ୍ତ କରିନାହିଁ।

ଶ୍ରୀମନ୍ଦିର ମେଘନାଦ ପାଚେରି ପ୍ରାୟତଃ ୧୪୪୫ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଛି। ସେହି ସମୟରେ ଶ୍ରୀମନ୍ଦିରର ୪ ପ୍ରବେଶ ପଥରେ ଗୁମୁଟ ନିର୍ମାଣ ହୋଇଥିଲା। ସେତେବେଳେ ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ର ଦେବ ଶାସକ ଥିଲେ, ଯାହାକି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। ୧୭୦୦ ଖ୍ରୀଷ୍ଟାବ୍ଦରେ ମନ୍ଦିରରେ ବାହ୍ୟଶତ୍ରୁ ଆକ୍ରମଣ ବେଳେ ସିଂହଦ୍ୱାର ଗୁମୁଟ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ହୋଇ ଖୋଲାଯାଇଛି। ପୃଷ୍ଠା-୮

## ମାଲ୍ୟବନ୍ତ ମହୋତ୍ସବ ନାମ ପରିବର୍ତ୍ତନକୁ ମିଳିଲାନି ସହମତି

- ଜିଲାପାଳ ନେବେ ନିଷ୍ପତ୍ତି

ମାଲକାନଗିରି,୧୩।୧୧(ଡି.ଏନ.ଏ)

ମାଲକାନଗିରି ଡିଆରଡିଏ ସଭାଗୃହରେ ଜିଲାର ଲୋକ ମହୋତ୍ସବ ମାଲ୍ୟବନ୍ତ ମହୋତ୍ସବର ନାମ ପରିବର୍ତ୍ତନ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଅଯୋଧ୍ୟାକାନ୍ତ ଶତପଥୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ବିଧାୟକ ମାନସ ମାଡ଼କାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଆଡମା ରାୱା, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ବିଡିଓ ଗୁଣନିଧି ନାୟକ, ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସମେତ ବହୁ ଆଦିବାସୀ ନେତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଜିଲା ଆଦିବାସୀ ସମାଜ ମହାସଂଘ ମାଲ୍ୟବନ୍ତ ମହୋତ୍ସବର ନାମ ପରିବର୍ତ୍ତନ କରି ଜିଲାର ୧୪ଟି ଜନଜାତିମାନେ ପର୍ବକୁ ପାଣ୍ଡୁମ ବୋଲି କହୁଥିବାରୁ ଆଦିବାସୀ ସଂସ୍କୃତି ପରମ୍ପରାକୁ ଗୁରୁତ୍ୱ ଦେଇ ମହୋତ୍ସବର ନାମ ପରିବର୍ତ୍ତନ କରି ପାଣ୍ଡୁମ ଦେବାକୁ ପ୍ରସ୍ତାବ ଦେଇଥିଲେ। ପୃଷ୍ଠା-୮

## କମିକ୍ ପୁସ୍ତକ ଲେଖକ ଷ୍ଟାନ୍ ଲିଙ୍କ ପରଲୋକ



ଷ୍ଟାନ୍ ଲି

ଲସ୍ ଏଞ୍ଜେଲସ୍,୧୩।୧୧(ପି.ଟି.)

କମିକ୍ ପୁସ୍ତକ ଲେଖକ ତଥା ସୁପର୍‌ହିରୋ ସ୍ପାଇଡରମ୍ୟାନ, ଆଇରନ୍‌ମ୍ୟାନ୍, ଫାଣ୍ଟାଷ୍ଟିକ୍ ଫୋର୍, ଡେୟାରଡେଭିଲ୍ ଆଦି ଚରିତ୍ରର ସ୍ରଷ୍ଟା ଷ୍ଟାନ୍ ଲିଙ୍କ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସୋମବାର ସକାଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ହଲିଉଡ୍ ରିପୋର୍ଟର ପକ୍ଷରୁ ସୂଚନା ମିଳିଛି। ଲିଙ୍କ ମୃତ୍ୟୁ ପରେ ହଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୬୦ ଦଶକରେ ଆମେରିକାରେ ପପ୍ ସଂସ୍କୃତିକୁ ଆଗେଇନେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଲି। ୧୯୨୨ ଡିସେମ୍ବର ୨୮ରେ ଜନ୍ମିତ ଏହି ଲୋକପ୍ରିୟ ଲେଖକ ଦର୍ଶକଙ୍କୁ ଅନେକ କମିକ୍ ପୁସ୍ତକ ଭେଟିଦେଇଛନ୍ତି। ଜ୍ୟାକ୍ କିର୍ବି ଏବଂ ଷ୍ଟିଭ ଦିତ୍‌କୋଙ୍କ ସହ ମିଶି ସେ ମାର୍ଭେଲ୍ କମିକ୍ସରେ ଚମତ୍କାରିତା ଦେଖାଇଛନ୍ତି। କିର୍ବିଙ୍କ ସାଥିରେ କାର୍ଯ୍ୟ କରି ସେ ହଲ୍କ, ଥର୍, ଆଇରନ୍‌ମ୍ୟାନ୍ ଏବଂ ଏକ୍ସମ୍ୟାନ୍ ଚରିତ୍ରକୁ ଅବତାରଣା କରିଛନ୍ତି। ଏସବୁ ଫିଲ୍ମ ପିଲା ଏବଂ ଯୁବପିଢ଼ିଙ୍କ ବେଶ୍ ପସନ୍ଦ ହୋଇପାରିଛି। ଏକାଧାରରେ ଲି ଜଣେ ବିଶିଷ୍ଟ ଲେଖକ, ସମ୍ପାଦକ, ପ୍ରକାଶକ, ଅଭିନେତା ଓ ଫିଲ୍ମ ନିର୍ମାତା ଥିଲେ।

# ଗଢ଼ାହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍

ଅମିତ କୁମାର ସାମଲ
ଅନୁଗୋଳ ଅଫିସ,୧୩।୧୧



- ଏନ୍‌ସିସି ଢାଞ୍ଚାରେ ହେବ
- ଅନୁଗୋଳରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ
- ଉଚ୍ଚ ବିଦ୍ୟାଳୟର ୪୪ ଛାତ୍ରୀଛାତ୍ର ହେବେ ସାମିଲ

ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଢାଞ୍ଚାରେ ଗଢ଼ା ହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି)। ସ୍କୁଲ ଛାତ୍ରୀଛାତ୍ର ଏଥିରେ କ୍ୟାଡେଟ୍ ଭାବେ ରହିବେ। ଶୃଙ୍ଖଳା ସହ ଏକତ୍ର ହୋଇ ଛାତ୍ରୀଛାତ୍ରମାନେ କିପରି କାର୍ଯ୍ୟ କରିବେ, ସେ ନେଇ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାଛଡ଼ା ସମାଜ ସହ ପୋଲିସକୁ କେମିତି ନିକଟତର କରିହେବ ସେ ନେଇ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୋଳରେ ଏହା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସାଧାରଣ ଲୋକଙ୍କ ସହ ପୋଲିସର ସୁସମ୍ପର୍କ ରହୁନାହିଁ। ଅନେକ ସମୟରେ ପୋଲିସ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଗଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏପରି କି ଲୋକଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛି। ତେଣୁ ସାଧାରଣ ଲୋକ ଓ ପୋଲିସ ମଧ୍ୟରେ କିପରି ସୁ ସମ୍ପର୍କ ରହିବ ସେ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏପରି ବ୍ୟବସ୍ଥା ଆପଣାଯିବାକୁ ସ୍ଥିର କରାଯାଇଛି। ପୋଲିସ ଲୋକଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ସ୍କୁଲସ୍ତରରୁ ହିଁ ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ ଯୋଜନା କରିଛି ଓଡ଼ିଶା ପୋଲିସ। ରାଜ୍ୟର ସମସ୍ତ ଜିଲାର ଗୋଟିଏ ଲେଖାଏ ସ୍କୁଲରେ ଏହି ଏସ୍‌ପିସି ଆରମ୍ଭ କରାଯିବ। ଅନୁଗୋଳ ହାଇସ୍କୁଲର ୪୪ ଛାତ୍ରୀଛାତ୍ରଙ୍କୁ ଏସ୍‌ପିସିରେ ସାମିଲ କରାଯିବ। ଏ ନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନୁଗୋଳ ପୋଲିସ ମଧ୍ୟରେ ମୌଖିକ ଆଲୋଚନା ସରିଛି। କେବଳ ଜିଲା ପ୍ରଶାସନ ସହ ବୈଠକ ବାକି ଅଛି। ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷା ଅଧିକାରୀ, ମନୋନୀତ ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ଖୁବ୍‌ଶୀଘ୍ର ବୈଠକ ହେବ। ଏହାପରେ ଅନୁଗୋଳ ପୋଲିସ ପକ୍ଷରୁ ଦୁଇ ବର୍ଷ ପାଇଁ ଏସ୍‌ପିସି କ୍ୟାଡେଟ୍ ଚୟନ କରାଯିବ। ପ୍ରଥମେ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ଖାକି ୟୁନିଫର୍ମ ପ୍ରଦାନ କରାଯିବ। ସପ୍ତାହକୁ ଗୋଟିଏରୁ ଦୁଇଟି କ୍ଲାସ ମଧ୍ୟ ନିଆଯିବ। ଏଥିରେ ଛାତ୍ରୀଛାତ୍ରଙ୍କୁ ଡ୍ରିଲ୍ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ, ବନ ବିଭାଗ, ଅବକାରୀ ନିୟମ ସହ ବ୍ୟକ୍ତିଗତ ଶୃଙ୍ଖଳା, ଏକତ୍ରିତ ହୋଇ ରହିବା ଆଦି ବିଷୟରେ ଶିକ୍ଷା ଦିଆଯିବ। ଏଥିପାଇଁ ଜଣେ ଡ୍ରିଲ୍ ସବ୍-ଇନ୍ସପେକ୍ଟରଙ୍କୁ ନିଯୁକ୍ତ କରାଯିବ। ଦୁଇ ବର୍ଷ ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହା ସମର ଶିକ୍ଷାର୍ଥୀ ବାହିନୀ, ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ପ୍ରମାଣପତ୍ର ଭଳି କାମ ଦେବ। ପୋଲିସ ଠାରୁ ଲୋକଙ୍କ ଦୂରତ୍ୱ କମାଇବା ପାଇଁ ଏପରି ଅଭିନବ ପ୍ରୟାସ କରାଯାଇଛି ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଏସ୍‌ପିସିରେ ସାମିଲ ଛାତ୍ରୀଛାତ୍ରମାନେ ସମାଜରେ ପୋଲିସର ଛବି ବଢ଼ାଇବା ସହ ନିଜେ ମଧ୍ୟ ଶୃଙ୍ଖଳିତ ହେବେ, ଯାହା ଭବିଷ୍ୟତରେ ସେମାନଙ୍କ କାର୍ଯ୍ୟରେ ଆସିବ। ସେହିପରି କ୍ୟାଡେଟ୍‌ମାନଙ୍କୁ ବିଭିନ୍ନ ଥାନା ସହ ଜିଲା ପୋଲିସ ମୁଖ୍ୟାଳୟ ଓ ରାଜ୍ୟ ପୋଲିସ କାର୍ଯ୍ୟାଳୟ ପରିଦର୍ଶନରେ ନିଆଯିବ। ସେଠାରେ ହେଉଥିବା କାର୍ଯ୍ୟକଳାପ ସମ୍ବନ୍ଧରେ ସେମାନଙ୍କୁ ଅବଗତ କରାଯିବ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ କହିଛନ୍ତି, ଏସ୍‌ପିସି ବିଷୟରେ ଅନୁଗୋଳ ପୋଲିସ ପକ୍ଷରୁ ବିଦ୍ୟାଳୟ ସହ ମୌଖିକ ଆଲୋଚନା କରାଯାଇଛି। ଏହା କିପରି ଗଠନ ହେବ, କ'ଣ କାର୍ଯ୍ୟ କରିବ, ତାହା ସ୍ପଷ୍ଟ ହୋଇନାହିଁ। ଜିଲା ପ୍ରଶାସନ ସହିତ ବୈଠକ ପରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ବିଦ୍ୟାଳୟକୁ ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଏକ ପତ୍ର ଆସିଛି। ଯେଉଁଥିରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଏସ୍‌ପିସି ପାଇଁ ମନୋନୀତ ହୋଇଥିବା ଉଲ୍ଲେଖ ରହିଛି। ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପ୍ରଧାନଶିକ୍ଷୟିତ୍ରୀ ନନ୍ଦ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତରେ ଏପରି ବ୍ୟବସ୍ଥା ପ୍ରଥମେ କେରଳ ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିଲା। ୨୦୧୦ ଅଗଷ୍ଟ ୨ରେ ଏହା ସେଠାରେ ଲାଗୁ ହୋଇଥିଲା।

- ପରପାରିରେ ଚିତ୍ତ ଜେନା

## ସେ ଥିଲେ ମତୁଆଲା ଗୀତର ଯାଦୁକର



ଚିତ୍ତ ଜେନା

କଟକ ଅଫିସ, ୧୩।୧୧

ନ ଯାରେ ନ ଯା' ଗୋରୀ ବାଲି ଯାତରା ଦେଖି, ତୋ ଗୋରା ଦେହେ ଯିବ କାଳେ କାହା ନଜର ଲାଖି। ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର, ରୂପ ହୋଇଥିବ ଲାବଣ୍ୟବତୀ, ଏ ପରବତ କୁଈଁ କୁଈଁକା, ଜଳୁଛି ଦୀପାଳି ଆଖିର ଲୁହରେ, ଭଳି 'କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର...' ଗୀତ କାନରେ ବାଜିବା ଆଖି ସାମ୍ନାରେ ପୃଷ୍ଠା-୨

# ବୁଗୁଡ଼ା ଥାନାରେ ଓକିଲଙ୍କୁ ପୋଲିସର ମାଡ଼ ଅଭିଯୋଗ

ବୁଗୁଡ଼ା,୧୩।୧୧(ଡି.ଏନ.ଏ.)- କଟକରେ ଜଣେ ଓକିଲଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ବିବାଦ ଥମି ନ ଥିବା ବେଳେ ଗଞ୍ଜାମ ଜିଲା ବୁଗୁଡ଼ା ଥାନାରେ ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିଛି। ମଙ୍ଗଳବାର ବୁଗୁଡ଼ା ଥାନାରେ ଓକିଲ ହରପ୍ରସାଦ ଦାଶଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଆହତ ହରପ୍ରସାଦ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାର ପ୍ରତିବାଦ କରିଛି ବୁଗୁଡ଼ା ଓକିଲ ସଂଘ। ସନ୍ଧ୍ୟାରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୁଧବାର ଭଞ୍ଜନଗର ବାର୍‌ରେ ବୈଠକ ବସିବ। ଉକ୍ତ ବୈଠକର ନିଷ୍ପତ୍ତି ପ୍ରକାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ ବୁଗୁଡ଼ା ଥାନାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିବାଦୀୟ ରାସ୍ତା ଓ ପାଚେରି ନିର୍ମାଣ ପ୍ରସଙ୍ଗକୁ ନେଇ ଓକିଲ ଦାଶ ପୂର୍ବାହ୍ନ ପ୍ରାୟ ୧୧ଟାରେ ବୁଗୁଡ଼ା ଥାନାକୁ ଆସିଥିଲେ । ସେଠାରେ ସେ ବିବାଦୀୟ ରାସ୍ତା ସମ୍ପର୍କରେ ଥାନାଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଉଭୟଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଏପରିକି ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା । ପରେ ଥାନା ଅଧିକାରୀ ବିଶ୍ୱାଳ ତାଙ୍କୁ ମାଡ଼ ମାରିଥିବା ନେଇ ଓକିଲ ଦାଶ ଅଭିଯୋଗ କରିଛନ୍ତି। ବୁଗୁଡ଼ା ଓକିଲ ସଂଘର ସଭାପତି ବନବାସୀ ମହାରଣାଙ୍କ ନେତୃତ୍ୱରେ ଓକିଲମାନେ ଥାନାଧିକାରୀ ବିଶ୍ୱାଳଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ତେବେ ସେ ଏହାକୁ ଅସ୍ୱୀକାର କରିଥିଲେ। ବରଂ ଓକିଲ ଦାଶ ଥାନାରେ ଗାଳିଗୁଲଜ କରିଥିଲେ ବୋଲି କହିଥିଲେ। ଓକିଲମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ସଂଘର ଏକ ବୈଠକ ଡ଼ାକିଥିଲେ। ଉକ୍ତ ବୈଠକରେ ଭଞ୍ଜନଗର ଓକିଲ ସଂଘର କର୍ମକର୍ତ୍ତା ମଧ ଯୋଗ ଦେଇଥିଲେ। ବୁଧବାର ଭଞ୍ଜନଗର ବାର୍‌ରେ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେପଟେ ଥାନା ଅଧିକାରୀ ବିଶ୍ୱାଳଙ୍କ ନାମରେ ବୁଗୁଡ଼ା ଥାନାରେ ଓକିଲ ଦାଶ ଏତଲା ଦେଇଛନ୍ତି।



ଆରପାରିରେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତ ଜେନା

# ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରକୁ ବିଜୁଳି : ମୁଖ୍ୟମନ୍ତ୍ରୀ

- ୬୫ତମ ଫୋରମ୍ ଅଫ୍ ରେଗୁଲେଟର ବୈଠକ
- ଯୋଗ ଦେଲେ ବିଭିନ୍ନ ରାଜ୍ୟର ପ୍ରତିନିଧି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରେ ବିଜୁଳି ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଫୋରମ୍ ଅଫ୍ ରେଗୁଲେଟର ବୈଠକରେ ଯୋଗ ଦେଇ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦେଶର ଶକ୍ତି କ୍ଷେତ୍ର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବ । ଭବିଷ୍ୟତରେ ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏହି ବୈଠକ ଉପାଦେୟ ହୋଇପାରିବ। ବିଦ୍ୟୁତ୍ ସେବା କ୍ଷେତ୍ରରେ ସଂସ୍କାର ଆଣିବା ସହ ନିଜସ୍ୱ ଆୟୋଗ ଗଢିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ବିଗତ ଦୁଇ ଦଶନ୍ଧିରେ ଶକ୍ତି କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦିନକୁ ଦିନ ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ସହ ବିପର୍ଯ୍ୟୟ ସମୟରେ ଶକ୍ତି ସେବା ଯୋଗାଇ ଦେବାରେ ରାଜ୍ୟ ସାମର୍ଥ୍ୟ ହାସଲ କରିଛି। ବିଦ୍ୟୁତ୍ ଅଧିନିୟମ-୨୦୦୩ରେ ପ୍ରସ୍ତାବିତ କେତେକ ସଂଶୋଧନ ଉପରେ ସହମତି ଆସିନାହିଁ। ତେଣୁ ଏହି ବୈଠକରେ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ବିଚାରବିମର୍ଶ ହେବା ସହ ଉପାଦେୟ ପ୍ରସ୍ତାବ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ପୁରୁଷ ହକି ବିଶ୍ୱକପ୍ ଦେଖିବା ପାଇଁ ଆମନ୍ତ୍ରଣ ମଧ କରିଥିଲେ।

ସେହିପରି ବୈଠକ ଶେଷରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ପ୍ରଦୀପ ପୂଜାରୀ ବୈଠକରେ ଆଲୋଚିତ ପ୍ରସଙ୍ଗ ନେଇ ମତ ରଖିଥିଲେ। ସେ କହିଛନ୍ତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ପାରୁ ନ ଥିବା ବଣ୍ଟନ କମ୍ପାନୀଗୁଡିକ ଉପରେ ଜରିମାନା ବସାଇବା, ।ସାମଗ୍ରିକ ଭାବେ ବୈଷୟିକ ଏବଂ ବ୍ୟବସାୟିକ କ୍ଷତିକୁ ହ୍ରାସ କରିବା ଭଳି କେତେକ ପ୍ରମୁଖ ସଂଶୋଧନ ନେଇ ଆଲୋଚନା ହୋଇଛି। ସେହିପରି ରାଜ୍ୟରେ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ। ଉକ୍ତ ବୈଠକରେ ଦେଶର ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

# ଆନନ୍ଦବଜାରରେ ଭକ୍ତଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ପୁରୀ ଅଫିସ,୧୩।୧୧:** ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମ ଜାରି ରଖିଛି। ତଥାପି କେତେଜଣ ସୁଆର ସେବକ ସେମାନଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିପାରୁ ନାହାନ୍ତି। ପୂର୍ବପରି ଭକ୍ତଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ମଙ୍ଗଳବାର ମହାପ୍ରସାଦ କିଣିବାକୁ ଯାଇଥିବା ବାଲେଶ୍ୱର ଜିଲାର ଜଣେ ଭକ୍ତ ଦୁର୍ବ୍ୟବହାରର ଶିକାର ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ସେ ଆନନ୍ଦବଜାରକୁ ମହାପ୍ରସାଦ କିଣିବାକୁ ଯାଇଥିଲେ। ଜଣଙ୍କ ପାଇଁ ଅବଢ଼ା ଦେବାକୁ କହିଥିଲେ। ମୃଷା ନାମକ ଜଣେ ବ୍ୟକ୍ତି ତାଙ୍କୁ ମହାପ୍ରସାଦ ଦେଇ ୧୦୦ ଟଙ୍କା ଦେବାକୁ କହିଥିଲେ। ହେଲେ ପୂର୍ବରୁ ସେ ଏହି ମହାପ୍ରସାଦକୁ ୫୦ ଟଙ୍କାରେ କିଣୁଥିବା କହିବାରୁ ମୃଷା ତାଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିବା ସେ ଅଭିଯୋଗ କରିଛନ୍ତି।

# ୫ ଦିନ ପରେ ଘରକୁ ଫେରିଲେ ଅପହୃତ ବ୍ୟବସାୟୀ ସୁନୀଲ

- ଅପହରଣ ସମୟରେ ୨ଟି ବାଇକ ଓ ଗୋଟିଏ ସ୍କୋର୍ପିଓ ବ୍ୟବହାର ହୋଇଥିଲା
- ୧୦ ଊର୍ଦ୍ଧ୍ୱ ଯୁବକ ସାମିଲ ଥିଲେ।
- ଅପହରଣକାରୀ ସୁନିଲଙ୍କ ଆଖିରେ ପଟି ବାନ୍ଧି ଜଙ୍ଗଲରେ ନେଇ ରଖୁଥିଲେ।



ନବରଙ୍ଗପୁର,୧୩।୧୧(ବି.ପ୍ର.)

ନବରଙ୍ଗପୁର ଜିଲାର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଏମପିଙ୍କ ନନ୍ଦାହାଣ୍ଡି ବ୍ଲକ ପ୍ରତିନିଧି ସଦାଶିବ ସାହୁ(ସୁନିଲ ସାହୁ) ଅପହରଣ ହେବାର ୫ ଦିନ ପରେ ଘରକୁ ଫେରିଛନ୍ତି। ସୋମବାର ସନ୍ଧ୍ୟା ୭ଟାରେ ଅପହରଣକାରୀମାନେ ସୁନିଲଙ୍କୁ ତାଙ୍କ ମାଏଷ୍ଟ୍ରୋ ଗାଡି ସହ ଛାଡି ଦେଇଛନ୍ତି । ପୋଲିସ ଚଢାଉରେ ଭୟଭୀତ ହୋଇ ଅପହରଣକାରୀମାନେ ତାଙ୍କୁ ଛାଡି ଦେଇଥିବା ସୁନିଲ କହିଛନ୍ତି।

ଏ ସମ୍ପର୍କରେ ସୁନିଲଙ୍କୁ ପଚାରିବାରୁ ସେ କହିଛନ୍ତି ଅପହରଣ ସମୟରେ ୫ରୁ ୭ ମିନିଟ ଧରି ଅପହରଣକାରୀଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା । ତାଙ୍କ ପିଠି ,କାନ୍ଧ, ମୁଣ୍ଡକୁ ଅପହରଣକାରୀମାନେ ଏକ ବାଡିରେ ମାଡ ମାରିଥିଲେ। ଅପହରଣ ପରେ ତାଙ୍କ ମାଏଷ୍ଟ୍ରୋ ଗାଡିକୁ ମଧ ଅପହରଣକାରୀମାନେ ନେଇ ଯାଇଥିଲେ । ଅପହରଣ ସମୟରେ ଅପହରଣକାରୀ ମାନେ ୨ଟି ବାଇକ ଓ ଏକ ଧଳା ସ୍କୋର୍ପିଓ ଗାଡି ବ୍ୟବହାର କରିଥିଲେ। ୧୦ ଜଣରୁ ଊର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ହୋଇଥିଲେ । ତାଙ୍କ ପକେଟରେ ଥିବା ୩୫ ହଜାର ଟଙ୍କା ଓ ୧୭ ଗ୍ରାମର ଏକ ସୁନା ଚେନ ଅପହରଣକାରୀମାନେ ନେଇ ଯାଇଛନ୍ତି । ଅପହରଣରକାରୀମାନେ ସମସ୍ତେ ଓଡିଆ ଭାଷାରେ କଥା ହେଉଥିଲେ । ଅପହରଣ ପରେ ଆଖିରେ ପଟି ବାନ୍ଧିକି ନେଇଥିଲେ । ୫ ଦିନ ଧରି ଆଖିରୁ ପଟି ଖୋଲିବାକୁ ଦେଇ ନଥିଲେ। ୨ ଦିନ ସ୍କୋର୍ପିଓ ଗାଡିରେ ଏକ ଜଙ୍ଗଲକୁ ନେଇ ସେଠାରେ ରଖିଥିଲେ। ଗାଡି ଭିତରେ ଖାଇବାକୁ ଦେଉଥିଲେ । ପରବର୍ତ୍ତୀ ସମୟରେ ସ୍କୋର୍ପିଓକୁ ଜଙ୍ଗଲରେ ଛାଡି ଦେଇ ବାଇକରେ ବିଭିନ୍ନ ସ୍ଥାନ ବୁଲାଇଥିଲେ । ଜୟପୁର, କୋରାପୁଟ, ନବରଙ୍ଗପୁର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା ଅପହରଣକାରୀମାନେ ଜାଣିବା ପରେ କିଛି ସମୟ ପାଇଁ ସେମାନେ ଛତ୍ରଭଙ୍ଗ ହୋଇ ଯାଉଥିଲେ। ଜଣେ ମାତ୍ର ମାରଣାସ୍ତ୍ର ଧରି ତାଙ୍କୁ ଜଗି ରହୁଥିଲା । ଅପହରଣକାରୀମାନେ ଯେଉଁ ସ୍ଥାନରେ ନେଇ ରଖୁଥିଲେ ତାହା ଜୟପୁର ପେପର ମିଲ ଓ ରେଲ ଲାଇନ ନିକଟ ଆଖ ପାଖ ଅଞ୍ଚଳ ହୋଇଥିବ ବୋଲି ସେ ଅନୁମାନ କରୁଛନ୍ତି । ପେପର ମିଲ ଓ ରେଳ ଚଳାଚଳ ହେଲେ ତାହାର ହର୍ଣ୍ଣ ଶବ୍ଦ ତାଙ୍କୁ ଶୁଣାଯାଉଥିବା ସେ କହିଥିଲେ । ସୋମବାର ସନ୍ଧ୍ୟା ୭ଟା ବେଳକୁ ଜୟପୁର ଠାରୁ ପ୍ରାୟ ୪ କିମି ଦୂର ହେବ ଜୟନଗର ନିକଟରେ ମାଏଷ୍ଟ୍ରୋ ଗାଡି ସହ ଆଣି ଛାଡି ଦେଇଥିଲେ । ସେଠାରୁ ତୁରନ୍ତ ସେ ତାଙ୍କ ଭଣଜା ଘର ଜୟପୁର ସ୍ଥିତ ଇରିଗେସନ କଲୋନୀ ଯାଇ ସେଠାରୁ ଘରକୁ ଖବର ଦେଇଥିଲେ । ରାତି ୯ଟାରେ ନବରଙ୍ଗପୁର ସ୍ଥିତ ତାଙ୍କ ବାସ ଭବନରେ ପହଞ୍ଚି ପ୍ରଥମେ ପ୍ରାଥମିକ ଚିକିତ୍ସା କରିଥିଲେ । ସୁନିଲଙ୍କ ଅଣ୍ଟା ଓ ପଛପାଖରେ ଅପହରଣକାରି ମାମେ ପ୍ରବଳ ମାଡ ମାରିଥିବାରୁ ସେ ଏବେ ଠିକ ଭାବରେ ବସି ପାରୁ ନାହାନ୍ତି । ଅପହରଣ କାରୀଙ୍କ ମଧରେ ସେ ଜଣଙ୍କୁ ଦେଖିଲେ ଚିହ୍ନି ପାରିବେ ବୋଲି କହିଛନ୍ତି । ତେବେ ସ୍ଥାନୀୟ କିଛି ଲୋକଙ୍କ ଏହି ଅପହରଣ ଘଟଣାରେ ହାତଥିବା ସେ କହିଛନ୍ତି । ପୋଲିସର ବିଭିନ୍ନ ସ୍ଥାନରେ ଚଢାଉ, ପାଟ୍ରୋଲିଂ ଲାଗି ଅନ୍ୟ ଉପାୟ ନପାଇ ଅପହରଣ କାରୀ ମାନେ ଛାଡି ଦେଇଥିବା ସୁନିଲ କହିଛନ୍ତି। ସୁନିଲଙ୍କ ଘର ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗାଁରେ । ସେ କିଛି ବର୍ଷ ହେବ ନବରଙ୍ଗପୁର ଠାରେ ରୋକିଶାନ ହୋଟେଲ ଓ ଲଜ କରି ବ୍ୟବସାୟ କରୁଛନ୍ତି। ଗୁରୁବାରୁ ତାଙ୍କୁ ନନ୍ଦାହାଣ୍ଡି ବ୍ଲକର ଖୁଣ୍ଟିଆ-ସିନ୍ଧିଗୁଡା ନିକଟରୁ ଅପହରଣ କରାଯାଇଥିଲା ।

# ବୁଗୁଡ଼ା ପୋଲିସର ଏନ୍‌କାଉଣ୍ଟର

ବୁଗୁଡ଼ା,୧୩।୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପୋଲିସ ଏନ୍‌କାଉଣ୍ଟରରେ ବିଭିନ୍ନ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଜାମୁପାଟଣା ଗ୍ରାମର ବେଣୁ ବାରିକ। ମଙ୍ଗଳବାର ସକାଳେ କରଚୁଲି ନିକଟସ୍ଥ ରାମପାଦ ଜଙ୍ଗଲରେ ବେଣୁଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ପ୍ରଥମେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବେଣୁଙ୍କ ନିକଟରୁ ବନ୍ଧୁକ, ଗୁଳି, ମୋବାଇଲ ଫୋନ ଓ ବାଇକ୍ ଜବତ କରାଯାଇଛି। ତାଙ୍କ ସହଯୋଗୀ ବୁଲୁ ଦାଶ ଖସି ପଳାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବେଣୁ ମାଣିତରା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଓ ଖୋର୍ଦ୍ଧାରେ ଏକ ବ୍ୟାଙ୍କ ଡକାୟତି ସହ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ଓଡ଼ଗାଁ ଥାନାରେ ମଧ ତାଙ୍କ ନାମରେ ୩ ମାମଲା ରହିଛି। ୨୦୧୩ରୁ ଖୋର୍ଦ୍ଧା ଜେଲ୍‌ରୁ ପାରୋଲରେ ଆସି ସେ ବିଭିନ୍ନ ଅପରାଧ ଭିଆଉଥିଲେ। ମଙ୍ଗଳବାର ଭୋର ପ୍ରାୟ ୬ଟାରେ କରଚୁଲି ଜଙ୍ଗଲ ଅଞ୍ଚଳରେ ବେଣୁ ଓ ତାଙ୍କ ସାଙ୍ଗ ବୁଲୁ ବାଇକରେ ବୁଲୁଥିବା ପୋଲିସକୁ ସୂଚନା ମିଳିଥିଲା। ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କ ନେତୃତ୍ୱରେ ବୁଗୁଡ଼ା ଥାନାଧିକାରୀ ରାମଚନ୍ଦ୍ର ବିଶ୍ୱାଳ ପୋଲିସ ଫୋର୍ସ ସହ କରଚୁଲି ଜଙ୍ଗଲକୁ ଯାଇଥିଲେ।




























# ଖର୍ଚ୍ଚ କେତେ

କିଛି ବର୍ଷ ହେବ ଦେଖିବାକୁ ମିଳୁଛି କୌଣସି ରାଜ୍ୟ, ସହର ବା ସ୍ଥାନର ନାମ ପରିବର୍ତ୍ତନ କରିବାରେ ଭାରତୀୟମାନେ ଆନନ୍ଦ ଅନୁଭବ କରୁଛନ୍ତି । ଦୀର୍ଘବର୍ଷ ଧରି ରହିଆସିଥିବା ନାମ ବଦଳରେ ଆଞ୍ଚଳିକ କିମ୍ବା ସ୍ଥାନୀୟ ସ୍ୱାଦ ଥିବା ଏକ ନାମ ଦିଆଗଲେ ତାହା ଅଧିକ ଗ୍ରହଣୀୟ ହେବ ବୋଲି ଯୁକ୍ତି କରାଯାଉଛି । ବାସ୍ତବ କ୍ଷେତ୍ରରେ ନାମ ପରିବର୍ତ୍ତନ ପରେ କେଉଁ ପ୍ରକାର ବିକାଶ ସମ୍ପୃକ୍ତ ଅଞ୍ଚଳରେ ଘଟୁଛି, ତାହା ଉପରେ କେହି ଗବେଷଣା କରୁଥିବା ଭଳି ମନେହେଉ ନାହିଁ । କେତେକ ରାଜନୈତିକ ଦଳ ଭୋଟ ଧ୍ରୁବୀକରଣ କରି ସେଥିରୁ ଫାଇଦା ନେବା ଉଦ୍ଦେଶ୍ୟରେ ଏଭଳି କରୁଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି । ସଦ୍ୟ ଘଟଣାକୁ ଦେଖିଲେ, ନଭେମ୍ବର ୧୩ରେ ଉତ୍ତରପ୍ରଦେଶ କ୍ୟାବିନେଟ୍ ଫୈଜାବାଦ ଓ ଆଲ୍ଲାହାବାଦ ନାମକୁ ଯଥାକ୍ରମେ ଅଯୋଧ୍ୟା ଓ ପ୍ରୟାଗରାଜ କରିବା ଲାଗି ଅନୁମୋଦନ କରିଛନ୍ତି । ସେହିଭଳି କେନ୍ଦ୍ର ସରକାରଙ୍କ ପାଖରେ ଦେଶର ପ୍ରାୟ ୨୫ଟି ସହର କିମ୍ବା ସ୍ଥାନର ନାମ ପରିବର୍ତ୍ତନ ନେଇ ଥିବା ଦାବିକୁ ଏକବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ଶୁଣିବାକୁ ମିଳିଛି ।

କୌଣସି ଆବଶ୍ୟକତା ନ ଥିବା ବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ ପାଇଁ ଦେଖାଉଥିବା ଉତ୍ସୁକତାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି । ଏଠାରେ ଉଲ୍ଲେଖଯୋଗ୍ୟ, ଆଦିତ୍ୟନାଥ ହେଉଛନ୍ତି ଗୋରଖପୁର ଅଞ୍ଚଳର ନେତା । କେବଳ ନାମକୁ ଦେଖିଲେ ହୁଏତ ଏହା ଗୋମାତା ରକ୍ଷା କରୁଥିବା ଅଞ୍ଚଳ ବା ପୁରକୁ ବୁଝାଯାଉଥାଇପାରେ । ତେବେ ସେହି ଗୋରଖପୁରରେ କେବଳ ୨୦୧୭ରେ ହସ୍ପିଟାଲରେ ୧,୩୧୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟିଥିଲା । ଗୋମାତାର ରକ୍ଷା କରୁଥିବା ପ୍ରସିଦ୍ଧ ଅଞ୍ଚଳରେ ନବଜାତ ଶିଶୁଙ୍କ ରକ୍ଷା କରିବା ପାଇଁ କେହି ନ ଥିବା ଭଳି ମନେହୁଏ । ଏହି କଥା କହିବାର ଅର୍ଥ ହେଲା ଯେ, ଭାରତର ରାଜନୈତିକ ନେତାଙ୍କ ସମେତ ସମଗ୍ର ପ୍ରଶାସନର ଗୋଟିଏମାତ୍ର ଲକ୍ଷ୍ୟ ରହିବା ଆବଶ୍ୟକ । ସେହି ଲକ୍ଷ୍ୟଟି ହେଲା ହ୍ୟୁମାନ୍ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସ ବା ମାନବ ବିକାଶ ସୂଚକାଙ୍କ ଅଭିବୃଦ୍ଧି ଘଟାଇବା । କିନ୍ତୁ ଦୁଃଖର ବିଷୟ ହେଉଛି ଭାରତୀୟ ନାଗରିକର ମୌଳିକ ଆବଶ୍ୟକତାଗୁଡ଼ିକୁ କୌଣସି ରାଜନୈତିକ ବା ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯାଉନାହିଁ । ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ସମ୍ପର୍କିତ ବହୁ ତଥ୍ୟ ଅନେକେ ପଢ଼ିଥିବେ । ଏହି ଦୁଇ ଅତ୍ୟାବଶ୍ୟକ ସୁବିଧାର ଘୋର ଅଭାବ ସମ୍ପର୍କରେ ଯଥେଷ୍ଟ ଆଲୋଚନା ହୋଇସାରିଲାଣି । ଏହା ବ୍ୟତୀତ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ କୌଣସି ଜୋର ଆଲୋଚନା ହେଉଥିବା ପରିଲକ୍ଷିତ ହେଉନାହିଁ । ପ୍ରଥମଟି ହେଲା କୃଷି କ୍ଷେତ୍ରରେ ବିପଜ୍ଜନକ ରାସାୟନିକ ଦ୍ରବ୍ୟର ଅପବ୍ୟବହାର; ଦ୍ୱିତୀୟଟି ହେଲା ଶିକ୍ଷା ବ୍ୟବସ୍ଥାର ଆଧୁନିକୀକରଣ । ଅତ୍ୟଧିକ ଉତ୍ପାଦନରୁ ଅଧିକ ଲାଭ ମିଳିବ ବୋଲି ମନ୍ଦ ଚିନ୍ତା ଚାଷୀଙ୍କ ମୁଣ୍ଡରେ ପୂରାଇବା ପାଇଁ ସରକାରୀ କଳ ଅନେକ ଦଶନ୍ଧି ଧରି କାର୍ଯ୍ୟ କରିଆସୁଛି । ଜମି ଏବଂ ଭୂତଳ ଜଳକୁ ନଷ୍ଟ କରିବା ଭଳି କୃଷି ସମ୍ପର୍କିତ କାର୍ଯ୍ୟ ଫଳରେ ଆଜି ପଞ୍ଜାବ ଓ ହରିୟାଣା ଭଳି ରାଜ୍ୟରେ କ୍ଷେତରୁ ଉତ୍ପାଦନ କମିବା ବେଳେ ସେଠାକାର ନାଗରିକଙ୍କଠାରେ କର୍କଟ ଭଳି କଷ୍ଟଦାୟକ ରୋଗ ବ୍ୟାପୁଛି ।

ଏହା ବ୍ୟତୀତ ଶିକ୍ଷାକୁ ଦୀର୍ଘଦିନ ଧରି ଧ୍ୟାନ ଦିଆ ନ ଯାଇଥିବାରୁ ଅଯୋଗ୍ୟ ଏବଂ ହତୋତ୍ସାହିତ ଯୁବପିଢ଼ି ସୃଷ୍ଟି ହୋଇଛନ୍ତି । କେବଳ ଆଇଆଇଟି, ଆଇଆଇଏମ୍ ଭଳି ଅତି ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସରକାର ନିଜର ସବୁ ସମ୍ବଳ ବ୍ୟବହାର କରୁଛନ୍ତି । ଏହାଫଳରେ ମୌଳିକ ଶିକ୍ଷାର ଉନ୍ନତି ଘଟିପାରୁନାହିଁ । ଗ୍ରାମାଞ୍ଚଳରେ ରହୁଥିବା ଅଧିକାଂଶ ପିଲାଙ୍କୁ ଉଚିତ ଶିକ୍ଷାରୁ ବଞ୍ଚିତ କରାଯାଉଛି । ଏହି ଅଶିକ୍ଷିତମାନଙ୍କୁ ଦକ୍ଷତା ବିକାଶ ସୁଯୋଗ ଦିଆଯିବ ବୋଲି ଦାବି କରାଯାଉଥିବା ବେଳେ ସେମାନଙ୍କ ମାନସିକ ଅସ୍ଥିରତାକୁ ହିସାବରେ ନିଆଯାଉନାହିଁ । ମୌଳିକ ଶିକ୍ଷା ମାଧ୍ୟମରେ ମାନସିକ ସ୍ଥିରତା ବା ଜୀବନର ଲକ୍ଷ୍ୟ ସମ୍ପର୍କରେ ଯୁବପିଢ଼ିର ଧାରଣା ସୃଷ୍ଟିହୁଏ । କିନ୍ତୁ ସେହିଭଳି ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଭାରତରେ କୌଣସି ଚିନ୍ତା କରାଯାଉନାହିଁ ।

ଆର୍ଯ୍ୟ ହିନ୍ଦୁମାନଙ୍କର ଏକ ଅଞ୍ଚଳର ନାମ ଥିଲା ପ୍ରୟାଗ । ତାହା ଇତିହାସ । ସେହିଭଳି ମୁସଲମାନ ଶାସକମାନେ ଭାରତୀୟ ଇତିହାସର ଏକ ଦୀର୍ଘକାଳର ଅଙ୍ଗ ଏବଂ ସେହିମାନେ ପ୍ରୟାଗକୁ ଆଲ୍ଲାହାବାଦ ଭାବେ ନାମିତ କଲେ ବୋଲି କୁହାଯାଉଛି । ଏହାକୁ ସତ୍ୟ ଭାବେ ସ୍ୱୀକାର କରିବା ଉଚିତ । କିନ୍ତୁ ଇତିହାସକୁ ବିଭିନ୍ନ ଖଣ୍ଡରେ ବିଭକ୍ତ କରାଯାଇପାରିବ ନାହିଁ । ସମୟ ହେଉଛି ଚିରନ୍ତନ । ବାପ ପରେ ପୁଅ, ପୁଅ ପରେ ନାତି ପ୍ରକୃତିର ପଦ୍ଧତି । ସେହିଭଳି ଚିନ୍ତାରେ ଯାଇପାରିଲେ ଭାରତୀୟମାନେ ପୃଥିବୀର ପ୍ରାକୃତିକ ପଦ୍ଧତି ସହିତ ଖାପ ଖାଇପାରିବେ । ନିଜର ଇତିହାସକୁ ଅସ୍ୱୀକାର କରିବା ପରିବର୍ତ୍ତେ ସେଥିରୁ ଶିକ୍ଷା ନେଇ ପୂର୍ବ ତ୍ରୁଟିକୁ ସୁଧାରିବା ହେଉଛି ବୁଦ୍ଧିମାନ ମଣିଷର ଲକ୍ଷଣ । ଗତକାଲିକୁ ପରିବର୍ତ୍ତନ କରିହେବ ନାହିଁ । କିନ୍ତୁ ଭବିଷ୍ୟତକୁ ଗଢ଼ି ହେବ । ସେଥିପାଇଁ ଆଲ୍ଲାହାବାଦକୁ ପ୍ରୟାଗ କରିବାର ଅର୍ଥ ହେଉଛି ଆଜିକାର ଶାସକମାନେ ପୂର୍ବର ମୁସଲମାନ ଶାସକଙ୍କ ଭଳି ମାନସିକ ଅସ୍ଥିରତାର ପରିଚୟ ଦେବା । ମୁସଲମାନମାନେ ପ୍ରୟାଗର ନାମ ବଦଳାଇବା ଯେତିକି ତ୍ରୁଟିପୂର୍ଣ୍ଣ, ସେହିଭଳି ଆଲ୍ଲାହାବାଦକୁ ପୁନଶ୍ଚ ପ୍ରୟାଗ କରିବା କିଛିବର୍ଷ ପରେ ସେହିଭଳି ତ୍ରୁଟିପୂର୍ଣ୍ଣ ଲାଗିପାରେ ।

ଶେଷରେ ଏହିଭଳି ନାମ ପରିବର୍ତ୍ତନ କରୁଥିବା ରାଜନେତାମାନଙ୍କର ଦାୟିତ୍ୱ ହେଉଛି ଯେ, ଜନସାଧାରଣଙ୍କଠାରୁ ଆଦାୟ କରାଯାଇଥିବା ଟିକସରୁ କେତେ ପରିମାଣର ଖର୍ଚ୍ଚ କରାଗଲା ତାହା ଜଣାଇବା । ଏହି ପରିମାଣ ଲୋକଲୋଚନକୁ ଆସିବା ପରେ ଜନସାଧାରଣଙ୍କଠାରୁ ନାମ ପରିବର୍ତ୍ତନ ସମ୍ପର୍କରେ ମତ ନିଆଯିବା ଦରକାର ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | 7 | A | | 1 | | D | 8 | | C | | 4 |
| | | 0 | D | 2 | | 3 | | E | | | | | | |
| 2 | B | | | | | | | | 0 | E | | | D | 1 |
| | | | | C | 1 | | 9 | 7 | | | | | | |
| | | 5 | | | | | 8 | 6 | | | 4 | | | 0 |
| | | E | | | C | | 5 | A | | 4 | | B | | |
| | 9 | 2 | | | B | | | | | | 0 | 5 | A | 8 |
| | D | B | | | | 9 | 6 | 4 | 5 | | | | | |
| | 0 | | | | 8 | | | | | 1 | A | | | C |
| | 7 | | 1 | | | | | | C | D | | | | |
| B | | 1 | | 5 | 7 | | A | | | | | E | | |
| | | | | 6 | | 8 | | | | | 7 | 2 | | |
| | | | A | 3 | | | | | | | | | | D |
| | 5 | | C | E | | 6 | | 3 | | | | 1 | | B |
| 3 | | 6 | | | | C | | D | | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 4 | 8 | 2 | 7 | B | 9 | 6 | 5 | 0 | 3 | C | D | E | A |
| 9 | 2 | E | D | C | 8 | 3 | 4 | 0 | 7 | A | 5 | 1 | B | 6 |
| 6 | 0 | 7 | 4 | 9 | A | 2 | E | D | 8 | 1 | B | 5 | C | 3 |
| 5 | C | A | 3 | 1 | E | B | 8 | 7 | 2 | D | 6 | 9 | 4 | 0 |
| D | 3 | B | 0 | 5 | 6 | A | 1 | C | E | 4 | 9 | 2 | 8 | 7 |
| C | 9 | 6 | B | 4 | 1 | E | A | 3 | D | 2 | 7 | 0 | 5 | 8 |
| 8 | 7 | D | 6 | 2 | 9 | 5 | C | 1 | 4 | B | 0 | 3 | A | E |
| B | 1 | 0 | C | E | 3 | D | 7 | 8 | 6 | 5 | A | 4 | 2 | 9 |
| 4 | E | 3 | 5 | A | 0 | 6 | B | 2 | 9 | C | 8 | 7 | 1 | D |
| 2 | A | 5 | 7 | 8 | D | 0 | 9 | 4 | 3 | E | 1 | B | 6 | C |
| 0 | D | C | 8 | 3 | 7 | 4 | 5 | E | 1 | 6 | 2 | A | 9 | B |
| 7 | B | 9 | A | 0 | 5 | 1 | 3 | 6 | C | 8 | 4 | E | D | 2 |
| E | 5 | 2 | 9 | 6 | 4 | C | D | B | A | 0 | 3 | 8 | 7 | 1 |
| A | 6 | 4 | 1 | D | 2 | 8 | 0 | 9 | B | 7 | E | C | 3 | 5 |
| 3 | 8 | 1 | E | B | C | 7 | 2 | A | 5 | 9 | D | 6 | 0 | 4 |

ଗତକାଲିର ଉତ୍ତର

# କୃଷି ବୀମା: ବୀମା ନୁହେଁ ଠକେଇ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

ପି. ସାଇନାଥ ଏମିତି ଜଣେ ମହାନ୍ କୃଷି ଓ ସାମାଜିକ ଗବେଷକ ଯିଏ ନିଜେ ସଂଗ୍ରହ କରିଥିବା ଦୃଢ଼ ପ୍ରମାଣ ମାଧ୍ୟମରେ ନିରାଟ ସତକଥାକୁ ଖୁବ୍ ରୋକଠୋକ୍ ଭାବେ କହନ୍ତି । ଏଇ ନିକଟରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଓ ହେଉଥିବା ଠକେଇ ରାଫାଲ ଦୁର୍ନୀତିଠାରୁ କାହିଁରେ କେତେ ଅଧିକ । ସେ ଖାଲି ଅଭିଯୋଗ କରିନାହାନ୍ତି, ତା'ର ଠୋସ୍ ପ୍ରମାଣ ବି ଦେଇଛନ୍ତି । ମହାରାଷ୍ଟ୍ରର ଏକ ଜିଲାରେ ପ୍ରାୟ ତିନିଲକ୍ଷ କୃଷକ ସୋୟାବିନ ଫସଲ ପାଇଁ ବୀମା କରିଥିଲେ । ବୀମା ବାବଦକୁ ଚାଷୀମାନେ ୧୯.୨ କୋଟି ଟଙ୍କା ପ୍ରିମିୟମ୍ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପୈଠ ପ୍ରିମିୟମ୍ ମିଶାଇ ରିଲାଏନ୍ସ ବୀମା କମ୍ପାନୀ ମୋଟ ୧୭୩ କୋଟି ଟଙ୍କାର ପ୍ରିମିୟମ୍ ନେଇଥିଲା । ସେହି ଋତୁରେ ଜିଲାର ସାରା ସୋୟାବିନ ଫସଲ ଧ୍ୱଂସ ହୋଇଯାଇଥିବା ସତ୍ତ୍ୱେ ରିଲାଏନ୍ସ କମ୍ପାନୀ ମାତ୍ର ୩୦ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା । ବିନା ନିବେଶରେ ରିଲାଏନ୍ସ କମ୍ପାନୀ ସେହି ଗୋଟିଏ ଜିଲାରୁ ୧୪୩ କୋଟି ଟଙ୍କାର ଲାଭ ଉଠାଇନେଲା– ତାହା ପୁଣି ମାତ୍ର ଗୋଟିଏ ବର୍ଷର ଫସଲ ବରବାଦରେ । ରିଲାଏନ୍ସ କମ୍ପାନୀ ତ କିଛି ନିବେଶ କରି ନ ଥିଲା, ସେ ପାଇଥିବା ୧୭୩ କୋଟି ପ୍ରିମିୟମ୍ ଅତି କମ୍‌ରେ ବର୍ଷେକାଳ ନିଜ ପାଖରେ ରଖି ବ୍ୟବସାୟରେ ଖଟେଇଥିଲା । ସାଇନାଥଙ୍କ ନିଷ୍କର୍ଷରୁ ଭିତ୍ତିନେଇ ଆମେ ଯଦି ଭାରତରେ ଫସଲ ବୀମାର ସ୍ଥିତି ଦେଖିବା ଆମେ ପାଇବା ଯେ, ସେଭଳି ଅଭିଯୋଗ କେବଳ ମହାରାଷ୍ଟ୍ରରେ ସୀମିତ ନାହିଁ । ଏହା ସାରା ଭାରତରେ ପରିବ୍ୟାପ୍ତ । ଫସଲ ବୀମା ଚାଷୀଙ୍କ ଦୁଃଖକୁ କେତେ ଲାଘବ କରିଛି ତାହା ଭିନ୍ନ କଥା କିନ୍ତୁ ବୀମା କମ୍ପାନୀଙ୍କ ପାଇଁ ଧନର ପସରା ଖୋଲିଦେଇଛି ।

ଭାରତ ସରକାରଙ୍କ ନିଜସ୍ୱ ତଥ୍ୟ ଅନୁସାରେ ବୀମା କମ୍ପାନୀଗୁଡ଼ିକ ୨୦୧୬ ମସିହାର ଖରିଫ ଋତୁରେ ଚାଷୀ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କଠାରୁ ହାତେଇଥିଲେ ୧୬,୨୭୬ କୋଟି ଟଙ୍କାର ପ୍ରିମିୟମ୍ । ସେହି ବର୍ଷ ଭାରତର ଅନେକ ସ୍ଥାନରେ ଫସଲ କ୍ଷତି ହୋଇଥିଲା । ତଥାପି ବୀମା କମ୍ପାନୀଗୁଡ଼ିକ ଅତି ଆରାମରେ ୫,୮୫୧ କୋଟି ଟଙ୍କାର ଲାଭ ଗୋଟେଇଥିଲେ । ଯେତେ ପ୍ରିମିୟମ୍ ନେଇଥିଲେ ତାହାର ୩୬% ଲାଭ ନେଇଗଲେ । ୨୦୧୭ ମସିହାରେ ଓଡ଼ିଶା ସମେତ ଅଧିକାଂଶ ଧାନ ଉତ୍ପାଦନକାରୀ ରାଜ୍ୟରେ ବର୍ଷାଭାବରୁ ମରୁଡ଼ି ହୋଇଥିଲା । କିନ୍ତୁ ସେହି ବର୍ଷ ବୀମା କମ୍ପାନୀଙ୍କର ହୋଲି, ଦୀପାବଳି ହିଁ ହୋଇଥିଲା । ୨୦୧୭ ମସିହା ଖରିଫ ଋତୁରେ ସେମାନେ ୧୯,୨୫୯ କୋଟି ଟଙ୍କାର ପ୍ରିମିୟମ୍ ପାଇଥିଲେ । କ୍ଷତିଭରଣା କରିଥିଲେ ମାତ୍ର ୧୫,୧୮୧ କୋଟି ଟଙ୍କା । ଆଉ ଲାଭ ଉଠାଇଥିଲେ ୪,୦୭୮ କୋଟି ଟଙ୍କା । ୨୦୧୭ ମସିହାରେ ଓଡ଼ିଶାରେ ଖରିଫ ଫସଲ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା । ସେହି ଋତୁରେ ଓଡ଼ିଶାରେ ଫସଲ ବୀମା ରାଶିର ପରିମାଣ ଥିଲା ୭,୨୧୦ କୋଟି ଟଙ୍କା । ଓଡ଼ିଶାରେ ଏତେ କ୍ଷତି ସତ୍ତ୍ୱେ ବୀମା କମ୍ପାନୀ ପ୍ରଦାନ କଲେ ମାତ୍ର ୧,୬୧୮ କୋଟି ଟଙ୍କା ।

ସମ୍ବଲପୁର ଭଳି ଏକ ଜିଲା ଯେଉଁଠି ଚାଷୀ ସଂଗଠନ ଖୁବ୍ ଟାଣୁଆ ସେଠି ମଧ୍ୟ ବୀମା କମ୍ପାନୀର ପତିଆରା କିଛି କମ୍ ନୁହେଁ । ସମ୍ବଲପୁର ସହର ନିକଟବର୍ତ୍ତୀ ୩୩ଟି ପଞ୍ଚାୟତରେ ଫସଲ କାଟରୁ ଜଣାପଡିଲା ଯେ ୭୩% କ୍ଷତି ହୋଇଛି କିନ୍ତୁ ୧୨% କ୍ଷତି ଘୋଷଣା ହେଲା । ସେତିକି ବି କ୍ଷତିପୂରଣ ପାଇବା ପାଇଁ ଚାଷୀଙ୍କୁ ଆନ୍ଦୋଳନ କରିବାକୁ ପଡୁଛି । ଖାଲି ଖରିଫ ନୁହେଁ, ୨୦୧୬ ମସିହା ରବି ଋତୁରେ ମଧ୍ୟ ବୀମା କମ୍ପାନୀଗୁଡ଼ିକ ଭାରତରେ ୪୫୧ କୋଟି ଟଙ୍କାର ଲାଭ ଲୁଟିଛନ୍ତି । ମାତ୍ର ତିନୋଟି ଫସଲ ଋତୁରୁ ବୀମା କମ୍ପାନୀଗୁଡ଼ିକ ୧୦,୩୭୯ କୋଟି ଟଙ୍କା ଲାଭ କରିସାରିଛନ୍ତି । ଏହା ସେମାନେ ପାଇଥିବା ପ୍ରିମିୟମ୍‌ର ୨୫% । ଫସଲ ବରବାଦ ହୋଇଚାଲିଛି ଚାଷୀଙ୍କର କିନ୍ତୁ କମ୍ପାନୀଗୁଡ଼ିକ ବିନା ମୂଳଧନରେ ବିନା ନିବେଶରେ ମାଲାମାଲ ହୋଇଚାଲିଛନ୍ତି ।

ଏବେ ଜଣେ ହୁଏ ତ ପ୍ରଶ୍ନ କରିବ ଯେ, ବୀମା କମ୍ପାନୀ ତା'ହେଲେ କ'ଣ ଲାଭ ରଖିବ ନାହିଁ? ଏହାକୁ ବୁଝିବା ପାଇଁ ଆମେ ଅନ୍ୟ ବୀମାଗୁଡ଼ିକର ସ୍ଥିତି କେମିତି ତାହା ଟିକେ ଦେଖିବା । ଏଇ ବର୍ଷ ଜାନୁଆରୀ ମାସରେ ବୀମା ନିୟନ୍ତ୍ରଣ ପ୍ରାଧିକରଣ ବିଭିନ୍ନ ବୀମା କମ୍ପାନୀ ପାଇଥିବା ପ୍ରିମିୟମ୍ ତୁଳନାରେ କେତେ କ୍ଷତି ଭରଣା ଦେୟ ପ୍ରଦାନ କରିଛନ୍ତି ତାହାର ଏକ ସୂଚୀ ଜାରି କରିଥିଲେ । ସେହି ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟବୀମା ସେବା ଯୋଗାଉଥିବା ଚାରିଟିଯାକ ସରକାରୀ ବୀମା କମ୍ପାନୀ ୨୦୧୬–୧୭ ବର୍ଷରେ ଯେତିକି ପ୍ରିମିୟମ୍ ପାଇଥିଲେ ତାହାଠାରୁ ଅଧିକ କ୍ଷତିପୂରଣ ପ୍ରଦାନ କରିଛନ୍ତି । ଅର୍ଥାତ୍ କ୍ଷତି ସହିଛନ୍ତି । ଖାଲି ସରକାରୀ ବୀମା କମ୍ପାନୀଙ୍କ ସ୍ୱାସ୍ଥ୍ୟ ବୀମାକୁ ହିସାବକୁ ନ ନେଇ ସମସ୍ତ ବୀମା କମ୍ପାନୀଙ୍କ ସବୁପ୍ରକାର ବୀମାକୁ ହିସାବକୁ ନେଲେ ୨୦୧୬–୧୭ ବର୍ଷରେ ସେହି କମ୍ପାନୀମାନେ ସମୁଦାୟ ଯେତେ ପ୍ରିମିୟମ୍ ପାଇଥିଲେ ତାହାର ୯୦.୯% ବୀମାଧାରୀଙ୍କ କ୍ଷତିଭରଣାରେ ଚାଲିଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୧୫–୧୬ ଖରିଫ ଋତୁରୁ ୨୦୧୬–୧୭ ଖରିଫ ଋତୁଯାଏ ମଝିରେ ଗୋଟିଏ ରବି ଋତୁକୁ ମିଶାଇ ତିନିଟି ଚାଷ ଋତୁରେ ବୀମା କମ୍ପାନୀଗୁଡ଼ିକ ଫସଲ ବୀମା ବାବଦରେ ମୋଟ ୪୧,୪୪୯.୬ କୋଟି ଟଙ୍କା ପ୍ରିମିୟମ୍ ମଧ୍ୟରୁ ୩୧,୦୭୦.୫ କୋଟି ଟଙ୍କା ବା ପାଇଥିବା ପ୍ରିମିୟମ୍‌ର ମାତ୍ର ୭୫% ହିଁ କ୍ଷତିଭରଣା ବାବଦରେ ପ୍ରଦାନ କରିଥିଲେ । ଅର୍ଥାତ୍ ଫସଲ ବୀମା କମ୍ପାନୀଗୁଡ଼ିକ ଫସଲ ବୀମାରୁ ଲାଭ ହିଁ ଉଠାଇଛନ୍ତି । ସ୍ଥିତି କିନ୍ତୁ ଏହାର ଓଲଟା ହେବା କଥା । ଆମେରିକାକୁ ଉଦାହରଣ ହିସାବରେ ନେବା । ଆମେରିକାର ଟେକ୍ସାସ ରାଜ୍ୟରେ ସେହି ଦେଶର ସବୁଠାରୁ ଅଧିକ ଚାଷ ହୋଇଥାଏ ଓ ସବୁଠାରୁ ଅଧିକ ଚାଷୀ ସେହି ରାଜ୍ୟରେ ଅଛନ୍ତି । ୨୦୧୭ ମସିହାରେ ବୀମା କମ୍ପାନୀଗୁଡ଼ିକ ଟେକ୍ସାସ ରାଜ୍ୟରୁ ଫସଲ ବୀମାର ପ୍ରିମିୟମ୍ ବାବଦରେ ୩୧.୦୮ କୋଟି ଡଲାରର ପ୍ରିମିୟମ୍ ସଂଗ୍ରହ କରିଥିଲେ । କିନ୍ତୁ ସେହିବର୍ଷ କ୍ଷତିପୂରଣ ବାବଦରେ ପ୍ରଦାନ କରିଥିଲେ ୬୯.୩୭ କୋଟି ଡଲାର । ପାଇଥିବା ପ୍ରିମିୟମ୍‌ର ଦୁଇଗୁଣରୁ ଅଧିକ କ୍ଷତିଭରଣା ବାବଦରେ ଦେଇଥିଲେ । ସେହି ସମାନ ସ୍ଥିତି ଆମେରିକାର ପ୍ରାୟ ସମସ୍ତ ରାଜ୍ୟର ଥିଲା । ୨୦୧୭ ମସିହା ଜୁନ୍‌ରେ ଆମେରିକାର କୃଷିମନ୍ତ୍ରୀ ସନି ପେରଡ୍ଡୁ କହିଥିଲେ ଯେ, ବିଗତ ପାଞ୍ଚବର୍ଷରେ ସାରା ଆମେରିକାର ସବୁ ରାଜ୍ୟର ଫସଲ ବୀମାକୁ ହିସାବକୁ ନେଲେ ଆଦାୟ ହୋଇଥିବା ମୋଟ ପ୍ରିମିୟମ୍‌ର ୯୧% କ୍ଷତିପୂରଣ ବାବଦରେ ପ୍ରଦାନ କରାଯାଇଥିଲା । ଆମେରିକା ଭଳି ଏକ ଉନ୍ନତ ଦେଶରେ ଯେଉଁଠି ଫସଲ କ୍ଷତି ଖୁବ୍ ନଗଣ୍ୟ ସେଠି ମଧ୍ୟ ବୀମା କମ୍ପାନୀଗୁଡ଼ିକ ପାଇଥିବା ପ୍ରିମିୟମର ୯୧% କ୍ଷତିପୂରଣ ବାବଦରେ ଦେଇଛନ୍ତି । କିନ୍ତୁ ଭାରତରେ ଫସଲର ସ୍ଥିତି ଭାରି ଖରାପ ଥିବା ସ୍ଥଳେ ବୀମା ପ୍ରଦାନକାରୀ କମ୍ପାନୀଗୁଡ଼ିକ ପାଇଥିବା ପ୍ରିମିୟମ୍‌ର ମାତ୍ର ୭୫% ହିଁ କ୍ଷତିପୂରଣ ବାବଦରେ ପ୍ରଦାନ କରିଛନ୍ତି ।

ଓଡ଼ିଶାରେ ଏକ ଢଗ ଅଛି, 'ଯାହାର ଧାନକୁ ତାହାର ମୁଢ଼ି' । ଆଗ ଧାନ ନେଇ ସେଥିରୁ ମୁଢ଼ି ଭାଜି ନିଜ ଲାଭ ରଖି ଧାନ ଦେଇଥିବା ଲୋକକୁ କିଛି ମୁଢ଼ି ଦେବା । ମୂଳଧନ ଖଟାଇବା ଦରକାର ନାହିଁ କିନ୍ତୁ ଲାଭ ନିଶ୍ଚିତ । ଭାରତରେ ଚାଲିଥିବା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ତାହାକୁ ବି ବଳିଯାଇଛି । ଏଠି ଧାନ ବି ଫେରୁନି, ମୁଢ଼ି ଦୂରେ ଥାଉ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଉଦ୍ଦେଶ୍ୟ ଖୁବ୍ ଭଲ କିନ୍ତୁ ତାହାର କାର୍ଯ୍ୟାନ୍ୱୟନରେ ଚାଷୀଙ୍କ ହିତ ବଦଳରେ ବୀମା କମ୍ପାନୀଙ୍କ ହିତକୁ ଅଧିକ ପ୍ରାଧାନ୍ୟ ଦିଆଯିବା ଅତ୍ୟନ୍ତ ଚିନ୍ତାର ବିଷୟ । ଫସଲ ବୀମା ଯୋଜନାର ରୂପରେଖ ଚାଷୀକୈନ୍ଦ୍ରିକ ହେବା ନିହାତି ଆବଶ୍ୟକ ।

# ଶିଶୁ ବିସ୍ଥାପନ ସମସ୍ୟା ଓ ସମାଧାନ



ଶେଖ୍ ଫରିଦ୍‌ଉଦ୍ଦିନ

ସମଗ୍ର ବିଶ୍ୱରେ ପାଖାପାଖି ପାଞ୍ଚ କୋଟି ଶିଶୁ ଯୁଦ୍ଧ, ହିଂସା ଓ ଅତ୍ୟାଚାର ଯୋଗୁ ନିଜ ଦେଶରୁ ବିତାଡ଼ିତ ଅଥବା ବିସ୍ଥାପିତ ହୋଇଥିବା ଜାତିସଂଘର ଶିଶୁ କାର୍ଯ୍ୟକ୍ରମ ରିପୋର୍ଟରେ କୁହାଯାଇଛି । ମିଳିତ ଜାତିସଂଘ ଆନ୍ତର୍ଜାତିକ ଶିଶୁ ଜରୁରୀ ପାଣ୍ଠି ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସମୁଦ୍ରରେ ବୁଡ଼ିଯାଇଥିବା ଶିଶୁ ଆୟାଲାନ୍ କୁର୍ଦ୍ଦିଙ୍କ କୁନି ଶରୀର ହେଉ ଅଥବା ଆକ୍ରମଣ ବିଧ୍ୱସ୍ତ ଗୃହ ଭିତରୁ ଉଦ୍ଧାର ପାଇଥିବା ଓମରାନ୍ ଡାକନିଶ୍‌ଙ୍କ ରକ୍ତାକ୍ତ ମୁହଁ, ଏସବୁ ଦେଖିଲେ ବିଶ୍ୱରେ ଶିଶୁ କେତେ ମାତ୍ରାରେ ନିର୍ଯାତିତ ତାହା ସ୍ପଷ୍ଟ ବାରିହୁଏ । ପ୍ରତ୍ୟେକ ବାଳିକା, ବାଳକଙ୍କ ଏପରି ଦୟନୀୟ ଛବିରୁ ବୁଝାପଡ଼େ ବିଶ୍ୱରେ ବହୁ ନିୟୁତ ଶିଶୁ ବିପଦରେ ଅଛନ୍ତି । ବିଶ୍ୱସ୍ତରୀୟ ତଥ୍ୟ ବିଶ୍ଳେଷଣ କରି ୟୁନିସେଫ ପକ୍ଷରୁ କୁହାଯାଇଛି ଯେ, ୨ କୋଟି ୮୦ ଲକ୍ଷ ଶିଶୁ ହିଂସା ଓ ବିବାଦ କାରଣରୁ ବିସ୍ଥାପିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧କୋଟି ଶିଶୁ ଶରଣାର୍ଥୀ । ପ୍ରାୟ ୧୦ ଲକ୍ଷ ଶିଶୁଙ୍କୁ ଅନ୍ୟ ଦେଶରେ ଆଶ୍ରୟ ନେବାର ସୁଯୋଗ ମିଳି ନ ଥିବାବେଳେ ୧ କୋଟି ୭୦ ଲକ୍ଷ ଶିଶୁ ସେମାନଙ୍କ ନିଜ ଦେଶରେ ବିସ୍ଥାପିତ ହୋଇଛନ୍ତି । ଆଉ ୨ କୋଟି ଶିଶୁ ଗୋଷ୍ଠୀ ସଂଘର୍ଷ ଓ ଅତି ଦାରିଦ୍ର୍ୟ ସମେତ ବିଭିନ୍ନ କାରଣ ପାଇଁ ନିଜ ଘର ଛାଡ଼ିଛନ୍ତି । ଅନେକ ଶିଶୁଙ୍କର ଆବଶ୍ୟକ ପରିଚୟପତ୍ର ନ ଥିବାରୁ ସେମାନେ ଅଯଥାରେ ନିଜ ଜନ୍ମମାଟିଠାରୁ ଦୂରେଇ କେଉଁଠି ନା କେଉଁଠି ଅଟକି ରହିଛନ୍ତି । ସେମାନଙ୍କ କଲ୍ୟାଣ ଏବଂ ଥାଇଥାନ ପାଇଁ ପଦକ୍ଷେପ ନିଆଯାଇପାରି ନାହିଁ ।

ଘର ଛାଡ଼ି ଇଚ୍ଛାମତେ ଦେଶର ସୀମା ଅତିକ୍ରମ କରୁଥିବା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତବର୍ଷ ୭୮ଟି ଦେଶରେ ପ୍ରାୟ ୧ ଲକ୍ଷ ଅସହାୟ ଶିଶୁ ଶରଣ ପ୍ରଦାନ ପାଇଁ ଆବେଦନ କରିଥିଲେ । ୨୦୧୪ରେ ଏଥିପାଇଁ ଆବେଦନ କରିଥିବା ଶିଶୁ ସଂଖ୍ୟାର ଏହା ୩ଗୁଣ । ବିଶ୍ୱରେ ଶିଶୁଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ଏକ ତୃତୀୟାଂଶ ହୋଇଥିବାବେଳେ ଶରଣାର୍ଥୀ ସଂଖ୍ୟାର ଅଧା । ୨୦୧୫ରେ ପାଖାପାଖି ୪୫ ପ୍ରତିଶତ ଶିଶୁ ଶରଣାର୍ଥୀ ସିରିଆ ଓ ଆଫଗାନିସ୍ତାନର ବୋଲି ଜାତିସଂଘର

## ଶିଶୁ ଦିବସ ଉପଲକ୍ଷେ

ରିଫ୍ୟୁଜି ଏଜେନ୍ସି କେୟାର ପକ୍ଷରୁ କୁହାଯାଇଛି । ଶିଶୁଙ୍କୁ ଅଟକ ନ ରଖିବା, ପରିବାରଠାରୁ ଶିଶୁଙ୍କୁ ଦୂରେଇ ରଖିବାରୁ ବିରତ ରହିବା, ଶିଶୁ ଶରଣାର୍ଥୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଭଳି ମହତ୍ କାର୍ଯ୍ୟ କରିବାକୁ ୟୁନିସେଫ ବିଭିନ୍ନ ଦେଶର ସରକାରଙ୍କୁ ପରାମର୍ଶ ଦେଇଛି । ଏ ସମ୍ପର୍କରେ ଆମେ ଏକ ସ୍ପଷ୍ଟ ଅଙ୍ଗୀକାରବଦ୍ଧତା ଏବଂ ପ୍ରତିକାରଗତ ବ୍ୟବସ୍ଥା ଚାହୁଁ ବୋଲି ୟୁନିସେଫର ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ୍ ଫୋରସିଥ୍ ନ୍ୟୁୟର୍କଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ।

ଆଗାମୀ ସମିଟ୍ ଶିଶୁ ସମସ୍ୟା ସମାଧାନ ପାଇଁ ଯଥେଷ୍ଟ ନୁହେଁ । ବିଶ୍ୱ ଏହି ସଂକଟ ନିରୀକ୍ଷଣ କରିବାକୁ ଏହା ଏକ ସୁଯୋଗ ସୃଷ୍ଟି କରିବ ବୋଲି ଫୋରସିଥ୍ ପ୍ରକାଶ କରିଥିଲେ । କେବଳ ଯୁଦ୍ଧଗ୍ରସ୍ତ ସିରିଆ, ଇରାକ୍, ଆଫଗାନିସ୍ତାନ ପ୍ରମୁଖ ଦେଶ ନୁହେଁ ବିଶ୍ୱର ଅନେକ ଏସୀୟ, ଆଫ୍ରିକୀୟ ଓ ଉପସାଗରୀୟ ଦେଶରେ ଶିଶୁ ବିସ୍ଥାପିତଙ୍କ ସମସ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । ଏନେଇ ମିଳିତ ଜାତିସଂଘ ସହ ପୃଥିବୀର ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ନିଜର ଉଦ୍‌ବେଗ ପ୍ରକାଶ କରୁଥିଲେ ମଧ୍ୟ ଆନ୍ତରିକତା ଓ ଇଚ୍ଛାଶକ୍ତିର ସମନ୍ୱୟର ଅଭାବ ରହୁଛି, ଯାହାପାଇଁ ଶିଶୁ ବିସ୍ଥାପିତଙ୍କ ସମସ୍ୟା ବିଶ୍ୱରେ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । କେବଳ ବିସ୍ଥାପନ ଜନିତ ସମସ୍ୟା ନୁହେଁ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ସହ ଆନୁଷଙ୍ଗିକ ବିକାଶ ପାଇଁ ଏ ପ୍ରସଙ୍ଗ ମଧ୍ୟ ଚିନ୍ତାଜନକ । ଏ କ୍ଷେତ୍ରରେ ଗୁରୁଦାୟିତ୍ୱ କେବଳ ଜାତିସଂଘ ବା ପୃଥିବୀର ବଡ଼ ବଡ଼ ରାଷ୍ଟ୍ରଗୁଡ଼ିକ ଉପରେ ଲଦିଦେଲେ ହେବନାହିଁ ।

ଭାରତବର୍ଷରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରିସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ, ଆମ ଦେଶରେ ଶିଶୁ ବିସ୍ଥାପିତଙ୍କ ସମସ୍ୟା ଅନେକାଂଶରେ ବୃଦ୍ଧି ପାଉଛି । ଯଦିଓ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏ ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରି ମହିଳା ଓ ଶିଶୁକଲ୍ୟାଣ ବିଭାଗ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛି, ତଥାପି ସେମାନଙ୍କ ସମସ୍ୟା ଲାଘବ ହୋଇପାରୁ ନାହିଁ । ଶିଶୁ ବିସ୍ଥାପିତଙ୍କ ସମସ୍ୟା ପଛରେ ପାରିବାରିକ, ସାମାଜିକ ସ୍ଥିତି ସହ ସାମ୍ପ୍ରତିକ ସ୍ଥିତି ଏକ ପ୍ରମୁଖ କାରଣ ପାଲଟିଥାଏ । ନିଜ ଭିଟାମାଟିରୁ ବାସ୍ତୁହରା ହୋଇ ଭିନ୍ନ ଏକ ମୁଲକକୁ ଅବାଞ୍ଛିତ ଭାବରେ ଯିବାର ଯନ୍ତ୍ରଣା ଅତ୍ୟନ୍ତ ମର୍ମାନ୍ତିକ । ଏ କ୍ଷେତ୍ରରେ ମାନବିକତାର ଦ୍ୱାହିଦେଇ ସମସ୍ତେ ସହଯୋଗର ହାତ ବଢ଼ାଇବା ସହ ଏହାର ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମରେ ନିଜକୁ ସାଧମତେ ସାମିଲ କଲେ ବିଶ୍ୱ ମାନବିକତା କ୍ଷେତ୍ରରେ ଉଦ୍‌ବେଗ ପହଞ୍ଚାଉଥିବା ପ୍ରସଙ୍ଗଟି ଅନେକାଂଶରେ ପ୍ରଶମିତ ହୋଇପାରିବ । ଆଜିର ଶିଶୁ ଦିବସରେ ଏହା ସମସ୍ତଙ୍କର ଧ୍ୟେୟ ହେଉ ।

ମଧୁପୁର, ମାହାଙ୍ଗା, କଟକ,
ମୋ– ୯୪୩୭୦୦୪୮୮୮

## ଏଇ ଭାରତରେ

ସାମ୍ପ୍ରଦାୟିକ ଭେଦଭାବକୁ ନେଇ ସମ୍ପ୍ରତି ଚାରିଆଡ଼େ ବିଦ୍ୱେଷ ଭାବ ସୃଷ୍ଟି ହେଉଥିବାବେଳେ ଗୁଜରାଟ ଅହମଦାବାଦ ଜିଲା ଶାହପୁରର ଏକ ଘଟଣା ଏହାର ବ୍ୟତିକ୍ରମ ଭଳି ମନେହେଉଛି । ଏଠାରେ ଗୋଟିଏ ମାଙ୍କଡ଼ର ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକମାନେ ମିଶି ତା'ର ସଂସ୍କାର କରିଛନ୍ତି । ଶାହପୁରରେ ଥିବା ଏକ ମସ୍‌ଜିଦ୍ ପରିସରରେ ଦୀର୍ଘଦିନ ହେବ ଏକ ମାଙ୍କଡ଼ ରହୁଥିଲା । ମସ୍‌ଜିଦ୍‌କୁ ଆସୁଥିବା ଶ୍ରଦ୍ଧାଳୁଙ୍କଠାରୁ ଖାଦ୍ୟ ଗ୍ରହଣ କରିବା ସହ ଅତି ସହଜରେ ସମସ୍ତଙ୍କ ସହିତ ମିଶି ଯାଉଥିଲା । କାହାର କିଛି କ୍ଷତି କରୁ ନ ଥିବାରୁ ତାକୁ ମଧ୍ୟ କେହି ସେଠାରୁ ତଡୁ ନ ଥିଲେ । ଗତ ଶନିବାର ମସ୍‌ଜିଦ୍ ପରିସରରେ ଥିବା ଏକ ଗଛ ଭାଙ୍ଗି ମାଙ୍କଡ଼ଟି ଉପରେ ପଡ଼ିଯାଇଥିଲା । ଫଳରେ ମାଙ୍କଡ଼ର ମୃତ୍ୟୁ ଘଟିଥିଲା । ଏହା ଜଣାପଡ଼ିବା ପରେ ମାଙ୍କଡ଼ର ଶବ ସଂସ୍କାର ନିମନ୍ତେ ଉଭୟ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟର ଲୋକ ଆଗକୁ ବଢ଼ିଥିଲେ । ରୀତିନୀତି ଅନୁସାରେ ମୃତ ମାଙ୍କଡ଼କୁ ଗାଧୋଇ ଦିଆଯାଇ ତାକୁ ଏକ କପଡ଼ାରେ ରଖାଯାଇଥିଲା । ପରେ ମଥାରେ ସିନ୍ଦୂର ଲଗାଇ ଏକ ଶୋଭାଯାତ୍ରାରେ ନିଆଯାଇଥିଲା । ଶୋଭାଯାତ୍ରାରେ ଉଭୟ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇ ରାମ ନାମ ଜପ କରିଥିଲେ । ପରେ ମାଙ୍କଡ଼କୁ ଗୋଟିଏ ଖାଲି ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଥିଲା । ମାଙ୍କଡ଼ର ମୃତ୍ୟୁରେ ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସଦ୍‌ଭାବନା ଏକ ଦୃଢ଼ ଜାତୀୟତାବାଦ ସୃଷ୍ଟି କରିବାର ଅବସର ତିଆରି କରିପାରିଛି ବୋଲି କୁହାଯାଇପାରେ ।

## ଚିରନ୍ତନୀ

ସହସା ଏ କି ଶବଦ ନବ
ଉଠିଲା କାହୁଁ ରାଜି,
କେଉଁ ଗଗନ ମୋହିତ କରି
ଆସିଲା ଖସି ଆଜି ।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ ଜଙ୍ଗଲକୁ ଅଣଦେଖା

ମହାଶୟ,

ଜଙ୍ଗଲ ହିଁ ପ୍ରାକୃତିକ ସମ୍ପଦ, ଯାହା ମନୁଷ୍ୟର ଜୀବନ ଧାରଣରେ ଯୁଗ ଯୁଗ ଧରି ସହାୟକ ହୋଇ ଆସିଛି । ଦ୍ରୁତ ଶିଳ୍ପୀକରଣ, ଖଣିଖାଦାନର ପ୍ରସାର ଓ ରାଜରାସ୍ତା ପ୍ରଶସ୍ତୀକରଣ ଯୋଗୁ ଅବାଧରେ ଗଛକଟା ଚାଲିଛି । ଜଙ୍ଗଲ ମାଫିଆମାନେ ଜଙ୍ଗଲକୁ ଧ୍ୱଂସ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ନୂତନ ଜଙ୍ଗଲ ସୃଷ୍ଟି ଅପରିହାର୍ଯ୍ୟ । ଶାଗୁଆନ, ୟୁକାଲିପଟାସ ବୃକ୍ଷ ରୋପଣ ପ୍ରାକୃତିକ ଜଙ୍ଗଲ ସୃଷ୍ଟି ପରିବର୍ତ୍ତେ କେବଳ ବ୍ୟବସାୟ ଭିତ୍ତିକ ହେବା ନିଶ୍ଚିତ । ତେଣୁ ପ୍ରାକୃତିକ ଜଙ୍ଗଲ ସଂରକ୍ଷଣ ଓ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉ ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଅଧିକାରରୁ ବଞ୍ଚିତ ହେବି କାହିଁକି

ସ୍ୱାଧୀନ ଭାରତର ମୁଁ ଜଣେ ଉତ୍ତମ ନାଗରିକ ଭାବରେ ମୋର ଦେଶପ୍ରେମଭାବ ଅଛି । ସମ୍ବିଧାନ–ଜାତୀୟ ପତାକା–ଜାତୀୟ ସଙ୍ଗୀତକୁ ସମ୍ମାନ ଦିଏ । ଠିକ୍ ସମୟରେ ଟିକସ ପଇଠ କରିଥାଏ । ବିବେକାନୁମୋଦିତ ଭୋଟ ଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥାଏ । ଦେଶ ପ୍ରତି କର୍ତ୍ତବ୍ୟ ପାଳନ କଲା ପରେ ସରକାରଙ୍କ ଯୋଜନାଭୁକ୍ତ ଜନହିତକର କାର୍ଯ୍ୟରେ ମୁଁ ହିତାଧିକାରୀ ଭାବରେ ମୋର ଅଧିକାର ସାବ୍ୟସ୍ତ କରିବାକୁ ଉଚିତ ମନେକରେ । ମୋ ଘର ଓଡିଶାର ଖୋର୍ଦ୍ଧା ଜିଲାର କୁମାରବସ୍ତ । ଏବେ ସ୍ୱାସ୍ଥ୍ୟସେବା ନିମିତ୍ତ କେନ୍ଦ୍ରର ଆୟୁଷ୍ମାନ ଓ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ତୀବ୍ର ମତଭେଦ ସୃଷ୍ଟି ହେବାରୁ ରାଜ୍ୟ କେନ୍ଦ୍ର ଯୋଜନାକୁ ଗ୍ରହଣ କରୁନାହିଁ । କିନ୍ତୁ ମୁଁ ଦୁଇ ଯୋଜନାର ହିତାଧିକାରୀ ହେବାକୁ ମୋର ଅଧିକାର ବୋଲି ମନେକରୁଛି । ଏ ଜଣଙ୍କର ଇଚ୍ଛା ନୁହେଁ, ରାଜ୍ୟବାସୀଙ୍କର ଅଧିକାର ହୋଇଥିବାରୁ ସମସ୍ତେ ସ୍ୱର ଉଠାନ୍ତୁ । କାରଣ ରାଜ୍ୟ ଏବଂ ଦେଶ ସବୁ ଆମର ନୁହେଁ କି ?

ରାମଚନ୍ଦ୍ର ପାଲ୍‌ଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

### ଶିକ୍ଷା ବିଭାଗର ଦୃଷ୍ଟି ପଡୁ

୨୦୦୯ ମସିହା ପୂର୍ବରୁ ସରକାରୀ ସ୍କୁଲଗୁଡ଼ିକରେ କଳା, ବିଜ୍ଞାନ, ସଂସ୍କୃତ, ହିନ୍ଦୀ ଓ ଖେଳ ଶିକ୍ଷକମାନେ ଚୁକ୍ତିଭିତ୍ତିରେ ନିଯୁକ୍ତି ପାଇଛନ୍ତି । ଏହି ଶିକ୍ଷକଙ୍କ ମଧ୍ୟରୁ ଅନେକେ ନିଜ ଜିଲା ବ୍ୟତୀତ ଅନ୍ୟ ଜିଲାରେ କାର୍ଯ୍ୟରତ । ସେମାନେ ଛ'ବର୍ଷ ନିରନ୍ତର ଶିକ୍ଷକତା କରି ନିୟମିତ ଶିକ୍ଷକର ମାନ୍ୟତା ପାଇସାରିଛନ୍ତି । କିନ୍ତୁ ଅନ୍ୟ ଜିଲାମାନଙ୍କରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଶିକ୍ଷକରୁ ନିୟମିତ ଶିକ୍ଷକ ହୋଇଥିବା ଏହି ଶିକ୍ଷକମାନଙ୍କୁ ନିଜ ଜିଲାକୁ ବଦଳି କରାଯାଉ ନାହିଁ । ସରକାରଙ୍କୁ ନିବେଦନ ସେହି ନିୟମିତ ଶିକ୍ଷକଙ୍କୁ ନିଜ ଜିଲାକୁ ବଦଳିର ବ୍ୟବସ୍ଥା କରାଯାଉ ।

ସୁବୋଧ କୁମାର ମିଶ୍ର, ତାଳଚେର, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ



## ବସ୍-ବାଇକ୍ ଧକ୍କା: ୨ ଗୁରୁତର

### ବସ୍ ଡ୍ରାଇଭର ଫେରାର

**ଗୋଷାଣି/ପାରଳାଖେମୁଣ୍ଡି, ୧୩ା୧୧(ଡି.ଏନ.ଏ/ସ୍ୱ.ପ୍ର.):** ଗଜପତି ଜିଲା ଗୋଷାଣି ବ୍ଲକର ଅଡାଗାଁ ନିକଟରେ ମଙ୍ଗଳବାର ଏକ ବାଇକ୍ ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଏଥିରେ ୨ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗୋଷାଣି ବ୍ଲକ ଅଡବା ଗ୍ରାମର ତେମ୍ପୁରୁ ବୁଡୁ (୪୧) ଓ ନରହରିପୁର ଗ୍ରାମର ରୁଙ୍କୁ ରେୟାନ୍ନା (୫୮)। ଗୁରାଣ୍ଡି ଥାନା ପୋଲିସ ଉକ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧.୧୫ମିନିଟ୍‌ରେ ରାଜେଶ୍ୱରୀ ନାମକ ବସ୍ (ନଂ. ଓଆର୍ -୨୦-୫୦୪୩) ପାରଳାଖେମୁଣ୍ଡିରୁ ଭୀମପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ପଟୁ ଗୋଟିଏ ମୋଟରସାଇକେଲ (ନଂ. ଏପି ୨୮-ଏଆର୍ ୦୧୩୬) ଯୋଗେ ବୁଡୁ ଓ ରାଇନା ଆସୁଥିଲେ। ଅଡଗାଁଠାରେ ଗାଡ଼ି ଦୁଇଟି ନିୟନ୍ତ୍ରଣ ହରାଇବାରୁ ପରସ୍ପର ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ବୁଡୁ ଓ ରାଇନା ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ପ୍ରଥମେ ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଦୁହିଁଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଗୁରାଣ୍ଡି ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ଏନେଇ ୨୭୯, ୩୩୭, ୩୩୮ ଦଫାରେ କେସ୍ ନଂ. ୮୫/୧୮ ରୁଜୁ କରିଛନ୍ତି। ବସ୍ ଡ୍ରାଇଭର ଫେରାର ଥିବା ଥାନା ଅଧିକାରୀ ରାଓ କହିଛନ୍ତି।

■ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ମରାମତି ପରେ ବି ଅଲୋଡ଼ା

# ଡାକ୍ତରଙ୍କ କ୍ୱାର୍ଟର୍ସ ପାଲଟିଛି ଗୋଦାମ ଗୃହ

**କାଶୀନଗର, ୧୩ା୧୧(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ସହରର ବ୍ଲକ କଲୋନୀରେ ରହିଛି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ କ୍ୱାର୍ଟର୍ସ। ଲକ୍ଷାଧିକ ଟଙ୍କା ବ୍ୟୟରେ ମରାମତି ପରେ ବି ଏହା ଅଲୋଡ଼ା ହୋଇପଡ଼ିଛି। ଏବେ ଏହି କ୍ୱାର୍ଟର୍ସ ପାଲଟିଛି ଗୋଦାମ ଗୃହ। ଏହା ସମ୍ମୁଖସ୍ଥ ନିର୍ମାଣାଧୀନ ମେଡିସିନ ୱେୟର ହାଉସ୍ ପାଇଁ ବ୍ୟବହୃତ ହେଉଥିବା ଇଟା, ସିମେଣ୍ଟ, ଲୁହାଛଡ଼ ଇତ୍ୟାଦି ଏଠାରେ ରହିଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଡାକ୍ତର ଜଣକ ନିଜ କ୍ୱାର୍ଟର୍ସରେ ରହିପାରୁନାହାନ୍ତି। ତାଙ୍କୁ ଗୁଣପୁରରୁ ଯିବା ଆସିବା କରିବାକୁ ପଡୁଛି। ତାଙ୍କ ପାଇଁ କ୍ୱାର୍ଟସ ନ ଥିବାରୁ ତାଙ୍କୁ ହେଡକ୍ୱାର୍ଟର୍ସରେ ରହିବା ପାଇଁ ବାଧ କରାଯାଇପାରୁନାହିଁ। ସୂଚନାଯୋଗ୍ୟ, ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରହିବା ଲାଗି କିଛିଦିନ ତଳେ ଉକ୍ତ କ୍ୱାର୍ଟର୍ସକୁ ମରାମତି କରାଯାଇଥିଲା। ଏ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନ୍ୟ କ୍ୱାର୍ଟର୍ସକୁ ଚାଲିଯିବା ପରେ ଉକ୍ତ କ୍ୱାର୍ଟର୍ସ ଖାଲିପଡ଼ିଥିଲା। ବର୍ତ୍ତମାନ ନୂତନ କୋଠା ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ସେହି କ୍ୱାର୍ଟର୍ସକୁ ଏକ ପ୍ରକାର ମାଡ଼ିବସିଛନ୍ତି। ତା' ଭିତରେ ବିଭିନ୍ନ ନିର୍ମାଣ ସାମଗ୍ରୀ ରଖିଛନ୍ତି। ଏଥିଯୋଗୁ ସେହି କ୍ୱାର୍ଟର୍ସ ନଷ୍ଟ ହେବା ସହ ଡାକ୍ତରଙ୍କ କାମରେ ଲାଗିପାରୁନାହିଁ। କ୍ୱାର୍ଟର୍ସରେ ଲାଗିଥିବା ଏୟାରକଣ୍ଡିସନର(ଏସି) ବି ଧୂଳିମଳିରେ ନଷ୍ଟ ହେବାକୁ ବସିଲାଣି। ଡାକ୍ତରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କ୍ୱାର୍ଟର୍ସରେ ନିର୍ମାଣ ସାମଗ୍ରୀ ରଖିବାକୁ ସମ୍ପୃକ୍ତ ଠିକାଦାରଙ୍କୁ କିଏ ଅନୁମତି ଦେଲେ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି। ତେବେ ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପି. ଶ୍ରୀଲେଖାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ବନ୍ଦ ପଡ଼ିଥିବା କ୍ୱାର୍ଟର୍ସ।

## ଗୁମ୍ମା ପଞ୍ଚାୟତ ସମିତି ବୈଠକ


ବୈଠକରେ ବିଧାୟକ କେ.ସୂରିୟା ରାଓ, ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଏବଂ ଅନ୍ୟମାନେ।

**ଗୁମ୍ମା ୧୩ା୧୧ (ଡି.ଏନ୍.ଏ.)**

ଗଜପତି ଜିଲା ଗୁମ୍ମା ପଞ୍ଚାୟତ ସମିତିର ୫ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନଟବର ଗରଡା, ଜିଲା ପରିଷଦ ସଭ୍ୟ ହିମାଂଶୁ କୁମାର ଲିମ୍ମା, ଜିଲା ପରିଷଦ ସଭ୍ୟା ପ୍ରେମିକା ରଇତ, ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ବିଷୋୟୀ, ବିଧାୟକ ପ୍ରତିନିଧି ପ୍ରେମିକା ମଣ୍ଡଳ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମରିୟମ ରଇତ, କନିଷ୍ଠ ଯନ୍ତ୍ରୀ କୋଦଣ୍ଡ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ବୈଠକ ଆରମ୍ଭରେ ତିତ୍‌ଲି ମୃତକଙ୍କ ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତି ଅନୁଧ୍ୟାନ କରି ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ବିଦ୍ୟୁତ ଗ୍ରାମ୍ୟ ଉନ୍ନୟନ, ପଶୁପାଳନ, ସାଧାରଣ ବଣ୍ଟନ, କୃଷି, ଜଙ୍ଗଲ, ମତ୍ସ୍ୟଚାଷ, ଉଦ୍ୟାନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତିତ୍‌ଲି ପ୍ରଭାବରେ ବହୁ ବାସଗୃହ, ଗଛ, ଫସଲ ଉଜୁଡ଼ିଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ଅନ୍ୟ ଯୋଜନାରେ ଲୋକଙ୍କୁ କାମ ଯୋଗାଇଦେବା ପାଇଁ ବିଡିଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

## ୫ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ଗୋଷାଣି, ୧୩ା୧୧(ଡି.ଏନ.ଏ)**

ଗଜପତି ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଗୋଷାଣି ବ୍ଲକର ୫ଟି ପଞ୍ଚାୟତରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରାଣ୍ଡି, ଲାବଣ୍ୟଗଡ, ରମ୍ଭା, ଶୋବରା, ବଡଗୋଷାଣୀ ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ଜଳ ପରିମଳ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ବିଜୁ ଯୁବବାହିନୀ ସଦସ୍ୟମାନେ ଯୋଗଦେଇଥିଲେ । ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କୁ ପରିମଳ ସ୍ୱଚ୍ଛତା ବିଷୟରେ ସଚେତନତା କରାଯାଇଥିଲା। ଖାଇବା ପୂର୍ବରୁ ହାତ ଧୋଇବା, ଗରମ ଖାଦ୍ୟ ଖାଇବା, ନିଜକୁ ସ୍ୱଚ୍ଛ ରଖିବା ଇତ୍ୟାଦି ବୁଝାଇ ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଗୁରାଣ୍ଡି ସରପଞ୍ଚ ଜଗନ୍ନାଥ ନାୟକ, ପୂର୍ବତନ ଗୁରାଣ୍ଡି ସରପଞ୍ଚ ପ୍ରଶାନ୍ତ ସାମଲ, ସ୍ୱେଚ୍ଛାସେବୀ ଅର୍ଜୁନ ଦଳାଇ, କୁମାର ଜେନା, ବିଜୁ ଯୁବବାହିନୀ ବ୍ଲକ ସଭାପତି ଚିନୁରାଜ ପାତ୍ର, ଟି.ମୋହନ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।


ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଉଛି।

■ ବାସହରାଙ୍କୁ ଥଇଥାନ, ଚାଷୀଙ୍କୁ କ୍ଷତିପୂରଣ ଦାବି

# ଏଆଇକେଏମ୍ଏସ୍ ପକ୍ଷରୁ ବିକ୍ଷୋଭ

**ପାରଳାଖେମୁଣ୍ଡି, ୧୩ା୧୧(ସ୍ୱ.ପ୍ର.)**

ଅଖିଳ ଭାରତୀୟ କିଷାନ ମଜଦୁର ସଭା (ଏଆଇକେଏମ୍ଏସ୍)ର ଗଜପତି ଜିଲା ଶାଖା ପକ୍ଷରୁ ୧୦ଦଫା ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲା କମିଟି ସମ୍ପାଦକ ହରିବନ୍ଧୁ କାର୍ଜୀ ଓ କେଦାର ଶବରଙ୍କ ନେତୃତ୍ୱରେ ତିତ୍‌ଲି ପ୍ରଭାବିତ କାଶୀନଗର, ଗୁମ୍ମା, ଗୋଷାଣି ଓ ରାୟଗଡ ବ୍ଲକ ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ପ୍ଲାକାର୍ଡ ଧରି ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଆୟୋଜିତ ସଭାରେ ଏଆଇକେଏମ୍ଏସ୍‌ର ଜାତୀୟ କମିଟି ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ କହିଥିଲେ ଯେ, ବାତ୍ୟାର ୧ମାସ ପରେ ବି କ୍ଷତିଗ୍ରସ୍ତମାନେ ପର୍ଯ୍ୟାପ୍ତ ପରିମାଣର ରିଲିଫ ପାଇନାହାନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ କ୍ଷତିପୂରଣ ଆକଳନ ଠିକ୍ ଭାବେ କରାଯାଇନାହିଁ। ଏହି ଅବସରରେ ସମସ୍ତ ଚାଷୀ ଓ ଭାଗଚାଷୀଙ୍କୁ ତୁରନ୍ତ ଫସଲ କ୍ଷତିପୂରଣ ଦେବା, କ୍ଷତିଗ୍ରସ୍ତ କାଜୁ, ଆମ୍ବ, ତେନ୍ତୁଳି ଓ ଅନ୍ୟ ଫସଲ ଲାଗି ଏକମାସ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ଦେବା, ଜୀବିକା ହରାଇଥିବା ଲୋକଙ୍କୁ କାମ ଯୋଗାଇବା, ଜିଲାର ଭୂସ୍ଖଳନପ୍ରବଣ ଗ୍ରାମଗୁଡ଼ିକୁ ଚିହ୍ନଟ କରି ସେଠାକାର ବାସିନ୍ଦାଙ୍କୁ ସମତଳ ଅଞ୍ଚଳକୁ ଅଣାଯାଇ ସର୍ବନିମ୍ନ ସୁବିଧାରେ ଜମି ଦେଇ ଥଇଥାନ ଓ ପୁନର୍ବାସ କରିବା, ସମସ୍ତ ଗୃହହୀନ ଓ ଜମିହୀନଙ୍କୁ ଜମି ଓ ଘର ପଟ୍ଟା ସହ ରାଶନ କାର୍ଡ ଦେବା, ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କୁ ମାସିକ ସର୍ବନିମ୍ନ ୩ହଜାର ଟଙ୍କା ପେନ୍‌ସନ ଦେବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା। ଏନେଇ ଜିଲାପାଳ ଅନୁପମ ଶାହାଙ୍କୁ ଦାବିପତ୍ର ଦିଆଯାଇଥିଲା। ସଭାରେ ହରିବନ୍ଧୁ କାର୍ଜୀ, ସୋମନାଥ ବଡରଇତ, କେଦାର ଶବର, ସୁରେନ୍ଦ୍ର ଭୂୟାଁ, କାତୁକା ଶବର ଓ କାରୁଗା ଶବର ପ୍ରମୁଖ ଉପସ୍ଥିତ ଥିଲେ।



ଅଖିଳ ଭାରତୀୟ କିଷାନ ମଜଦୁର ସଭା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ପାରଳାଖେମୁଣ୍ଡିରେ ମାସ୍କଟ ଓଲିଙ୍କୁ ସ୍ୱାଗତ

**ପାରଳାଖେମୁଣ୍ଡି, ୧୩ା୧୧ (ସ୍ୱ.ପ୍ର.)**

ଗଜପତିଜିଲା ପାରଳାଖେମୁଣ୍ଡିସହରରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ମାସ୍କଟ ଓଲି ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରରେ ଆୟୋଜନ ହେଉଥିବା ପୁରୁଷ ହକି ବିଶ୍ୱକପ୍‌ର ମାସ୍କଟ ଓଲି ସାରା ଓଡ଼ିଶା ପରିକ୍ରମା କରୁଥିବାବେଳେ ଏହା ପାରଳାଖେମୁଣ୍ଡିରେ ପହଞ୍ଚିଛି। ସ୍ଥାନୀୟ ପ୍ୟାଲେସ ଛକଠାରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ପ୍ରମୁଖ ଓଲିଙ୍କୁ ସ୍ୱାଗତ କରିଥିଲେ। ବୁଧବାର ଏକ ଶୋଭାଯାତ୍ରା ମାଧ୍ୟମରେ ଏହା ସହର ପରିକ୍ରମା କରିବ। ଓଲିଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିବାବେଳେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି।


ମାସ୍କଟ ଓଲିଙ୍କୁ ସ୍ୱାଗତ କରାଯାଉଛି।

**CIVIL SERVICE COACHING CENTRE RAMADEVI WOMEN'S UNIVERSITY, BHUBANESWAR**

Last date of submission of application for Civil Service Coaching Centre extended to 26.11.2018 (Monday).
For details visit website: www.rdwuniversity.nic.in.

Sd./-
Registrar

ସର୍ବ ଶିକ୍ଷା ଅଭିଯାନ

DISTRICT PROJECT OFFICE, SARVA SHIKSHA ABHIYAN, NAYAGARH
Near DRDA, At/PO/Dist: Nayagarh-752069, Ph. No: (06753) 254236, Fax: (06753) 253701, E-mail: dpcnayagarh@opepa.in, nayagarhmis@opepa.in
No. 2964 Date: 13.11.18

**NOTIFICATION**

The draft provisional merit list and reject list for the Post of Accountant cum Support Staff for RTE SSA Nayagarh is hereby published in the Nayagarh District website www.nayagarh.nic.in and OPEPA website www.opepa.in for information of all concerned for inviting objections, if any. The objection may be submitted in the office of the DPO, RTE-SSA, Nayagarh during office hour by 24.11.2018. No objection will be entertained after 24.11.2018 under any circumstances. The objections not received from any applicant will be treated as correct at this end.

By the order of Collector cum Chairman, RTE-SSA, Nayagarh.

Sd./- District Project Coordinator,
RTE-Sarva Shiksha Abhiyan, Nayagarh

OFFICE OF THE CHAIRMAN, P. G. COUNCIL
SHRI JAGANNATH SANSKRIT VISHVAVIDYALAYA
Shri Vihar, Puri-3, Odisha, Ph.- 06752-251365
No.1024/PGC Dt. 09.11.2018

**ADMISSION NOTICE**

Admission is open for one year Visistacharya (M.Phil) course in Sahitya, Vyakarana, Veda, Sarvadarshan, Dharmashastra, Nyaya, Advaita Vedanta & Jyotirvigyan in the P.G.Teaching Department of Shri Jagannath Sanskrit Vishvavidyalaya, Puri for the year 2019.

**ELIGIBILITY**

Candidates for admission to the M.Phil Programme shall have a Master's degree or a Professional degree declared equivalent to the Master's degree by the corresponding statutory regulatory body, with at least 55% marks in aggregate or its equivalent grade "B" in the UGC seven point scale or an equivalent degree from a foreign educational institutional accredited by an Assessment and Accreditation Agency. A relaxation of 5% of marks or an equivalent relaxation of grade may be allowed for those belonging to SC/ST/OBC/Differently abled category candidates. Further admission will be made through an entrance test.

**SUBMISSION OF APPLICATION**

Application forms and prospectus can be downloaded from the university website i.e www.sjsv.nic.in. duly filled up application forms with all required documents as per the prospectus and Bankers Cheque / Demand Draft for Rs. 100/- (Rupees one hundred) only in favour of **Chairman, P.G. Council. SJSV, Shri Vihar, Puri** payable at SBI, SJSVV Branch, Br. Code No. 16102 should be sent to the **Office of the Chairman, P.G.Council, Shri Vihar, Puri- 3** only by **Regd. Post / Speed Post** on or before **30.11.2018** positively. No application by hand or any other manner for submission is entertained. The last date of application is **30.11.2018**. Incomplete & otherwise filled up application will be summarily rejected. The applicants are required to annex a self-addressed envelope affixed with postal stamp at the cost of Regd. Post or Speed Post in order to get the intimation letter. Similarly for index letter a self-addressed envelope with postal stamp for general post be attached. Failing which neither intimation nor index letter will be served.

Detailed information regarding admission is available in the prospectus. Any other query be made by making contact with the concerned HODs over telephone.

**A.Vedanta- 9437559205, Nyaya– 8608474032, Vyakarana-9438303358, Dharmashastra–9437307831, Sahitya– 9437950496, Sarvadarshan– 9778179956, Veda– 9438133376, Jyotirvigyan– 9348145300**
**Chairman office- 06752-251365, Mob. No - 9438080454**

**Sd./- (Prof. H.H.Hota)**
**Chairman, P.G Council**

NATIONAL HEALTH MISSION
DSPL-249
Health in Your Hands
National Program for Prevention and Control of Diabetes, Heart Disease & Stroke

**ବିଶ୍ୱ ମଧୁମେହ ଦିବସ**
**୧୪ ନଭେମ୍ବର, ୨୦୧୮**
world diabetes day
14 November

**ଏ ବର୍ଷର ଆହ୍ୱାନ: "ପରିବାର ଏବଂ ମଧୁମେହ"**
(ମଧୁମେହର ପ୍ରତିରୋଧ, ନିୟନ୍ତ୍ରଣ ଏବଂ ତଦ୍‌ଜନିତ ସମସ୍ୟାର ନିରାକରଣରେ ପରିବାରର ଭୂମିକା)

ଆମ ରାଜ୍ୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆଧୁନିକ ଜୀବନଶୈଳୀ ଓ ଖାଦ୍ୟାଭ୍ୟାସ ଯୋଗୁଁ ବିଶେଷକରି ଯୁବଗୋଷ୍ଠୀ ଏହି ରୋଗରେ ଆକ୍ରାନ୍ତ ହେବାର ଦେଖାଯାଉଛି । ମଧୁମେହରେ ଆକ୍ରାନ୍ତ ସମସ୍ତ ବ୍ୟକ୍ତି ଯେପରି ମଧୁମେହର ନିୟନ୍ତ୍ରଣ ଓ ତଦ୍‌ଜନିତ ସମସ୍ୟାର ପ୍ରତିକାର ପାଇଁ ଆବଶ୍ୟକୀୟ ସେବା ଓ ସୁବିଧା ପାଇପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହେବା ଜରୁରୀ । ଆସନ୍ତୁ, ସମସ୍ତେ ସଚେତନ ହୋଇ ମଧୁମେହ ପରି ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ପ୍ରତିରୋଧ କରିବା ।



**ରକ୍ତରେ ଶର୍କରାର ମାତ୍ରା ବଢ଼ିଗଲେ ଡାଇବେଟିସ୍ ବା ମଧୁମେହ ହୋଇଥାଏ ।**

**ମନେରଖନ୍ତୁ:**
- ଡ଼ାଇବେଟିସ୍ (ମଧୁମେହ)ଠାରୁ ଦୂରେଇ ରହିବା ପାଇଁ ନିୟମିତ ବ୍ୟାୟାମ କରିବା ସହିତ ଶରୀରର ଓଜନ ଓ ଖାଦ୍ୟପେୟ ନିୟନ୍ତ୍ରଣ ରଖନ୍ତୁ ।
- ଧୂମପାନ, ତମାଖୁ ଓ ମାଦକଦ୍ରବ୍ୟ ସେବନରୁ ନିବୃତ୍ତ ରୁହନ୍ତୁ ।
- ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ପାଦରେ ଘା' ନହେବା ପାଇଁ ବିଶେଷ ଯତ୍ନବାନ୍ ହୁଅନ୍ତୁ ।
- ଡ଼ାଇବେଟିସ୍ ଯୋଗୁଁ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ଘାତ, ଉଚ୍ଚରକ୍ତଚାପ, ବୃକକ୍ ଏବଂ ଯକୃତ ଜନିତ ରୋଗ, ପକ୍ଷାଘାତ, ଚକ୍ଷୁଜନିତ ସମସ୍ୟା ଆଦି ଦେଖାଯିବାର ଅଧିକ ସମ୍ଭାବନା ଥାଏ ।

10003/13/0092/1819

**ନିୟମିତ ଡାକ୍ତରୀ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସା ଡାଇବେଟିସ୍ (ମଧୁମେହ)କୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ ।**

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ



### ଗୋଟିଏ କୋଠରିରେ ପଢୁଛନ୍ତି ୫ ଶ୍ରେଣୀର ଛାତ୍ରୀଛାତ୍ର

**ମାଥିଲି, ୧୩।୧୧ (ଡି.ଏନ୍.ଏ):** ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି ୫ଟି ଶ୍ରେଣୀର ଛାତ୍ରୀଛାତ୍ର । ମାଲକାନଗିରି ଜିଲା ମାଥିଲି ବ୍ଲକରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି । ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ପାଇଁ କାର୍ଯ୍ୟକାରୀ ହେଉଛି ବହୁ ଯୋଜନା। ଏହି ଯୋଜନାରେ କୋଟି କୋଟି ଟଙ୍କା ମଧ ଖର୍ଚ୍ଚ ହେଉଛି । ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରୀଛାତ୍ର ପାଠ ପଢିଲେ ଅଞ୍ଚଳର ବିକାଶ ହୋଇପାରିବ । ସେମାନଙ୍କ ଆର୍ଥିକ ମାନଦଣ୍ଡ ଉପରକୁ ଉଠିବ। କେହି ବେରୋଜଗାର ରହି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବେ ନାହିଁ। ଏପରି ଅନେକ କଥା କୁହାଯାଉଛି। ମାଥିଲି ବ୍ଲକରେ ତାହାର ବ୍ୟତିକ୍ରମ ଦେଖାଦେଇଛି । ବ୍ଲକର ପାଙ୍ଗାମ ପଞ୍ଚାୟତର କାଠିଗୁଡ଼ା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ୧୯୭୧ରେ ସ୍ଥାପିତ ଏହି ବିଦ୍ୟାଳୟରେ ଗ୍ରାମର ୩୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେଥିରୁ ୨୩ ଜଣ ଛାତ୍ରୀ ଏବଂ ୧୪ ଛାତ୍ର ସମସ୍ତେ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରୀଛାତ୍ର । ବିଦ୍ୟାଳୟରେ ପିଲାମାନଙ୍କ ପାଠ ପଢାଇବାକୁ ୨ ଜଣ ଶିକ୍ଷକ ଅଛନ୍ତି । ଗୋଟିଏ କଠୋରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ପାଠପଢା ଚାଲିଛି । ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ବର୍ଷ ବର୍ଷ ଧରି ଏପରି ସମସ୍ୟାରେ ଥିବା ଏହି ବିଦ୍ୟାଳୟରେ ଶ୍ରେଣୀ ଗୃହ ନିର୍ମାଣ ନେଇ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି । କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗତ ୪ ବର୍ଷ ତଳେ କେତେକ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲା । ବର୍ଷାରେ ସବୁ ଗୃହ ଭୁଶୁଡି ନଷ୍ଟ ହୋଇଯାଇଛି । ସେବେଠାରୁ ଗୋଟିଏ କଠୋରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଚାଲିଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର ପ୍ରଧାନ କହିଛନ୍ତି । ବିଭାଗୀୟ ଅଧିକାରୀଙ୍କୁ ଶ୍ରେଣୀ ଗୃହ ଅଭାବ ସମ୍ପର୍କରେ ଅବଗତ କରାଯାଇଥିବା ପାଙ୍ଗାମ ସିଆରସିସି ସର୍ବେଶ୍ୱର ବେଉରା କହିଛନ୍ତି । ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଇକୋ କ୍ଲବ ଗଠନ ନେଇ ମାଷ୍ଟର ଟ୍ରେନରଙ୍କ ବିଭିନ୍ନ ବିଦ୍ୟାଳୟ ତଦାରଖ

**ପାଣ୍ଡ୍ରିପାଣି, ୧୩।୧୧:** ମଙ୍ଗଳବାର ମାଷ୍ଟର ଟ୍ରେନର ସୀମାଞ୍ଚଳ ପଣ୍ଡା ଓ ଦୁର୍ଯ୍ୟୋଧନ ପାତ୍ର ମାଲକାନଗିରି ବ୍ଲକ ମାର୍କାପାଲି ପଞ୍ଚାୟତର ମାର୍କାପାଲି ସରକାରୀ ୟୁଜି ଏମଇ ସ୍କୁଲ, ବୀରଲକ୍ଷ୍ମଣପୁର ପଞ୍ଚାୟତର ଆଶ୍ରମ ବିଦ୍ୟାଳୟ, ପେଦାୱାଡା ପଞ୍ଚାୟତର ପେଦାୱାଡା ସରକାରୀ ଅପଗ୍ରେଡେଡ ଉଚ୍ଚ ବିଦ୍ୟାଳୟ, ପାଣ୍ଡ୍ରିପାଣି ପଞ୍ଚାୟତ ସଦର ଓ ଭାଲୁଗୁଡା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେମାନେ ବିଦ୍ୟାଳୟରେ ଗଠନ ହୋଇଥିବା ଇକୋ କ୍ଲବ (ସବୁଜବାହିନୀ)ର ନଥିପତ୍ର ତଦାରଖ କରିଛନ୍ତି । ପ୍ରଶିକ୍ଷଣ ନେଇ ନ ଥିବା ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ବିଦ୍ୟାଳୟଗୁଡିକରେ ପରିଚାଳନା କରାଯାଇ ପାରୁନାହିଁ ବୋଲି ତଦାରଖ ସମୟରେ ଉଭୟ ଜାଣିବାକୁ ପାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏବାବଦରେ ଜଙ୍ଗଲ ବିଭାଗ ପକ୍ଷରୁ ମିଳୁଥିବା ଅନୁଦାନ କିପରି ଖର୍ଚ୍ଚ କରାଯିବ ସେ ସମ୍ପର୍କରେ ବୁଝାଇଥିଲେ। ଯେପରି ବନ ମହୋତ୍ସବ, ପଲିଥିନ ବର୍ଜନ, ବିଶ୍ୱ ପରିବେଶ ଦିବସ, ବିଶ୍ୱ ମୃର୍ତ୍ତିକା ଦିବସ ପାଳନ, ଜଳ ସଂରକ୍ଷଣ ଦିବସ ପାଳନ, ବନ୍ୟପ୍ରାଣୀ ସପ୍ତାହ ପାଳନ, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ବନ୍ୟପ୍ରାଣୀଙ୍କ ଚିତ୍ରାଙ୍କନ ଓ ପରିବେଶ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତାରେ ଏହି ଅର୍ଥ ଖର୍ଚ୍ଚ କରିବାକୁ ଉଭୟେ ପରାମର୍ଶ ଦେଇଥିଲେ।

■ଆବାସ ଗୃହ ନିର୍ମାଣ ପ୍ରତିଶ୍ରୁତି ଦେଇ ଅର୍ଥ ଆତ୍ମସାତ୍

# ଠକାମିର ଶିକାର ହେଲେ ୫ ହିତାଧିକାରୀ

**ମାଥିଲି, ୧୩।୧୧ (ଡି.ଏନ.ଏ.)**

ନିରକ୍ଷର ବୋଲି ସରଳତାର ଫାଇଦା ଉଠାଇଲେ । ଗୃହ ନିର୍ମାଣ କରିଦେବାକୁ ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଲେ । ଆଦିବାସୀଙ୍କୁ ମୋହରା ବନାଇ ସରକାରଙ୍କ ଅର୍ଥକୁ ହିତାଧିକାରୀଙ୍କ ଜରିଆରେ ଆଣି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ପରି ଗୁରୁତର ଅଭିଯୋଗ ହୋଇଛି । ଏପରି ଅଭିଯୋଗ କରିଛନ୍ତି ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କୁଟୁଣୀପାଲି ପଞ୍ଚାୟତର ହିତାଧିକାରୀମାନେ। ଗୃହହୀନଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ପିଏମଜିୱାଇ ଯୋଜନାରେ ଆବସ ଗୃହ ମିଳିଥିଲା । କୁଟୁଣିପାଲି ପଞ୍ଚାୟତର ଟିମସପୁଟ ଗ୍ରାମର ଗୋପୀନାଥ ପୂଜାରୀ, ରତ୍ନା ନାୟକ, ମଙ୍ଗଳ ନାୟକ, ଖଡିକିଆଯୋଡି ଗ୍ରାମର ନାଗେଶ୍ୱର ଗୋଲରୀ, ସନୁ ଗୋଲରୀ ଆଦି ହିତାଧିକାରୀଙ୍କୁ ଆବାସ ଗୃହ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। ତେବେ ପୂର୍ବରୁ ଏମାନଙ୍କୁ ମନରେ ବିଶ୍ୱାସ ଜନ୍ମାଇ ଠିକା କାମ କରି ଖୁବ କମ ସମୟ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଦେବି କହି ଏକ ତାଲିକା ଧରି ଦଳପତିଗୁଡା ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର

■୩.୩୦ ଲକ୍ଷ ଟଙ୍କା ହଡପ ଅଭିଯୋଗ

■ ଅଭିଯୋଗ ଆସିଛି , ଦୃଢ କାର୍ଯ୍ୟାନୁଷ୍ଠାନ ହେବ: ବିଡିଓ



ଶ୍ରୀନିବାସ ସୁବୁଦ୍ଧି ନାମକ ବ୍ୟକ୍ତି ଆସିଥିଲେ। ପରେ ୫ ହିତାଧିକାରୀଙ୍କ ସରଳତାର ଫାଇଦା ନେଇଥିଲେ । ପ୍ରଥମେ ପ୍ରଥମେ ହିତାଧିକାରୀମାନଙ୍କ କାର୍ଯ୍ୟାଦେଶ ପତ୍ର , ପାସ୍ ବୁକ୍ , ଏଟିଏମ କାର୍ଡ ମାଗି ନେଇଥିଲେ । କିଛି ଦିନ ପରେ ଆବାସ ଗୃହ ନିର୍ମାଣ ବାବଦରେ ଆସିଥିବା ଅର୍ଥ ହିତାଧିକାରୀଙ୍କ ଜରିଆରେ ଉଠାଇ ସମ୍ପୃକ୍ତ ବ୍ୟକ୍ତି ନେଇଯାଇଥିଲେ। ହିତାଧିକାରୀ ଗୋପୀନାଥଙ୍କ ସ୍ଲାପ୍ ଲେବଲ ପର୍ଯ୍ୟନ୍ତ କାମ କରି ଦେଇ ୧ ଲକ୍ଷ, ୬ ଫୁଟ ଇଟା ଯୋଡେଇ କରି ରତ୍ନା ନାୟକଙ୍କଠାରୁ ୧ ଲକ୍ଷ , ଫାଉଣ୍ଡେଶନ କାମ କରି ନାଗେଶ୍ୱର ଗଲୋରୀଙ୍କଠାରୁ ୫୫ ହଜାର, ସନୁ ଗଲୋରୀଙ୍କଠାରୁ ୫୫ ହଜାର ଲେଖାଏ ଟଙ୍କା ନେଇଯାଇଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ବିତିଯାଇଥିଲେ ମଧ ସମ୍ପୃକ୍ତ ବ୍ୟକ୍ତି ଗୃହ ନିର୍ମାଣ କାମରେ ବିଳମ୍ବ କରଛନ୍ତି। ତାଙ୍କୁ କହିବାକୁ ଗଲେ ସେ ଧରାଛୁଆଁ ଦେଉନାହାନ୍ତି । ଫଳରେ ହିତାଧିକାରୀମାନେ ସରକାରଙ୍କ ତରଫରୁ ମିଳିଥିବା ଆବାସ ସୁବିଧା ନେଇ ନ ପାରି ଠକାମିର ଶିକାର ହୋଇଛନ୍ତି ।ଏ ନେଇ ବିଡିଓ ଆଶିଷ କୁମାର ଭୋଇଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ୩ ଲକ୍ଷ ୩୦ ହଜାର ଟଙ୍କା ସମ୍ପୃକ୍ତ ବ୍ୟକ୍ତି ୫ ହିତାଧିକାରୀଙ୍କଠାରୁ ନେଇଥିବା ଅଭିଯୋଗ ଆସିଛି । ଏ ସମ୍ପର୍କରେ ମାଥିଲି ଥାନା, ମାଲକାନଗିରି ଏସପି ଓ ଜିଲାପାଳଙ୍କୁ ବିଭାଗ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଲିଖିତ ଭାବେ ଅବଗତ କରାଯାଇଥିବା ବିଡିଓ ଭୋଇ କହିଛନ୍ତି । ଅନ୍ୟପକ୍ଷରେ କୁଟୁଣିପାଲି ପଞ୍ଚାୟତରେ ହିତାଧିକାରୀମାନେ ଠକାମିର ଶିକାର ହେବା ପରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ନିହାର ରଞ୍ଜନ ସରକାର, ପିଇଓ ଟଙ୍କଧର ହନ୍ତାଳଙ୍କୁ ପଞ୍ଚାୟତରେ ଚାଲିଥିବା ଗୃହ ନିର୍ମାଣ କାମ ଉପରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ହୋଇଛି। ପ୍ରତ୍ୟେକ ହିତାଧିକାରୀଙ୍କ ନିକଟକ ଯାଇ ଗୃହ ନିର୍ମାଣ ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ଦେବାକୁ ବିଡିଓ ଭୋଇ ନିର୍ଦ୍ଦେଶ ଦେଇଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାରେ ହରି ରଖେ କିଏ ?**
**ରଖେ ହରି ମାରେ କିଏ ?**

ଈଶ୍ୱର ସର୍ବ ଶକ୍ତିମାନ । ତାଙ୍କ ଶକ୍ତି ବା ପରାକ୍ରମ ଆଗରେ କାହାର ଜୋର ଚଳି ନ ଥାଏ । ତାରିବା, ମାରିବା ସବୁ ତାଙ୍କରି ଇଚ୍ଛା ବା ଦୟା ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମଥାକେ ବାନ୍ଧିଲି ମେଣ୍ଢା,**
**ଜବାବ ଦେଇ ଯା, ନିଆଁଶା କଲୁ;**
**କାଲି ବସେଇବି ହଟା ।**

ଜବାବ ଦେଲେ କଥା ରଖିବାକୁ ପଡ଼େ। ଏଥିରୁ ଖିଲାପ ହେଲେ ଅପର ବ୍ୟକ୍ତିର ମନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ମନ ପାଣିଚିଆ ହୋଇଯିବା ସହ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ। ଏପରିସ୍ଥଳେ କଥା ଦେଇ କଥା ରଖି ପାରୁ ନ ଥିବା ବ୍ୟକ୍ତି ପ୍ରତି ମନରେ କ୍ରୋଧ ଜାତ ହେବା ସହ ପ୍ରତିହିଂସା ଭାବ ସୃଷ୍ଟିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପରମ୍ପରାକୁ ନେଇ ଉତ୍ସବ ପାଳନ ଉପରେ ଗୁରୁତ୍ୱ



ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ମାଲକାନଗିରି, ୧୩।୧୧ (ଡି.ଏନ.ଏ)**

ମାଲକାନଗିରି ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ପକ୍ଷରୁ ଜିଲାର ଆଦିବାସୀଙ୍କ ପରମ୍ପରାକୁ ନେଇ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବ । ଏ ସମ୍ପର୍କରେ ମଙ୍ଗଳବାର ମାଲକାନଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କାର୍ଯ୍ୟାଳୟ ପରିସରରେ ପରିଷଦର ଅଧ୍ୟକ୍ଷ ଆଡମା ରାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ ବିଭିନ୍ନ ଆଦିବାସୀ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ । । ବିଶେଷ କରି ମାଲକାନଗିରି ଜିଲାରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ନାଚଗୀତ ପ୍ରଥମେ ବ୍ଲକ ସ୍ତରରେ କରାଯିବ । ବିଭିନ୍ନ ବ୍ୟବହାର ସାମଗ୍ରୀ, ପାରମ୍ପରିକ ପୋଷାକ ଆଦି ସମ୍ପର୍କରେ ଆଲୋଚନା ହୋଇ ଜିଲା ସ୍ତରରେ ଯେପରି ମାଲ୍ୟବନ୍ତ ମହୋତ୍ସବ ହେଉଛି ସେଭଳି ଏହି ଉତ୍ସବକୁ ପାଳନ କରାଯିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ପରିଷଦର ଅଧ୍ୟକ୍ଷ ରାବା ପ୍ରକାଶ କରିଥିଲେ । ଏହାର ପରିଚାଳନା ଦାୟିତ୍ୱ ସମସ୍ତ ଆଦିବାସୀ ସଙ୍ଗଠନର କର୍ମକର୍ତ୍ତାମାନେ ନେବେ । ଗ୍ରାମାଞ୍ଚଳରେ କିପରି ଏହାର ପ୍ରଚାର ପ୍ରସାର ହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଉତ୍ସବର ନାମ ମାଲ୍ୟବନ୍ତ ପାଣ୍ଡୁମ୍ ରଖିବା ପାଇଁ ରାବା ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଫଳରେ ବର୍ତ୍ତମାନ ମାଲ୍ୟବନ୍ତ ମହୋତ୍ସବର ନାମ ପରିବର୍ତ୍ତନ କରି ପାଣ୍ଡୁମ୍ ରଖିବାକୁ ଯେଉଁ ସମସ୍ୟା ଦେଖାଦେଇଛି ତାହା ଦୂର ହୋଇପାରିବ। ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, କୋୟା ସମାଜର ସଭାପତି କୃଷ୍ଣ ବୁରୁଦା, ସମ୍ପାଦକ ସମରା ମାଢି, ଉପସଭାପତି ଲକ୍ଷ୍ମଣ ନାୟକ, ଘେନୁ ମୁଦୁଲି ଏହି ନାମକରଣ ସମ୍ପର୍କରେ ଆଇଟିଡିଏ ଏବଂ ଆଦିବାସୀ ଉନ୍ନୟନ ଅଧ୍ୟକ୍ଷଙ୍କୁ ଜଣାଇ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

■ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ସପ୍ତାହ

# ଗୋ ସମ୍ପଦ ସୁରକ୍ଷା ଉପରେ ଗୁରୁତ୍ୱ



ଗୋ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଗୋମାତାଙ୍କୁ ପୂଜା କରୁଛନ୍ତି।

**କାଲିମେଲା, ୧୩।୧୧ (ଡି.ଏନ.ଏ)**

ମାଲକାନଗିରି ଜିଲାସ୍ତରୀୟ ୭୭ ତମ ଗୋ ସମ୍ବର୍ଦ୍ଧନା ଦିବସ କାଲିମେଲା ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାର ସମସ୍ତ ଅଞ୍ଚଳର ଗୋ ପାଳକମାନେ ସେମାନଙ୍କ ଗୋରୁଗାଇ ନେଇ ଉତ୍ସବରେ ଯୋଗ ଦେଇଥିଲେ। ଏହିଅବସରରେ ଅନୁଷ୍ଠିତ ସଭାରେ ମାଲକାନଗିରି ବିଧାୟକ ମାନସ ମାଡକାମି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଡିଓ ଉମା ଶଙ୍କର ଦଳାଇ, ବୈଜ୍ଞାନିକ ଅନୁପ ରାୟ, ପ୍ରାଣୀ ଚିକିତ୍ସାଧିକାରୀ ଯଶମନ୍ତ କୁମାର କୁମୁଟି ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ପ୍ରାଣୀ ଚିକିତ୍ସାଧିକାରୀ ପ୍ରତାପ କୁମାର ଦାସ ସଭାକୁ ପରିଚାଳନା କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରାଇଥିଲେ। ମୋଟୁ ପ୍ରାଣୀ ଚିକିତ୍ସାଧିକାରୀ ବୀରେନ୍ଦ୍ର କୁମାର ପୁଷ୍ଟି ଅତିଥି ପରିଚୟ ଦେଇଥିଲେ । ସଭାକାର୍ଯ୍ୟ ପୂର୍ବରୁ ଅତିଥିମାନଙ୍କ ଦ୍ୱାରା ଗୋ ପୂଜନ କରାଯାଇଥିଲା । ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଆମ ଦେଶ ଏକ କୃଷିଭିତ୍ତିକ ଦେଶ ହୋଇଥିବାରୁ ଗୋ ସମ୍ପଦର ସୁରକ୍ଷା ତଥା ଉନ୍ନତ ଗୋପାଳନ ପ୍ରଣାଳୀ ଅବଲମ୍ବନକୁ ବ୍ୟାପକ ଭାବେ ପ୍ରଚାର କରାଯିବା ଦରକାର। ପ୍ରତ୍ୟେକ ପରିବାରର ଲୋକେ ଗୋ ସମ୍ପଦକୁ ରକ୍ଷା କରିବା ପାଇଁ ଗୋ ପାଳନ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଗୋରୁଗାଇମାନଙ୍କୁ ଧାତବ ଲବଣ, ସ୍ୱାସ୍ଥ୍ୟ ପରୀକ୍ଷା,ଉତ୍ତମ ଯତ୍ନ, ପରିବେଶ ସଫାସୁତୁରା ରଖିବା ପାଇଁ ଉପସ୍ଥିତ ଚାଷୀମାନଙ୍କୁ କୁହାଯାଇଥିଲା । ଏହିଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଗୋ ସମ୍ପଦ ସୁରକ୍ଷା ଉପରେ ଏକ ବିତର୍କ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଭଲ ବଳଦ ପାଳନ କରିଥିବା କାଲିମେଲା ଗ୍ରାମର ଚାଷୀ ନିର୍ମଳ ବିଶ୍ୱାସ, ଏମଭି–୬୯ ଗ୍ରାମର ପ୍ରଫୁଲ୍ଲ ମିସ୍ତ୍ରି ଓ କାଲିମେଲାର କ୍ରିଷ୍ଣପଦ ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା। ଭଲ ଗାଈ ପାଳନ କରଥିବା ଏମଭି–୬୯ ଗ୍ରାମର ରାନି ଡାକୁଆ, ସୁଶିଲ ଢାଲି, ଏମପିଭି–୨୩ ଗ୍ରାମର ଦେବବ୍ରତ ମଣ୍ଡଳ ପୁରସ୍କୃତ ହୋଇଥିଲେ। ସେହିପରି ଭଲ ବାଛୁରୀ ପାଳନରେ ଏମପିଭି–୩୫ ଗ୍ରାମର କାମନା ସରକାର, ଶିବାନୀ ବିଶ୍ୱାସ, କାଲିମେଲାର ବାପି ମଣ୍ଡଳଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଭିଏଏସ ବିକାଶ ନାଗ, ଚିନ୍ମୟୀ ସାହୁ, ଶଙ୍କର ଖିଡିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## କୋଲାବ ଡ୍ୟାମ୍‌ର ଗ୍ୟାଲେରିରେ ଜମୁଛି ପାଣି

**ଜୟପୁର, ୧୩।୧୧ (ଡି.ଏନ.ଏ )**

କୋରାପୁଟ ଜିଲାର କୋଲାବ ଡ୍ୟାମ ଗ୍ୟାଲେରିରେ ପାଣିଜମି ରହିଥିବା ଯୋଗୁଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହିପରି କି ଡ୍ୟାମ ପ୍ରତି ବିପଦ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଜଳଭଣ୍ଡାରରୁ ଲିକ୍ ହେଉଥିବା ଜଳ ଉକ୍ତ ଗ୍ୟାଲେରିରେ ଜମି ରହିଥାଏ । ଏହାକୁ ମୋଟର ପମ୍ପ ଦ୍ୱାରା ନିଷ୍କାସନ କରାଯାଇଥାଏ। କିନ୍ତୁ ଗତ ୨ଦିନ ପୂର୍ବରୁ ମୋଟର ପମ୍ପ ଖରାପ ହୋଇଯାଇଥିବା ଯୋଗୁ ପାଣି ନିଷ୍କାସନ ହୋଇପାରି ନାହିଁ। ଏଥିନେଇ ଗ୍ୟାଲେରିରେ ଜଳପତ୍ତନ ବୃଦ୍ଧି ପାଉଛି। ଏହାକୁ ତଦାରଖ କରୁଥିବା କନିଷ୍ଠଯନ୍ତ୍ରୀ ନୀରବ ରହୁଛନ୍ତି। ନିର୍ବାହୀଯନ୍ତ୍ରୀ ସନ୍ଦିପ ଜ୍ଞାନ ଭଡ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ପାଣି ନିଷ୍କାସନ ନିମନ୍ତେ ଅନ୍ୟ ଏକ ମୋଟର ପମ୍ପ ବ୍ୟବସ୍ଥା କରାଯାଇଛି। ହେଲେ ଡ୍ୟାମ ପ୍ରତି କୌଣସି ବିପଦ ନାହିଁ।

## ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ମହିଳାଙ୍କ ବହିଷ୍କାର ଦାବି

**ଜୟପୁର, ୧୩।୧୧ (ଡି.ଏନ.ଏ)**

ନାରାୟଣପାଟଣା ବ୍ଲକ ବାଲିପେଟା ଗ୍ରାମର ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଦୁଇ ମହିଳାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା ନେଇ ଉପଜିଲାପାଳଙ୍କୁ ଗ୍ରାମର ଯୁବକମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗତ ୩୦ରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ଗ୍ରାମର ବିଧବା ମହିଳାମାନଙ୍କୁ ଏହି ଦାୟିତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା କୁହାଯାଇଛି। ଗ୍ରାମର ଯୁବକ ଅନୀଲ କୁଲଦୀପ, ଲମ୍ବୋଦର ହିଆଲ, ମିହିର କୁଲଦୀପ, ରବିନ୍ଦ୍ର କୁଲଦୀପ ସ୍ମାରକପତ୍ର ପ୍ରଦାନରେ ସାମିଲ ଥିଲେ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) | DR. R. PRASAD GAMS (PATNA)
ମଳକଣ୍ଟକ (FISSURE) | DR. PREM KUMAR BAMS, LLB (UTKAL)
ଭଗନ୍ଦର (FISTULA) | 10AM TO 8PM
WITHOUT SURGICAL OPERATION
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| MORE SPACE • SAME PRICE | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**ଡିଜିଟାଲ ଉପକରଣ**
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ–ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

Manorama
Manorama Dream Pvt. Ltd
ISO:9001:2015
World Class Fan
High Performance
**Manorama Fan**
- WANTED -
**Super Stockist & Distributor**
6200877220
9090456456
8210949721
MEET ON - 16th Nov 2018
Time - 11 AM to 04 PM
Address - Hotel Rail View, Plot No. 19, Ashok Nagar, Bhubaneswar - 09. Odisha
Branch Office - Bhoothnath Road, Near K.P. Hospital, Patna - 800026
Corp. Office - 33, Biplabi Anukul Chandra Street, Kolkata - 700072
Email - info@manoramadream.in
www.manoramadream.in

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ଚାନ୍ଦବାଲି ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି ।
B-19, Tower No-9, New Moti Bagh, New Delhi-110021
8658167603
7064382081

**M. GROUP FINANCE CO.**
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ୱାସ୍ଥ୍ୟସେବା ପାଇଁ 'ଭିଜନ ୨୦୨୫'

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଓଡ଼ିଶାରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି 'ଭିଜନ୍ ୨୦୨୫' ଆକ୍ସନ ପ୍ଲାନ୍। ପ୍ରାଥମିକ ସ୍ତରରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ସହ କ୍ୟାନ୍‌ସର ଏବଂ କାର୍ଡିଆକ୍ କେୟାର କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମୋଟ ୨୭୫୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ରାଜ୍ୟ ସରକାର ଟାର୍ଗେଟ ରଖିଥିବା ବେଳେ ଆଗାମୀ ୨ରୁ ୩ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଏ ନେଇ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ମଙ୍ଗଳବାର ତୃତୀୟ ଦିବସରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ଓଡ଼ିଶାର ୨୫ଟି ସ୍ଥାନରେ ସୁଲଭ ସ୍ୱାସ୍ଥ୍ୟସେବା ପ୍ରୋଜେକ୍ଟ ଆରମ୍ଭ କରିବେ। ଏଥିପାଇଁ ରାଜ୍ୟରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର ଭଳି ପ୍ରମୁଖ ସହରକୁ ଛାଡ଼ି ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଏହି ହସ୍ପିଟାଲ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବ। ଏଥିଲାଗି ୧୩୦୦ କୋଟିର ପୁଞ୍ଜିବିନିଯୋଗ ଲକ୍ଷ୍ୟ ରଖାଯାଇଥିବା ବେଳେ ପିପିପି ମୋଡରେ ଏହା କରାଯିବ। ସେହିଭଳି ନବରଙ୍ଗପୁର ଜିଲାରେ ୧୬ଟି ଡିଜିଟାଲ ଡିସ୍‌ପେନ୍‌ସରୀ ପ୍ରତିଷ୍ଠା ପରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଆହୁରି ୧୦୨ଟି ଡିଜିଟାଲ ଡିସ୍‌ପେନ୍‌ସରୀ ସ୍ଥାପନ କରାଯିବ। ଆଭ୍ୟନ୍ତରୀଣ ଅଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲାଗି ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏହି ଅତ୍ୟାଧୁନିକ ପଦ୍ଧତି ଆପଣାଇବେ। ଏଥିପାଇଁ ମୋଟ ୯୦କୋଟିର ପୁଞ୍ଜିନିବେଶ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର। ରାଜ୍ୟର ପ୍ରତି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ, କଟକ ଶିଶୁଭବନ ଏବଂ କ୍ୟାପିଟାଲ ହସ୍ପିଟାଲରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଓ ଡାଇଲିସିସ୍ ସେବା ଯୋଗାଇ ଦିଆଯିବ। ଏଥିଲାଗି ରାଜ୍ୟ ସରକାର ୭୦୦ କୋଟିର ପୁଞ୍ଜିବିନିଯୋଗ କରିବେ। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀଙ୍କୁ କ୍ୟାସ୍‌ଲେଶ୍ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେବେ। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସଜଡ଼ାଯିବା ସହ ରୋଗୀଙ୍କୁ ଯେପରି ସମସ୍ତ ପ୍ରକାର ସହଯୋଗ ମିଳିପାରିବ, ତାହାକୁ ପ୍ରାଥମିକତା ଦିଆଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

- ୨୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ
- ରାଜ୍ୟରେ ପ୍ରତିଷ୍ଠା ହେବ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ
- ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଲୋକେ ପାଇବେ ଉନ୍ନତ ସ୍ୱାସ୍ଥ୍ୟସେବା

## ଝାରସୁଗୁଡ଼ାରେ ହେବ କାର୍ଡିଆକ୍ କେୟାର ହସ୍ପିଟାଲ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଝାରସୁଗୁଡ଼ାରେ ୭୦କୋଟି ଟଙ୍କା ବିନିଯୋଗରେ ଏକ କାର୍ଡିଆକ୍ କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। କେବଳ କାର୍ଡିଆକ୍ କେୟାର ଉପରେ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାରେ ଏଭଳି ଏକ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ କେୟାର ହସ୍ପିଟାଲ ସହ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ସେହିଭଳି ବମ୍ବେର ଟାଟା ମେମୋରିଆଲ ହସ୍ପିଟାଲ ଢାଞ୍ଚାରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। ଟାଟା ଟ୍ରଷ୍ଟ ସହ ମିଳିତଭାବେ ରାଜ୍ୟ ସରକାର ଏହି ପ୍ରୋଜେକ୍ଟ କରିବେ। ଏହାସହ ସ୍ପୋକ୍ ଏବଂ ହବ୍ ମଡେଲରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ କର୍କଟ ରୋଗ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରଥମଥର ପାଇଁ ୧୫ଟି ଜିଲାରେ ରେଡିଓଥେରାପି ବ୍ୟବସ୍ଥା ରାଜ୍ୟ ସରକାର ଯୋଗାଇଦେବେ। ଏଥିପାଇଁ ୬୦୦ କୋଟିର ପୁଞ୍ଜିବିନିଯୋଗ ହେବାକୁ ଥିବା ବେଳେ ଟାଟା ଟ୍ରଷ୍ଟ ସହ ଏଥିପାଇଁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ମିଳିଛି। ଏହାସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କେତେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି ଆପୋଲୋ ହସ୍ପିଟାଲ ଗ୍ରୁପ୍। ମାତ୍ର ଏ ନେଇ ଏ ପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇ ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ବିଆର୍ ଲାଇଫ୍‌ର ଚେୟାରମ୍ୟାନ୍ ଡ. ବି.ଆର୍ ସେଟ୍ଟୀ, ମେଡିକା ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ଚେୟାରମ୍ୟାନ୍ ଡ. ଆଲୋକ ରୟ, ଟାଟା ଟ୍ରଷ୍ଟର ଡ. ହରିଶ କ୍ରିଷ୍ଣାସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

- ୧୫ ଜିଲାରେ ରେଡିଓଥେରାପି ବ୍ୟବସ୍ଥା
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ଆପୋଲୋର ପ୍ରସ୍ତାବ



ଅନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର୍ ବିଭୁ ମହାପାତ୍ର(ଡାହାଣ)ଙ୍କ ସହ ଆଲୋଚନାରତ ଓଡ଼ିଶା ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟି ଚେୟାରମ୍ୟାନ୍ ସୁବ୍ରତ ବାଗ୍‌ଚୀ।

# ୫୦% ଖଣିଜ ସମ୍ପଦକୁ ବିନିଯୋଗ କରିବ ରାଜ୍ୟ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିକୁ ଫୋକସ୍‌ରେ ରଖି ଓଡ଼ିଶା ସରକାର ପ୍ରସ୍ତୁତ କରିଛନ୍ତି 'ଭିଜନ ୨୦୩୦'। ଆଲୁମିନିୟମ୍, ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଭଳି ସେକ୍ଟରରେ ଅଧିକରୁ ଅଧିକ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଟାର୍ଗେଟ୍ ରଖିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟ ଉତ୍ପାଦନ କରୁଥିବା ଖଣିଜ ସମ୍ପଦକୁ ଏଣିକି ବାହାରକୁ ନ ପଠାଇ ନିଜେ ବିନିଯୋଗ କରିବାକୁ ସ୍ଥିର କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ନିଜର ୫୦ ପ୍ରତିଶତ ଖଣିଜ ଦ୍ରବ୍ୟକୁ ଫିନିସିଂ ପ୍ରଡକ୍ଟରେ ପରିଣତ କରି ବିକ୍ରି କରିବ। ଆଗରୁ କଞ୍ଚାମାଲ୍‌କୁ ଶସ୍ତାରେ ବିକ୍ରି କରୁଥିବା ଓଡ଼ିଶା ଏହାଦ୍ୱାରା ବିଶେଷ ଲାଭବାନ ହେବ ବୋଲି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଅବସରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ଓଡ଼ିଶା ସରକାର। କେବଳ ଡାଉନ୍‌ଷ୍ଟ୍ରିମ୍ ନୁହେଁ, ଏରୋସ୍ପେସ୍ ଓ ଡିଫେନ୍ସ ମ୍ୟାନୁଫାକ୍ଚରିଂ କ୍ଷେତ୍ରରେ ମଧ୍ୟ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ଆହ୍ୱାନ କରାଯାଇଛି। ଖଣିଜ ସମ୍ପଦ ଉତ୍ପାଦନରେ ଓଡ଼ିଶା ଦେଶର ୧୪ ପ୍ରତିଶତ ଭାଗୀଦାରି ଥିବା ବେଳେ ରାଜ୍ୟକୁ ଦକ୍ଷିଣ ଏସିଆର ଆଲୁମିନିୟମ୍ କ୍ୟାପିଟାଲ ବୋଲି କୁହାଯାଉଛି, ଯେଉଁଥିପାଇଁ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ମାଧ୍ୟମରେ ନିଜ ଖଣିଜ ସମ୍ପଦକୁ ନିଜେ ବିନିଯୋଗ କରିବାକୁ ଯୋଜନା କରାଯାଇଛି। କଳିଙ୍ଗନଗରର ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ମ୍ୟାନୁଫାକ୍ଚରିଂ ଜୋନ୍ ରାଜ୍ୟର ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ହବ୍‌ରେ ପରିବର୍ତ୍ତନ ହୋଇଥିବା ବେଳେ ଅନୁଗୋଳ ଆଲୁମିନିୟମ୍ ପାର୍କ ଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଛି। ସେହିଭଳି ଖୁବ୍‌ଶୀଘ୍ର ଅନୁଗୋଳରେ ଆଉ ଏକ ପ୍ରାଇଭେଟ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ, ଝାରସୁଗୁଡ଼ାରେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଆଲ ପାର୍କ ଏବଂ କଳିଙ୍ଗନଗରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାବ୍ୟତୀତ ଏରୋସ୍ପେସ୍ ଏବଂ ଡିଫେନ୍ସ ଇଣ୍ଡଷ୍ଟ୍ରି ପାଇଁ ଆବଶ୍ୟକ କଞ୍ଚାମାଲ୍ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଓଡ଼ିଶାରେ ରହିଥିବାରୁ ନିକଟରେ ସରକାର ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ ମ୍ୟାନୁଫ୍ୟାକ୍ଚରିଂ ପଲିସି ୨୦୧୮ ପ୍ରସ୍ତୁତ କରିଛନ୍ତି। ଆକର୍ଷଣୀୟ ସବ୍‌ସିଡି ବ୍ୟବସ୍ଥା ରହିଥିବାରୁ ଏଥିପ୍ରତି ନିବେଶକ ଆକୃଷ୍ଟ ହେବେ ବୋଲି ସଞ୍ଜୀବ ଚୋପ୍ରା ଏହି ଅବସରରେ କହିଥିଲେ। ଅନ୍ୟପକ୍ଷରେ ବିଏମ୍‌ଇଏଲ୍ ଓ ଆଇଟିଆଇଆର୍ ମିଳିତଭାବେ ୨୦୧୯ ଜାନୁଆରୀରେ ଭୁବନେଶ୍ୱରରେ ଏରୋସ୍ପେସ୍ ଏବଂ ଡିଫେନ୍ସ ଏମ୍‌ଏସ୍‌ଏମ୍‌ଇ ପାଇଁ ଏକ ଇନ୍‌ଭେଷ୍ଟର୍ସ ମିଟ୍ କରିବେ ବୋଲି ଏଠାରେ ଘୋଷଣା ହୋଇଥିଲା।

### ପ୍ଲାଷ୍ଟିକ୍ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଦ୍ୱିତୀୟ ସଂସ୍କରଣରେ ପ୍ଲାଷ୍ଟିକ୍, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ଏ କ୍ଷେତ୍ରରେ ରାଜ୍ୟରେ ଅଧିକରୁ ଅଧିକ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ସହ ଦକ୍ଷ ମାନବସମ୍ବଳଙ୍କୁ ନିଯୁକ୍ତି ଦେବାକୁ କହିଛନ୍ତି। ପାରାଦୀପରେ ୧୨୦ ଏକର ବିଶିଷ୍ଟ ପ୍ଲାଷ୍ଟିକ୍ ପାର୍କ ପ୍ରତିଷ୍ଠା ପରେ ଏହି ସେକ୍ଟରରେ କିଭଳି ଅଧିକ ନିବେଶକଙ୍କୁ ଆକୃଷ୍ଟ କରାଯାଇପାରିବ, ତାହା ଉପରେ କନ୍‌କ୍ଲେଭ୍‌ରେ ଗୁରୁତ୍ୱ ଦେଇଛନ୍ତି।

**ଶିଳ୍ପ ବିଭାଗର 'ଭିଜନ ୨୦୩୦'**
- ପ୍ରସ୍ତୁତ ହେବ ଫିନିଶିଂ ପ୍ରଡକ୍ଟ
- ଡାଉନ୍‌ଷ୍ଟ୍ରିମ୍‌ରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ
- ଅନୁଗୋଳ, ଝାରସୁଗୁଡ଼ା, କଳିଙ୍ଗନଗରରେ ୩ ଇଣ୍ଡଷ୍ଟ୍ରିଆଲ ପାର୍କ

# ବୟନଶିଳ୍ପରେ ବିପୁଳ ସୁଯୋଗ

## ନିଯୁକ୍ତ ହେବେ ୬୫୦୦ ମାନବସମ୍ବଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ବୟନଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ ବ୍ୟାପକ ସୁଯୋଗ। ନିଯୁକ୍ତ ହେବେ ୬୫୦୦ରୁ ଊର୍ଦ୍ଧ୍ୱ ମାନବସମ୍ବଳ। ମହିଳାମାନଙ୍କୁ ମିଳିବ ଆତ୍ମନିର୍ଭରଶୀଳତା। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ରାଜ୍ୟରେ ଆପାରେଲ୍ ତଥା ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ପାଇଁ ୩ ପ୍ରମୁଖ ଶିଳ୍ପସଂସ୍ଥା ଆଗ୍ରହ ଦେଖାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ମଧ୍ୟରେ 'ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ', 'ଶାହି ଏକ୍ସପୋର୍ଟ' ଏବଂ 'ୱାଇଲ୍ଡ ଲୋଟସ୍ ଫ୍ୟାଶନ' ଭଳି ସଂସ୍ଥା ରହିଛନ୍ତି। ଏହାବ୍ୟତୀତ ଆଉ ୪ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟ ରାଜ୍ୟରେ ପୋଷାକ ଶିଳ୍ପରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକ ଅଗ୍ରଣୀ ଟେକ୍ସଟାଇଲ ହବ୍‌ରେ ପରିଣତ ହେବାକୁ ଯାଉଥିବା ମନ୍ତ୍ରୀ ଏହି ନିବେଶକ ସମ୍ମିଳନୀରେ କହିଛନ୍ତି।

ଇଣ୍ଡଷ୍ଟ୍ରିଆଲ ପଲିସି ୨୦୧୫, ଆପାରେଲ୍ ପଲିସି ୨୦୧୬ ଏବଂ ଟେକ୍ସଟାଇଲ ପଲିସି ୨୦୧୬ ଅନୁଯାୟୀ ସରକାର ଯେଉଁ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି, ସେଥିପ୍ରତି ନିବେଶକମାନେ ଆକୃଷ୍ଟ ହୋଇଛନ୍ତି। ବିଶେଷକରି ଆପାରେଲ୍ ସେକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ସରକାର। ଏହିକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ ଓଡ଼ିଶାରେ ୬୬ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହା ନିଜର ଶିଳ୍ପ ପ୍ରତିଷ୍ଠାନ ଆରମ୍ଭ କରିବ। ସେହିଭଳି ପୂର୍ବରୁ ୫୦ କୋଟି ଟଙ୍କା ବିନିଯୋଗ କରି ୨୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଥିବା ଶାହି ଏକ୍ସପୋର୍ଟ ରାଜ୍ୟରେ ଆହୁରି ୫୧ କୋଟିର ପୁଞ୍ଜିନିବେଶ କରିବ। ଏହାବ୍ୟତୀତ ୱାଇଲ୍ଡ ଲୋଟସ୍ ଫ୍ୟାଶନ ଓଡ଼ିଶାରେ ଆପାରେଲ୍ ଇଣ୍ଡଷ୍ଟ୍ରି ପାଇଁ ୨୦ କୋଟିର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଉପରୋକ୍ତ ୩ ଇଣ୍ଡଷ୍ଟ୍ରି ରାଜ୍ୟରେ ପ୍ରତିଷ୍ଠା ହେବା ଦ୍ୱାରା ପ୍ରାୟ ୬୫୦୦ରୁ ଅଧିକ ଲୋକ ଏଥିରେ ନିଯୁକ୍ତ ହୋଇପାରିବେ। ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଏହାଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟରେ ରାଜ୍ୟ ସରକାର ୨୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୨୦ କୋଟି ଟଙ୍କାର ସବ୍‌ସିଡି ଦେବାର ବ୍ୟବସ୍ଥା କରିଥିବା ବେଳେ ଋଣ ପ୍ରଦାନରେ ମଧ୍ୟ ୧୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୧୦କୋଟି ଟଙ୍କା ଛାଡ଼ କରିବାର ବ୍ୟବସ୍ଥା ରହିଛି, ଯାହାକି ରାଜ୍ୟ ପ୍ରତି ନିବେଶକଙ୍କୁ ଆକୃଷ୍ଟ କରୁଛି ବୋଲି ଛୁରିଆ କହିଛନ୍ତି।

- ଆଦିତ୍ୟ ବିର୍ଲା କରିବେ ୬୬ କୋଟିର ପୁଞ୍ଜିନିବେଶ
- ଶାହି ଏକ୍ସପୋର୍ଟର ୫୧ କୋଟି
- ୨୦ କୋଟି ବିନିଯୋଗ କରିବ ୱାଇଲ୍ଡ ଲୋଟସ୍ ଫ୍ୟାଶନ

## ନିର୍ମାଣ ହେବ ଦୁଇଟି ଟେକ୍ସଟାଇଲ ପାର୍କ

ବୟନ ଏବଂ ଆପାରେଲ୍ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପୋଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର ଦୁଇଟି ଟେକ୍ସଟାଇଲ ପାର୍କ ନିର୍ମାଣ କରିବାକୁ ଯାଉଛନ୍ତି। ଓଡ଼ିଶାରେ ପ୍ରଚୁର ପରିମାଣରେ କପା ଉତ୍ପାଦିତ ହେଉଥିବାରୁ ଏଠାରେ ବିପୁଳ କଞ୍ଚାମାଲ ଉପଲବ୍ଧ ହେଉଛି। ତେଣୁ ନିବେଶକମାନଙ୍କୁ ଆକୃଷ୍ଟ କରିବାକୁ ସରକାର ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ୍‌ର ବ୍ୟବସ୍ଥା କରିଛନ୍ତି। ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ ଭଦ୍ରକରେ ୨୫୦ ଏକର ଜମି ସହ ରାମଦାସପୁର ଓ ଛତାବରଠାରେ ଜମି ରଖାଯାଇଛି। ଏହାବ୍ୟତୀତ ଚୌଦ୍ୱାର ଓଟିଏମ୍‌ର ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ, ଓଟିଏମ୍‌କୁ ନେଇ ବିଚାରାଧୀନ ଥିବା ମାମଲା କିଛିଦିନ ମଧ୍ୟରେ ଫଇସଲା ହେବାକୁ ଯାଉଛି। ଇଡ୍‌କୋ ଏଥିପାଇଁ ୯୦ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଖୁବ୍‌ଶୀଘ୍ର ଏହା ପୁନଃକାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ସେକ୍ଟରାଲ ସେମିନାରରେ ଏଇପିସିର ଅଧ୍ୟକ୍ଷ ଏଚ୍.କେ.ଏଲ୍. ମାଗୁ, ସିଟିର ଅଧ୍ୟକ୍ଷ ସଞ୍ଜୟ କୁମାର ଜୈନ, ଫିକି ଟେକ୍ସଟାଇଲ କମିଟି ଅଧ୍ୟକ୍ଷ ଶିଶିର ଜୟପୁରିଆ, ଲି ଆଣ୍ଡ ଫଙ୍ଗ୍‌ର କଣ୍ଟ୍ରିହେଡ୍ ସୁଶୀଲ ସେଓ୍ୱକରମଣି, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜାଇନର ବିଭୁ ମହାପାତ୍ର, ଆଇଓସିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଭିନାଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।



# ଏମ୍‌ଏସ୍‌ଏମ୍‌ଇରେ ନିବେଶ ହେବ ୧୧୭୭ କୋଟି

ଭୁବନେଶ୍ୱର,୧୩।୧୧

ରାଜ୍ୟରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକରେ ୧୧୭୭ କୋଟି ଟଙ୍କାର ନିବେଶ ହେବ। ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇକୁ ବର୍ତ୍ତମାନ ଫୋକସ୍ କ୍ଷେତ୍ରଭାବେ ଗ୍ରହଣ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉ ଥିବା 'ମେକ୍ ଇନ ଓଡିଶା' କନ୍‌କ୍ଲେଭରେ ମଙ୍ଗଳବାର ଏମ୍‌ଏସ୍‌ଏସ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସୂଚନା ଦେଇଛନ୍ତି। ଗୁଜରାଟରେ ଅବସ୍ଥାପିତ ଓଡିଆ ଉଦ୍ୟୋଗୀ ଡ.ଉଦୟ ଶଙ୍କର ସେଠୀ ୮୨୦ କୋଟି ଟଙ୍କାର ନିବେଶ କରିବେ। ସିଫୁଡ ପ୍ରୋସେସିଂ, ସିଫୁଡ୍ ଟେଷ୍ଟିଂ, ଆକ୍ୱା ରିସର୍ଚ୍ଚ ଭଳି କ୍ଷେତ୍ରରେ ଏହି ନିବେଶ ହେବ ବୋଲି ଜଣାଯାଇଛି।

ରାଜ୍ୟ ସରକାର ନିକଟରେ ଏମ୍‌ଏସ୍‌ଏମ୍‌ଇ ନୀତି ୨୦୧୬ରେ କେତେକ ପରିବର୍ତ୍ତନ ଆଣିଛନ୍ତି। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡିକୁ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ସଂସ୍ଥାଗୁଡ଼ିକ କିଭଳି 'ଜିରୋ ଇଫେକ୍ଟ ଜିରୋ ଡିଫେକ୍ଟ'(ଜେଡ୍) ପ୍ରମାଣପତ୍ର ଲାଭ କରିପାରିବେ ସେ ଦିଗକୁ ଦୃଷ୍ଟି ଦିଆଯାଇଛି। ଉକ୍ତ କ୍ଷେତ୍ରରେ ସଂସ୍ଥାଗୁଡିକୁ ବ୍ରୋଞ୍ଜ, ସିଲଭର, ଗୋଲ୍ଡ, ପ୍ଲାଟିନମ୍ ଭଳି ବର୍ଗରେ ପ୍ରମାଣପତ୍ର ପ୍ରଦାନ କରାଯିବ। ବର୍ତ୍ତମାନ ଏହି ପଞ୍ଜୀକରଣ ସୁବିଧା ପ୍ରଦାନ କରାଯାଉଛି। ଉକ୍ତ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ଲାଗି ଖର୍ଚ୍ଚ ହେଉଥିବା ଅର୍ଥର କିଛି ଅଂଶ ସରକାର ବହନ କରିବେ। ଅଣୁ ଶିଳ୍ପ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ଏହି କ୍ଷେତ୍ରରେ ୮୦% ସବ୍‌ସିଡି ପ୍ରଦାନ କରିବେ। ବଳକା ୨୦%ର ସିଂହଭାଗ ଅଂଶ ରାଜ୍ୟ ବହନ କରିବ ବୋଲି ଏସ୍‌ଏସ୍‌ଏମ୍‌ଇ ସଚିବ ଏଲ.ଏନ୍. ଗୁପ୍ତା ସୂଚନା ଦେଇଛନ୍ତି।

ସେହିଭଳି କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡିକୁ କେନ୍ଦ୍ର ସରକାର ୬୦% ଏବଂ ବଳକା ଅଂଶର ୬୦% ରାଜ୍ୟ ସରକାର ବହନ କରିବେ। ଅପରପକ୍ଷରେ ଫ୍ରୁଟ ପଲ୍ପ,ଜୁସ ଉତ୍ପାଦନ କରୁଥିବା ଶିଳ୍ପସଂସ୍ଥା, ଏଡିବୁଲ ଏବଂ ଅଣ ଏଡିବୁଲ ଭେଜିଟେବୁଲ ଅଏଲକୁ ସରକାର କ୍ୟାପିଟାଲ ଇନଭେଷ୍ଟମେଣ୍ଟ ସବ୍‌ସିଡି ପ୍ରଦାନ ଲାଗି ପଜିଟିଭ୍ ତାଲିକାଭୁକ୍ତ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ନୀତିରେ ସଂଶୋଧନ କରାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଏହା ପ୍ରଥମେ ନେଗେଟିଭ୍ ତାଲିକାଭୁକ୍ତ ରହିଥିଲା। ସେହିଭଳି ଡାଇନଷ୍ଟ୍ରିମ ଶିଳ୍ପ ଏବଂ ଲୁହା ଓ ଇସ୍ପାତ ପ୍ରୋସେସରର ସଂଜ୍ଞାରେ ପରିବର୍ତ୍ତନ କରାଯାଇଛି। ହାଇଭାଲ୍ୟୁ ଆଡିଶନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ମଙ୍ଗଳବାର ଫିକିର ୧୨ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ କମିଟିର ବାର୍ଷିକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ବାତାବରଣକୁ କମିଟି ପ୍ରଶଂସା କରିବା ସହ ସମସ୍ତ ପ୍ରକାରର ସହଯୋଗ କରିବ ବୋଲି ସୂଚନା ରହିଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଉନ୍ନତୀକରଣ ନେଇ ହୋଇଥିବା କର୍ମଶାଳାରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରହିଥିବା ସୁଯୋଗ ତଥା ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଫ୍ ବିଜନେସର ପ୍ରତିଷ୍ଠାତା ନୀତିନ ଜୈନ, ଆମାଜନ ଇଣ୍ଡିଆର ପବ୍ଲିକ ପଲିସି ନିର୍ଦ୍ଦେଶକ ଅଭିନାଶ ରାମଚନ୍ଦ୍ର, ଫିକି ଏମ୍‌ଏସ୍‌ଏମ୍‌ଇ କମିଟି ଅଧ୍ୟକ୍ଷ ଅର୍ଚ୍ଚନା ଗାରୋଡିଆ, ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଆଞ୍ଚଳିକ ମୁଖ୍ୟ ତୋଜୋ ବାନାର୍ଜୀ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ଆଲୋକ ବର୍ଦ୍ଧନ ଚତୁର୍ବେଦୀ, ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ଆଲବର୍ଟ ସୋଲ୍, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସହକାରୀ ସଚିବ ରାମ ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

- ନୀତିରେ ପରିବର୍ତ୍ତନ ଆଣିଲେ ସରକାର
- ଶିଳ୍ପସଂସ୍ଥା ପାଇଁ ଜେଡ୍ ପ୍ରମାଣପତ୍ର ବ୍ୟବସ୍ଥା
- ୮୨୦ କୋଟି ବିନିଯୋଗ କରିବେ ଓଡ଼ିଆ ଉଦ୍ୟୋଗୀ


ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ମଙ୍ଗଳବାର ବିଭୁ ମହାପାତ୍ରଙ୍କ କଲେକ୍ସନକୁ ନେଇ ଆୟୋଜିତ ଫ୍ୟାଶନ ଶୋ'।

ପ୍ରଥମ ପୃଷ୍ଠାରୁ...

## ନାମ ପରିବର୍ତ୍ତନକୁ ମିଳିଲାନି...

ଏହି ଅବସରରେ ଉପସ୍ଥିତ ଥିବା ଘନଶ୍ୟାମ ମାଡ଼କାମି, ରବୀନ୍ଦ୍ର ମାଡ଼ି ନାମ ପରିବର୍ତ୍ତନକୁ ସମର୍ଥନ ଜଣାଇ ନିଜ ମତ ରଖିଥିଲେ। ତେବେ ଏହାଦ୍ୱାରା ଜିଲାରେ ଜାତି ଜାତି ମଧ୍ୟରେ ମତଭେଦ ହେବ। ୨୦୦୩ରୁ ସେ ସମୟର ଆଦିବାସୀ ଜନ ପ୍ରତିନିଧି, ବିଭିନ୍ନ ଆଦିବାସୀ ସମାଜର ବ୍ୟକ୍ତି ବିଶେଷଙ୍କ ନିଷ୍ପତ୍ତି ଅନୁଯାୟୀ ମାଲ୍ୟବନ୍ତ ମହୋତ୍ସବ ନାମକରଣ ହୋଇଥିଲା। ୧୩ ବର୍ଷ ପରେ ମାଲ୍ୟବନ୍ତ ମହୋତ୍ସବର ନାମ ପରିବର୍ତ୍ତନ କରି ପାଣ୍ଡୁମ୍ ଦେବାକୁ ବୈଠକରେ ସହମତି ପ୍ରକାଶ ପାଇ ନ ଥିଲା। ଉପସ୍ଥିତ ସର୍ବାଧିକ ବ୍ୟକ୍ତିମାନେ ମାଲ୍ୟବନ୍ତ ନାମକୁ ସମର୍ଥନ କରିଥିଲେ। ସେମାନଙ୍କ ଯୁକ୍ତି ଥିଲା ନାମ ପରିବର୍ତ୍ତନ ଦ୍ୱାରା ମତଭେଦ ସୃଷ୍ଟି ହେବ। ମାଲକାନଗିରି ଶାନ୍ତିପ୍ରିୟ ଜିଲା। ଏହି ଜିଲାରେ ଆଦିବାସୀଙ୍କ ବିକାଶ ପାଇଁ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ବସବାସ କରୁଥିବା ବେଳେ ଆଦିବାସୀଙ୍କ ବିକାଶ କଥା ଚିନ୍ତା କରୁଛନ୍ତି। ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ରାୱା ଆଗାମୀ ଦିନରେ ପରିଷଦ ଦ୍ୱାରା ଆଦିବାସୀ ଭାଷା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଏକ ଉତ୍ସବ ଆୟୋଜନ କରିବା ଲାଗି ପ୍ରସ୍ତାବ ଥିବାରୁ ସେହି ଉତ୍ସବକୁ ସମସ୍ତଙ୍କ ପ୍ରସ୍ତାବକୁ ଦୃଷ୍ଟିରେ ରଖି ନାମକରଣ କରିବା ନେଇ ଗୁରୁତ୍ୱାରୋପ କରିଥିଲେ। ବିଧାୟକ ମାଡ଼କାମି ବିକାଶ ପରିଷଦର ଅଧ୍ୟକ୍ଷଙ୍କୁ ସମର୍ଥନ ଜଣାଇ ମତଭେଦ ସୃଷ୍ଟି ନ କରି ଶାନ୍ତ ପରିବେଶରେ ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପଡ଼ିଆମି ରାଜ୍ୟ ସଂସ୍କୃତି ବିଭାଗକୁ ପ୍ରସ୍ତାବ ପଠାଇବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ସମସ୍ତଙ୍କର ପ୍ରସ୍ତାବକୁ ଦୃଷ୍ଟିରେ ରଖି ଏହି ଆଲୋଚନା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ। ଜିଲାପାଳ ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ହିସାବରେ ଯାହା ନିଷ୍ପତ୍ତି ନେବେ ବୋଲି କହିଥିଲେ।

## ସଙ୍ଗିନ ସ୍ଥିତିରେ ସିଂହଦ୍ୱାର...

ସିଂହଦ୍ୱାର ଗୁମୁଟ ପଞ୍ଚରଥ ପୀଢ଼ ଶୈଳୀରେ ନିର୍ମିତ ହୋଇଛି। ହେଲେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଏହା ସଙ୍ଗିନ ସ୍ଥିତିରେ ରହିଛି। ଶ୍ରୀମନ୍ଦିର ଓ ପାର୍ଶ୍ୱ ଦେବଦେବୀ ମନ୍ଦିର ସଂରକ୍ଷଣ ସ୍ଥିତି ଆକଳନ ପାଇଁ ଏଏସ୍ଆଇ ପକ୍ଷରୁ ୨୦୧୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ପ୍ରାକ୍ତନ ଅଧୀକ୍ଷକ ବିଜୟ ରଥଙ୍କ ଅଧ୍ୟକ୍ଷତାରେ ବୈଷୟିକ ପରାମର୍ଶ କମିଟି ଗଠନ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସମେତ ପାର୍ଶ୍ୱ ଦେବଦେବୀ ମନ୍ଦିରକୁ ମିଶାଇ ୧୦୩ଟି ନିର୍ମାଣ ଉପରେ କମିଟି ଅନୁଧ୍ୟାନ କରି ଷ୍ଟାଟସ ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟ କମିଟି ସିଂହଦ୍ୱାର ଗୁମୁଟର ସ୍ଥିତି ସଙ୍ଗିନ ରହିଥିବା ଦର୍ଶାଇଥିଲା। ଗୁମୁଟର ଦୁର୍ବଳ ହୋଇଯାଇଥିବା ପ୍ଲାଷ୍ଟର ସମ୍ପୂର୍ଣ୍ଣ ଭାବେ ଛଡ଼ାଇ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲା। ଉପଯୁକ୍ତ ପ୍ରଣାଳୀରେ ଜଏଣ୍ଟ ସିଲିଂ, ଦୁର୍ବଳ ପଥର ପରିବର୍ତ୍ତନ କରିବାକୁ କମିଟି ପରାମର୍ଶ ଦେଇଥିଲା। ଗୁମୁଟର ସିଂହଦ୍ୱାର ଓ ବାଇଶପାହାଚ ପାର୍ଶ୍ୱ ପ୍ରବେଶ ଉପରେ ରହିଥିବା କାଠ ଓ ଲୁହା ବିମ୍‌ଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ତାହାକୁ ତୁରନ୍ତ ପରିବର୍ତ୍ତନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲା। ଏହାସହିତ ଆବଶ୍ୟକ ସ୍ଥଳେ ଚଟାଣ ମରାମତି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ରିପୋର୍ଟକୁ ଭିତ୍ତିକରି ଏଏସ୍ଆଇ ୨୦୧୨ ମସିହାରେ ସିଂହଦ୍ୱାର ଗୁମୁଟ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲା। ଗୁମୁଟର ମୁଖ୍ୟ ଲିନ୍‌ଟାଲ(ପାଟପଥର)ରେ ଫାଟ ରହିଥିବାରୁ ପିନିଙ୍ଗ କରି ଷ୍ଟେନଲେସ ଷ୍ଟିଲ ବିମ୍ ଲଗାଇଥିଲା। ଗୁମୁଟର ସିଂହଦ୍ୱାର ପାର୍ଶ୍ୱ ପ୍ରବେଶ ପଥରେ ଦ୍ୱାରବନ୍ଧରେ ରହିଥିବା ୩ଟି କାଠ ବିମ୍‌କୁ ହଟାଇ ଷ୍ଟେନଲେସ୍ ଷ୍ଟିଲ ବିମ୍ ସ୍ଥାପନ ମଧ୍ୟ କରାଯାଇଥିଲା। ଗୁମୁଟର ନୂତନ ଅଁଳା ଓ କଳସ ମଧ୍ୟ ସ୍ଥାପନ କରାଯାଇଥିଲା। କିନ୍ତୁ ଏଏସ୍ଆଇ ସିଂହଦ୍ୱାର ଗୁମୁଟ ପଶ୍ଚିମ ପାର୍ଶ୍ୱ ଅର୍ଥାତ୍ ବାଇଶପାହାଚ ପାର୍ଶ୍ୱର ସଂରକ୍ଷଣ କାର୍ଯ୍ୟକୁ ନ କରି ଛାଡି ଦେଇଛି। ପଶ୍ଚିମ ପାର୍ଶ୍ୱର ପ୍ଲାଷ୍ଟର ଦୁର୍ବଳ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପଥର ମଧ୍ୟ ଦୁର୍ବଳ ହୋଇପଡିଲାଣି। ଗୁମୁଟର ବାଇଶପାହାଚ ପାର୍ଶ୍ୱସ୍ଥ ଦ୍ୱାରବନ୍ଧରେ ଥିବା ୩ଟି ଯାକ ବିମ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେଉଁ ମୁହୂର୍ତ୍ତରେ ବିମ୍‌ଗୁଡ଼ିକ ଖସି ପଡିବା ସମ୍ଭାବନା ରହିଛି। ଏହାସହିତ ଗୁମୁଟର ଚଟାଣ ଆବୁରା ଖାବୁରା ହୋଇଗଲାଣି। ପଥର ମଧ୍ୟ ସ୍ଥାନେ ସ୍ଥାନେ ନଷ୍ଟ ହୋଇଗଲାଣି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଏଏସ୍ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାର୍ତ୍ତିକ ମାସ ପରେ ସିଂହଦ୍ୱାର ଗୁମୁଟ ମରାମତି ହେବ। ଦୁର୍ବଳ ହୋଇଥିବା ବିମ୍ ବଦଳାଇ ଷ୍ଟେନ୍‌ଲେସ ଷ୍ଟିଲ ବିମ୍ ଲଗାଯିବ। ପଶ୍ଚିମ ପାର୍ଶ୍ୱର ଚୂନ ଛଡାଯାଇ ପଥର ସ୍ଥିତି ଯାଞ୍ଚ କରାଯିବ।

## ୧୧ ସେବାୟତଙ୍କୁ ...

ବାଡ଼ଗ୍ରାହୀ, ନିଯୋଗର ଦୁଇ ମୁଖିଆ, ଫୋନ୍ ଯୋଗେ ଶ୍ରୀମନ୍ଦିର ପରିସରରୁ ତଥ୍ୟ ପ୍ରଘଟ କରିଥିବା ଜଣେ ଯୁବ ଦଇତା ରହିଛନ୍ତି। ତେବେ ନୋଟିସ ଜାରି କରିବା ପରେ ବି ଶ୍ରୀମନ୍ଦିର ପ୍ରଶାସନ ଏ ସମ୍ପର୍କରେ ମୁହଁ ନ ଖୋଲିବା ଘଟଣାକୁ ଅଧିକ ସନ୍ଦେହାଚ୍ଛନ୍ନ କରିଛି। ୨୦୧୫ ମସିହା ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। ସେହିବର୍ଷ ଜୁନ୍ ୧୫ରେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନ ପାଇଁ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ଘଟ ସଂସ୍ଥାପନରେ ଅହେତୁକ ବିଳମ୍ବ ସାଙ୍ଗକୁ ବିଭ୍ରାଟ ହୋଇଥିଲା। ଏହି ବିଶୃଙ୍ଖଳାକୁ ନେଇ ଶ୍ରୀଜଗନ୍ନାଥ ଆଇନ-୧୯୫୫ର ଧାରା ୨୧ (କ) ଅନୁଯାୟୀ, ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଦନ୍ତ ଆରମ୍ଭ କରିଥିଲେ। ୪ ବାଡ଼ଗ୍ରାହୀ ଦଇତାପତି, ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ, ବିଦ୍ୟାପତି ଓ ବିଶ୍ୱାବସୁ, ଶ୍ରୀବିଗ୍ରହ ନିର୍ମାଣରେ ନିୟୋଜିତ ୧୦ ଜଣ ବିଶ୍ୱକର୍ମାଙ୍କ ବୟାନ ମୁଖ୍ୟ ପ୍ରଶାସକ ରେକର୍ଡ କରିଥିଲେ। ପ୍ରାଥମିକ ଅନୁସନ୍ଧାନ ଆଧାରରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ର ଧାରା ୨୧ (ଖ) ଅନୁଯାୟୀ, ୨ ଜଣ ଦଇତା କାଶୀନାଥ ଦାସମହାପାତ୍ର ଏବଂ ତାଙ୍କ ପୁଅ ଜୟକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଦିନ ଗଡ଼ିବା ସାଙ୍ଗକୁ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହେବାକୁ ଲାଗିଲା। ତଦନ୍ତ କରୁଥିବା ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ମୁଖ୍ୟ ପ୍ରଶାସକ ପଦବୀରୁ ଅବ୍ୟାହତି ଦିଆଗଲା। ପ୍ରଦୀପ ଜେନା ମୁଖ୍ୟ ପ୍ରଶାସକ ଦାୟିତ୍ୱ ଗ୍ରହଣ କଲେ। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ବ୍ରହ୍ମ ବିଭ୍ରାଟ ଘଟଣାର ତଦନ୍ତ ରିପୋର୍ଟ ଦେବା ପାଇଁ ସୁରେଶ ମହାପାତ୍ରଙ୍କୁ ପରିଚାଳନା କମିଟି ଅନୁରୋଧ କରିଥିଲା। ୨୦୧୭ ଅଗଷ୍ଟ ୫ରେ ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ୨୦୧୮ ମାର୍ଚ୍ଚ ୨୦ରେ ଅନୁଷ୍ଠିତ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକରେ ଘଟ ପରିବର୍ତ୍ତନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କିନ୍ତୁ ରିପୋର୍ଟକୁ ସାର୍ବଜନୀନ କରାଯାଇ ନ ଥିଲା। ପରିଚାଳନା କମିଟି ସଦସ୍ୟ ମହୀମୋହନ ତ୍ରିପାଠୀ, ବାବା ସଚ୍ଚିଦାନନ୍ଦ ଦାସମହାରାଜ ଏବଂ ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନେଇ ଏକ ସବ୍ କମିଟି ଗଠନ କରାଗଲା। ସବ୍ କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ତର୍ଜମା କରି ସେମାନଙ୍କ ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହେଲା। ୨୦୧୮ ସେପ୍ଟେମ୍ବର ୨୭ ପୂର୍ବାହ୍ନ ସାଢେ ୧୦ଟାରେ ସବ୍ କମିଟି ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା। ୩ ମାସ ମଧ୍ୟରେ ବ୍ରହ୍ମ ବିଭ୍ରାଟ ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାକ୍ଷ୍ୟ ଦେଇଥିବା ସେବକଙ୍କ ବୟାନକୁ ମୁଖ୍ୟ ପ୍ରଶାସକ ଯାହା ରେକର୍ଡ କରିଛନ୍ତି କିନ୍ତୁ ପ୍ରଦତ୍ତ ରିପୋର୍ଟରେ ଅଲଗା ପ୍ରକାର ରହିଥିବାରୁ ତାଳମେଳ ନ ଥିବା ସବ୍ କମିଟି ତା' ରିପୋର୍ଟରେ ଦର୍ଶାଇଛି। ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ତାଙ୍କ ରିପୋର୍ଟରେ ଯେଉଁ ତଥ୍ୟ ରଖିଛନ୍ତି ତାହାକୁ ସେ ଠିକ୍ ଭାବେ ବିଚାରକୁ ନେଇ ନ ଥିବା କମିଟି ରିପୋର୍ଟରେ ଉଲ୍ଲେଖ କରିଛି। ଜଟିଳ ଓ ସ୍ପର୍ଶକାତର ସେବାରେ ବିଶୃଙ୍ଖଳା କରିଥିବା ସେବକଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ସହ ଆଗାମୀ ନବକଳେବରରେ ଏହା ଯେପରି ପୁନରାବୃତ୍ତି ନ ହେବ କମିଟି ତାହା ଦର୍ଶାଇଛି। ଅନ୍ୟପକ୍ଷରେ ଘଟ ପରିବର୍ତ୍ତନର ଦୁଇଟି ଦିଗ ଗୋଟିଏ ପ୍ରଶାସନିକ ଏବଂ ଅନ୍ୟଟି ଧାର୍ମିକ ଦିଗ ରହିଛି। ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକଙ୍କ ରିପୋର୍ଟ, ତିନିଜଣିଆ ସବ୍ କମିଟି ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ପ୍ରସଙ୍ଗ ଉଠିଛି। ଧାର୍ମିକ ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦିଗ୍‌ଦର୍ଶନ ନେବାକୁ ଗତ ପରିଚାଳନା କମିଟିରେ ଗଜପତି ମହାରାଜା ମୁଖ୍ୟ ପ୍ରଶାସକଙ୍କୁ ପରାମର୍ଶ ଦେଇଛନ୍ତି। ରିପୋର୍ଟରେ ଗୋପନୀୟ ନୀତିକୁ ସୂଚନା ଅଧିକାରରେ ଦିଆଯିବ ନାହିଁ। କିନ୍ତୁ ଯାହା ସର୍ବସାଧାରଣଙ୍କ ନିମନ୍ତେ ଅବଗତଯୋଗ୍ୟ ତାହା ଆଗରେ ରଖିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଛି।

---

■ ଆସୁଛି ପଞ୍ଚୁକ

# ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ପୁରୀ ଅଫିସ, ୧୩।୧୧

■ ଆଉ ଧାଡ଼ିଦର୍ଶନର ବନ୍ଦୋବସ୍ତ ନାହିଁ

■ ପୂର୍ବପରି ଚାଲିଛି ଦର୍ଶନ ବ୍ୟବସ୍ଥା



ପଞ୍ଚୁକ ପାଞ୍ଚଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଅଧିକ ରହିବ। ତେଣୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକାଧିକ ସେବାୟତ ନିଯୋଗ ସହ ମଧ୍ୟ ଆଲୋଚନା କରିଛନ୍ତି।

ଧାଡ଼ିଦର୍ଶନ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ବର୍ତ୍ତମାନ ମନ୍ଦିରରେ କୌଣସି ପ୍ରକାର ଧାଡ଼ି ଦର୍ଶନର ବନ୍ଦୋବସ୍ତ ନାହିଁ। ପୂର୍ବରୁ ଯାହା ଥିଲା ବର୍ତ୍ତମାନ ସେହିପରି ଚାଲିଛି। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ମାତ୍ର ଗୋଟିଏ ବନ୍ଦୋବସ୍ତ ହୋଇଛି। ପୂର୍ବରୁ ଯେପରି ଭକ୍ତ ଧାଡ଼ିରେ ଆସନ୍ତି ଏବଂ ସିଂହଦ୍ୱାର ନିକଟରେ ଯାଞ୍ଚ କରାଯାଏ ବର୍ତ୍ତମାନ ସେହି ବ୍ୟବସ୍ଥା ହିଁ ଚାଲିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହି ଯାଞ୍ଚ କରାଯାଉଛି। ବର୍ତ୍ତମାନ ସିଂହଦ୍ୱାର ଦେଇ ପ୍ରବେଶ କରିବା ପରେ ବାଇଶପାହାଚ ଖୋଲା। ଭିତର ଗୁମୁଟରେ ପଶିବା ପରେ ଜଣେ ଚାହିଁଲେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଇପାରିବେ ନଚେତ ତାଙ୍କ ଇଚ୍ଛା ହେଲେ ବେଢ଼ା ପରିକ୍ରମା କରିପାରିବେ। କେହି ଯଦି ଦର୍ଶନ ନ କରି କେବଳ ଆନନ୍ଦ ବଜାରରୁ ମହାପ୍ରସାଦ କିଣିବାକୁ ଚାହାନ୍ତି ତାଙ୍କ ପାଇଁ ବି କିଛି ଅସୁବିଧା ନାହିଁ। ସେ ଆନନ୍ଦ ବଜାରରୁ ଅବଢ଼ା ନେଇ ଉତ୍ତର ଦ୍ୱାରରେ ବାହାରିଯିବେ। ଯଦି କେହି ବେଢ଼ା ପରିକ୍ରମା ପରେ ଦର୍ଶନ କରିବାକୁ ଚାହିଁବେ ତେବେ ସାତପାହାଚ ଦେଇ ଯାଇପାରିବେ। ଏଠାରେ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଛି। ସାତପାହାଚ ଅତିକ୍ରମ କରିବା ପରେ ନାଟମଣ୍ଡପ କିମ୍ବା ଜଗମୋହନରେ କୌଣସି ପ୍ରକାର ଧାଡ଼ି ବ୍ୟବସ୍ଥା ନାହିଁ। କେବଳ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ମନ୍ଦିରରେ ବଲ୍ଲଭ, ଧୂପ ବସିବା ସମୟରେ ଦର୍ଶନ ବନ୍ଦ ରହିଥାଏ। ଏହି ସମୟରେ ଭକ୍ତମାନେ ସିଂହଦ୍ୱାର ନିକଟରେ ଥିବା ଧାଡ଼ିରେ ଅଧିକ ସମୟ ଠିଆ ହୋଇ ନ ରହିବା ପାଇଁ ଜଣାଇ ଦିଆଯିବ। ଫଳରେ ଶ୍ରଦ୍ଧାଳୁମାନେ ଏହି ସମୟରେ ସେମାନଙ୍କ ସୁବିଧା ଅନୁଯାୟୀ ବିଭିନ୍ନ ସ୍ଥାନରେ ଅପେକ୍ଷା କରିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## କାର୍ତ୍ତିକ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ

ପୁରୀ ଅଫିସ, ୧୩।୧୧

ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବ ଆନନ୍ଦବଜାର। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ଏକାଧିକଥର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଛି। ଯାହା କିଛି ନିଷ୍ପତ୍ତି ନିଆଯାଇଛି କାର୍ତ୍ତିକ ମାସ ପରେ ପର୍ଯ୍ୟାୟକ୍ରମେ ଏହା କାର୍ଯ୍ୟକାରୀ ହେବ। ମଙ୍ଗଳବାର ଆନନ୍ଦବଜାର ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ଲାଗି ସୁଆର ସେବକଙ୍କ ପାଇଁ ୪୮ଟି ଶେଡ୍ ତିଆରି କରାଯିବ। ଏହି ଶେଡ୍‌ର ଡିଜାଇନ ଡ୍ରଇଂକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, କେନ୍ଦ୍ରାଞ୍ଚଳ ଆଇଜି, ଏସ୍‌ପି ଓ ଜିଲାପାଳ ଅନୁମୋଦନ କରିଛନ୍ତି। ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ। ଆନନ୍ଦ ବଜାରରେ ଏକ ଅଭିଯୋଗ ପ୍ରକୋଷ୍ଠ ରହିବ। କାର୍ତ୍ତିକ ମାସ ପରେ କୋଠ ଭୋଗରେ ମହାପ୍ରସାଦ ରୋଷେଇ ହୋଇ ଦର ନିର୍ଦ୍ଧାରଣ କରାଯିବ। ଏହି ଦର ତାଲିକା ଆନନ୍ଦବଜାର ଏବଂ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲାଗିବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

---

ଓଡ଼ିଆ ଶିଳ୍ପପତିଙ୍କୁ ସାମିଲ କରା ନ ଯିବା ନେଇ ଭାଜପାର ସମାଲୋଚନା

# ପୂର୍ବ କନ୍‌କ୍ଲେଭ୍‌ରୁ କିଛି ଶିଖି ନାହାନ୍ତି ସରକାର: ବସନ୍ତ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଥିରେ ଦେଶ ଏବଂ ବିଦେଶର ବହୁ ନାମୀଦାମୀ କମ୍ପାନୀ ଯୋଗଦାନ କରିଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ ମଧ୍ୟ କରାଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମକୁ ଭାଜପା ତୀବ୍ର ସମାଲୋଚନା କରିଛି। ରାଜ୍ୟର ଶିଳ୍ପପତିମାନଙ୍କୁ ଏହି କନ୍‌କ୍ଲେଭ୍‌ରେ ସାମିଲ କରା ନ ଯିବାକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପା କଡା ସମାଲୋଚନା କରିଛି। ପୂର୍ବଥର ହୋଇଥିବା କନ୍‌କ୍ଲେଭ୍‌ରୁ ସରକାର କିଛି ଶିଖିଲେ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି।

ବ୍ୟାପକ ଟଙ୍କା ଖର୍ଚ୍ଚରେ ଭବ୍ୟ ଆୟୋଜନ ଦ୍ୱାରା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ପ୍ରାସଙ୍ଗିକତା ହରାଇଛି। ଯେଉଁ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ତାହା ଏଯାବତ୍ ପ୍ରତିଫଳନ ହେଉନାହିଁ। ରାଜ୍ୟରେ ଶିଳ୍ପର ବିକାଶ ଓ ଅଭିବୃଦ୍ଧି ହେବା ପରିବର୍ତ୍ତେ କିଛି ମୁଷ୍ଟିମେୟ ଶିଳ୍ପପତିମାନଙ୍କୁ ଡାକି ଏଠି ନିଜର ଆତ୍ମପ୍ରଚାର ଚାଲିଛି ବୋଲି ବସନ୍ତ କହିଛନ୍ତି। ବସନ୍ତ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ଏହି ଭବ୍ୟ ଆୟୋଜନ କରି ରାଜ୍ୟବାସୀଙ୍କ ମନରେ ମାୟାଜାଲ ବୁଣିବାକୁ ଚେଷ୍ଟା କରୁଛନ୍ତି।

---

■ କୋଣାର୍କ ମନ୍ଦିରରୁ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢ଼ାଯିବା ପ୍ରସଙ୍ଗ

# ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍ଆଇକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରରୁ କିଛି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢାଯାଇ ସେସବୁ ସ୍ଥାନରେ ସାଦା ପଥର ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍ଆଇ) ଅଧିକାରୀମାନେ ମୂର୍ତ୍ତି ପରିବର୍ତ୍ତନ କରିଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେବାପରେ ଏହାକୁ ନେଇ ସରକାରୀ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ସୋମବାର ସଂସ୍କୃତି ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍ଆଇ ଅଧିକାରୀ ଯୋଗଦେଇ ଉଠିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। କୋଣାର୍କ ମନ୍ଦିରରୁ କୌଣସି ମୂର୍ତ୍ତି କଢାଯାଇ ନାହିଁ ବୋଲି ସେମାନେ କହିଛନ୍ତି। ଏହି ପ୍ରସଙ୍ଗରେ ପୁଣିଥରେ ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। କୋଣାର୍କ ସଂରକ୍ଷଣ ଏବଂ ସୁରକ୍ଷା ସମ୍ପର୍କରେ ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍ଆଇ ଅଧିକାରୀଙ୍କୁ କୁହାଯାଇଛି।

ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ଅନୁଧ୍ୟାନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଚିବାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କୋଣାର୍କ ମନ୍ଦିର ସଂରକ୍ଷଣ ନେଇ ଏଏସ୍ଆଇର ଭୂମିକା ବାବଦରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଷ୍ଟିୟରିଂ କମିଟିର ବୈଠକ ତୁରନ୍ତ କୋଣାର୍କଠାରେ ଡକାଇବାକୁ ମନ୍ତ୍ରୀ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ୧୯୯୭ ଓ ୨୦୧୦ରେ ଆୟୋଜିତ ଦୁଇଟି ଆନ୍ତର୍ଜାତିକ ସମ୍ମିଳନୀରେ ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତାପ୍ରାପ୍ତ କୋଣାର୍କର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟ ସୁରକ୍ଷା ନେଇ ସୁପାରିସ କରାଯାଇଥିଲା। ଏହି ସୁପାରିସଗୁଡିକର କାର୍ଯ୍ୟାନ୍ୱୟନ କେତେଦୂର ହୋଇଛି ସେନେଇ ଏଏସ୍ଆଇ ସ୍ପଷ୍ଟ କରିବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ଯୋଗଦେଇ କହିଛନ୍ତି ଯେ, କୋଣାର୍କ ମନ୍ଦିରର ଢାଞ୍ଚାଗତ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସଂରକ୍ଷଣ ଓ ପୁନରୁଦ୍ଧାର ବାବଦରେ ସବିଶେଷ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତ ହେବା ଦରକାର। ମନ୍ଦିରର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟକୁ ଅକ୍ଷୁଣ୍ଣ ଓ ସୁରକ୍ଷିତ ରଖାଯିବା ଉଚିତ ବୋଲି ବାଲକ୍ରିଷ୍ଣନ ମତ ଦେଇଛନ୍ତି।

ଉପରୋକ୍ତ ଆନ୍ତର୍ଜାତିକ ସମ୍ମିଳନୀର ସୁପାରିସକୁ ଏଏସ୍ଆଇ କୋଣାର୍କ ସଂରକ୍ଷଣ କ୍ଷେତ୍ରରେ କେତେଦୂର ପାଳନ କରିଛି, ସେ ବାବଦରେ ଆସନ୍ତା ମାସ ୧୫ପୂର୍ବରୁ ଏକ ରିପୋର୍ଟ ଦେବାପରେ ତାହା ଉପରେ ସଂସ୍କୃତି ବିଭାଗ ତନଖି କରିବା ସହିତ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁଧ୍ୟାନ କରିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ସୁରେନ୍ଦ୍ରନାଥ ସେଠୀ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଏଏସ୍ଆଇର ଓଡିଶା ଆଞ୍ଚଳିକ ମୁଖ୍ୟ ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟନ କଲେ ବିଧାୟକ

ଜୟପୁର, ୧୩।୧୧(ନି.ପ୍ର)

ଜୟପୁର ନୂଆ ସାହିରେ ଶ୍ରୀ ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣି ସେବା ସମିତି ଗୋଷ୍ଠୀ କେନ୍ଦ୍ରକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଉଦ୍‌ଘାଟିତ୍ କରିଛନ୍ତି। ଏଥିରେ କାନ୍ତ ପାଢ଼ୀ, ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ଯୁବ କଂଗ୍ରେସ ଉପ ସଭାପତି ବିଶ୍ୱଜିତ ଦଣ୍ଡସେନା, ଗଙ୍ଗା ସାହୁ ସହ ସେବା ସମିତିର ସଦସ୍ୟ ସାହି ବାସିନ୍ଦା ଉପସ୍ଥିତ ରହି ବିଭିନ୍ନ ସମସ୍ୟା ନେଇ ବିଧାୟକ ବାହିନୀପତିଙ୍କ ସହ ଆଲୋଚନା କରିଥିଲେ।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**SWETA SUPER BAZAR**
required experienced Cashier/ Computer Operator, Salesman.
7008731441

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**REQUIRED**
• MARKETING BOY for BATHROOM FITTINGS.
• ACCOUNTANT with exp. of Tally 9.
H.R. Trading Co., 57, Budha Nagar, Near Kalpana Sqr., BBSR - 06, Ph : 0674-2310921, mail : hrtrading.co.in@gmail.com

ଭୁବନେଶ୍ୱରରେ ଘରୋଇ ରୋଷେଇ ପାଇଁ ରୋଷେୟା(COOK) ପୁରୁଷ / ମହିଳା ଆବଶ୍ୟକ ଏବଂ ଘରୋଇ ବଗିଚା ପାଇଁ ଭୁବନେଶ୍ୱରରେ PART TIME ମାଳୀ ଆବଶ୍ୟକ।
ଯୋଗାଯୋଗ: ୯୯୩୭୨୦୩୧୭୮

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**ଆବଶ୍ୟକତା**
**ଶିପିଂ କମ୍ପାନୀରେ**
ଗତ ଆର୍ଥିକ ବର୍ଷ ତୁଳନାରେ କମ୍ପାନୀ ୩୩୪ କୋଟି ଟଙ୍କାର ନିଟ୍‌ଲାଭ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଲାଭ ପରିମାଣ ୩ଗୁଣା ବୃଦ୍ଧି ପାଇବା ସହିତ ୧୬୨୪ କୋଟି ଟଙ୍କାରେ ପହଞ୍ଚିଛି। ଯାହାକି ପ୍ରାୟ ୩୪% ରହିଛି। ମଙ୍ଗଳବାର ଏଠାରେ କମ୍ପାନୀ ବୋର୍ଡ ବୈଠକରେ ୨୦୧୮-୧୯ଆର୍ଥିକ ବର୍ଷର ପ୍ରଥମ ୬ ମାସ ତଥା ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଆୟବ୍ୟୟ ହିସାବକୁ ଅନୁମୋଦନ କରାଯାଇଛି। ପୂର୍ବବର୍ଷରେ ୨୩୫ କୋଟି ଟଙ୍କା ନିଟ୍‌ଲାଭ ହୋଇଥିବା ବେଳେ ଚଳିତ ବର୍ଷ ଏହା ୫୧୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଅପରେଟିଂ ଲାଭ ଗତବର୍ଷର ୨୨୩ କୋଟି ଟଙ୍କା ତୁଳନାରେ ୨୨୯ପ୍ରତିଶତ ବୃଦ୍ଧି ପାଇ ୭୩୫ କୋଟି ଟଙ୍କାରେ ପହଞ୍ଚିଛି। ଆଲୁମିନା ଏବଂ ଆଲୁମିନିୟମ ବଜାରରେ ଆମେରିକାର କଟକଣା ସତ୍ତ୍ୱେ ନାଲ୍‌କୋ ପକ୍ଷରୁ ଗତ ଦେଢ଼ବର୍ଷ ପୂର୍ବେ ପ୍ରଣୀତ ନୂତନ ବ୍ୟବସାୟିକ ମଡେଲ ଆପଣାଇ ନିଟ୍‌ଲାଭରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନିଟ୍‌ଲାଭ ୧୨୯ କୋଟି ଟଙ୍କା ହୋଇଥିବା ବେଳେ ଚଳିତ ବର୍ଷର ଏହି ସମୟରେ ଏହା ୬୮୭ କୋଟି ଟଙ୍କା ହୋଇଛି। ନାଲ୍‌କୋର ସଫଳତା ଦ୍ୱିତୀୟ ତ୍ରୈମାସରେ ମଧ ଜାରି ରହିଛି। ଅଧ୍ୟକ୍ଷ ଡ.ତପନ କୁମାର ଚାନ୍ଦଙ୍କ ନେତୃତ୍ୱରେ ନିଷ୍ଠାପର ଓ ନିରନ୍ତର ପ୍ରୟାସ ବଳରେ ଚଳିତ ଆର୍ଥିକ ବର୍ଷରେ ରେକର୍ଡ ଟର୍ନଓଭର ଲାଭ କରିବାକୁ ନାଲ୍‌କୋ ଦୃଢ଼ ଆଶାବାଦୀ ଥିବା କହିଛି।

### ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ମିଳିବ ବିଦେଶୀ ଟଙ୍କା

# ଚାଇନା ବ୍ୟାଙ୍କ ୨୦ କୋଟି ଡଲାର ପାଣ୍ଠି ଗଠନ କଲା

**ବେଜିଂ,୧୩-୧୧**

ନଗଦ ସଙ୍କଟ ଯୋଗୁ ଦେଶର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଗୁଡିକ ପାଣ୍ଠି ଅଭାବରେ ଆଗେଇ ପାରୁନାହାନ୍ତି। ସେମାନଙ୍କୁ ପାଣ୍ଠି ଦେବା ଲାଗି ଏବେ ଚାଇନାର ସର୍ବବୃହତ ବ୍ୟାଙ୍କ ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା(ଆଇସିବିସି) ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରିଛି। ବ୍ୟାଙ୍କ ଏହି ପାଣ୍ଠି ଜରିଆରେ ଏମ୍‌ଏସ୍‌ଏମ୍‌ଇରେ ନିବେଶ କରିବ। ଆଇସିବିସି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚେଙ୍ଗ୍ ୱିନ୍ ଏଠାରେ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଦ୍ୱିତୀୟ 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ନିବେଶ ସମ୍ମିଳନୀରେ ଯୋଗ ଦେଇ ଭାରତୀୟ ଷ୍ଟାର୍ଟ ଅପ୍ ଉପରେ ପାରିପାର୍ଶ୍ୱିକ ସ୍ଥିତିର ପ୍ରଭାବ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇରେ ନିବେଶ ଲାଗି ଆଇସିବିସି ଇଣ୍ଡିଆ ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରାଯାଇଛି ବୋଲି ଜଣାଇଥିଲେ। ଉଲ୍ଲେଖଥାଉ କି, ବଜାର ପୁଞ୍ଜି ହିସାବରେ ଆଇସିବିସି ଚାଇନାର ଶୀର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଥିବା ବେଳେ ୨୦୧୧ରେ ଏହା ମୁମ୍ବାଇରେ ନିଜର ଶାଖା ଖୋଲିଥିଲା। ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୩୫୦ ପୁଞ୍ଜିନିବେଶକାରୀ ଏଥିରେ ଯୋଗ ଦେଇଥିଲେ। ଏହାଛଡା ୨୦ ଭାରତୀୟ ଷ୍ଟାର୍ଟଅପ୍ ଓ ୪୨ ଉଦ୍ୟୋଗ ଏଥିରେ ଅଂଶଗ୍ରହଣ କରିଥିଲେ।

### ଆର୍ସେଲର ମିତ୍ତଲଙ୍କୁ ଓଡ଼ିଶା ଷ୍ଟିଭେଡର୍ସର ବିରୋଧ

**ନୂଆଦିଲ୍ଲୀ,୧୩-୧୧**

ଦେବାଳିଆ ଆଇନ ଅଧୀନରେ ଋଣ ସମାଧାନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥିବା ଏସାର୍ ଷ୍ଟିଲ୍‌କୁ ଅଧିଗ୍ରହଣ କରିବା ଲାଗି ଆର୍ସେଲର ମିତ୍ତଲର ସ୍ୱପ୍ନ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି କମ୍ପାନୀ ବିରୋଧରେ ଅନ୍ୟତମ ଋଣ ପ୍ରଦାନକାରୀ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିଛି। ଏଥିରେ ଏସାର ଷ୍ଟିଲ୍‌କୁ ଆର୍ସେଲର ମିତ୍ତଲର ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏସାର୍ ଷ୍ଟିଲ୍‌ର ଶେୟାରଧାରକଙ୍କ ଦ୍ୱାରା ଦିଆଯାଇଥିବା ଋଣ ସମାଧାନ ପ୍ରସ୍ତାବକୁ ଗ୍ରହଣ କରାଯାଉ। ଏସାର ଷ୍ଟିଲ୍‌କୁ ଓଡ଼ିଶା ଷ୍ଟିଭେଡର୍ସ ୨୦.୪୬ କୋଟି ଟଙ୍କା ଋଣ ଦେଇଥିଲା।

# ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କୁ ମିଳିବ ଶେୟାର

**ନୂଆଦିଲ୍ଲୀ,୧୩-୧୧**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବୋର୍ଡ କର୍ମଚାରୀଙ୍କୁ ବ୍ୟାଙ୍କର ଶେୟାର ଜାରି କରିବାକୁ ଅନୁମତି ପ୍ରଦାନ କରିଛି। ଏହାକୁ ବିକ୍ରି କରି ବ୍ୟାଙ୍କ ୬୦୦ କୋଟି ଟଙ୍କା ଯୋଗାଡ଼ କରାଯିବ। ଷ୍ଟକ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାନୁଯାୟୀ କର୍ମଚାରୀ ଶେୟାର କ୍ରୟ ଯୋଜନା(ଇଏସ୍‌ପିଏସ୍) ଅଧୀନରେ ଶେୟାର ଜାରି କରାଯିବ। ଫଳରେ ବ୍ୟାଙ୍କ ଉକ୍ତ ଟଙ୍କା ହାସଲ କରିବ। ଏଥିଲାଗି କର୍ମଚାରୀଙ୍କୁ ଥରକେ ଅଥବା ଏକାଧିକ ଥର ଶେୟାର ପ୍ରଦାନ କରାଯିବ। ବ୍ୟାଙ୍କ ବୋର୍ଡରେ ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

MCL | ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_119433_1 | Renovation of track of Railway in-motion weigh bridge No-VII at Bharatpur OCP. | 915361.00 |
| 2 | 2018_MCL_119507_1 | PROCUREMENT OF SPARES FOR D 11T DOZERS | 219555.00 |
| 3 | 2018_MCL_119667_1 | PROCUREMENT OF HOSE KIT AND VALVE SOLENOID FOR TATA 1200 HYD EXCAVATOR | 1016328.00 |
| 4 | 2018_MCL_119610_1 | Hiring of One (1) Jeep (Bolero, Sumo or its equivalent) for movement of RPF personnel from Jharsuguda to MCL Sardega Siding Basundhara Area for 24hrs per day duty for six months (180 days) | 299160.00 |
| 5 | 2018_MCL_119652_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP shift duty for 12 hrs per day duty for two years at Basundhara Area (682 days) | 685410.00 |
| 6 | 2018_MCL_119656_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP for 12 hrs per day duty for two years at Basundhara Area (682 days). | 685410.00 |
| 7 | 2018_MCL_119664_1 | Hiring of One (1) Jeep (Scorpio / Xylo or its equivalent) fitted with AC for pool duty for 12 hrs per day duty for two years at Basundhara Area (682 days). | 685410.00 |
| 8 | 2018_MCL_119665_1 | Hiring of 1 Camper (4 plus 1 seater), Pick-up or equivalent for 12 hrs per day duty at KOCP for two years at Basundhara Area (682 days). | 650628.00 |
| 9 | 2018_MCL_119739_1 | Cleaning, Upkeeping of Transit House, Senior Transit house and Catering Service including the cost of consumables and labour etc., for a period of two years at NTPC Permanent Township stage-II under Kaniha OCP of Kaniha Area | 3509330.00 |
| 10 | 2018_MCL_119745_1 | Hiring of a School Bus (52 plus 1 seater) for 12 hours duty for use under Ananta OCP, Jagannath Area for 560 days in a period of 02 (two) years. | 1579760.00 |
| 11 | 2018_MCL_119753_1 | Making of Temporary 2 nos of Rooms with Verandha for Kaniha Coal Analysis Laboratory at Kaniha OCP of Kaniha Area | 783124.00 |
| 12 | 2018_MCL_119765_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Ananta OCP, Jagannath Area for 682 days in a period of 02 (two) years. | 1231010.00 |
| 13 | 2018_MCL_119658_1 | Annual cleaning, up keeping of GM office building including maintenance of garden inside GM office premises at Lakhanpur Area. | 1379302.00 |
| 14 | 2018_MCL_119799_1 | Regular repairing and maintenance of Electrical points of lights, fans, street lights, power points for water coolers, air conditioners, refrigerators etc including power supply through overhead lines and cables of Central Hospital, Doctors Colony, | 2249579.00 |
| 15 | 2018_MCL_119706_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 24 Hrs. Duty and Average run of 120 KM Per Day) for Orient Area, MCL, for Two years (706 working days) | 2859300.00 |
| 16 | 2018_MCL_119809_1 | RENOVATION OF NETAJEE BHAWAN UNDER ORIENT SUB AREA | 1680943.00 |
| 17 | 2018_MCL_119371_1 | Supply of IV Stand for NSCH,Talcher. | 150000.00 |
| 18 | 2018_MCL_119775_1 | PROCUREMENT OF SPARES FOR TATA HITACHI-86 EXCAVATOR | 101966.00 |
| 19 | 2018_MCL_119815_1 | Repair and maintenance of Rest Shelters at AOCP under Jagannath Area. | 629860.00 |
| 20 | 2018_MCL_119820_1 | Cleaning of slush and spreading of sand on various Junction at Coal Transportation Road under Bhubaneswari OCP, Jagannath Area for a period of 01(one) year. | 2529337.00 |
| 21 | 2018_MCL_119828_1 | Renovation and Maintenance of Compound Wall near New B-Type Quarters at Ananta Vihar Colony of Ananta OCP under Jagannath Area. | 769787.00 |
| 22 | 2018_MCL_119844_1 | Hiring of 03 nos. of Mahindra Bolero / Tata Pick up or equivalent cabin seat 4 plus 1 and minimum 1 (one) Ton Load capacity in rear load body for 24 hours duty for use at Jagannath OCP, Jagannath Area for 682 days in a period of 02 (two) years. | 3580500.00 |
| 23 | 2018_MCL_119839_1 | Upkeeping of 36 Nos. C type and 6 Nos. B type colony under Jagannath Area for a period of two years. (Re tender) | 345721.00 |
| 24 | 2018_MCL_119854_1 | Hiring of a School Bus (52 plus 1 seater) for 12 hours duty for use under Jagannath OCP, Jagannath Area for 560 days in a period of 02 (two) years. | 1513120.00 |
| 25 | 2018_MCL_119967_1 | PROCUREMENT OF GEAR COUPLING AND TYRE COUPLING SPARES | 1489336.00 |
| 26 | 2018_MCL_119932_1 | Operation of valves for GM office and residential quarters of GM complex at Jagannath Area for a period of 02(two) years. | 733051.00 |
| 27 | 2018_MCL_119947_1 | Cleaning and Upkeeping of 06 Nos D-Type quarters at Ananta Vihar Colony of Ananta OCP under Jagannath Area for a period of 02(two) years. | 1198863.00 |
| 28 | 2018_MCL_119962_1 | Cleaning of Road from Dera Chhak to GVTC chhak under Jagannath Area for a period of 01(one) year. | 918825.00 |
| 29 | 2018_MCL_119936_1 | Annual Cleaning, Upkeeping and Gardening of Kalyan Mandap under Ib Valley Area | 2357776.00 |
| 30 | 2018_MCL_119940_1 | Renovation of Land Acquisition office (Qtr No. B-6) inside GM Complex of Ib Valley Area | 305893.00 |
| 31 | 2018_MCL_119948_1 | Safety forthnight related civil work at SOCP under Ib Valley Area | 614682.00 |
| 32 | 2018_MCL_119966_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 4000 Km run per month, 24 hrs duty for two year (341 days per year) for SOCP, IB Valley Area. | 1435030.00 |
| 33 | 2018_MCL_119952_1 | Procurement of Spares of Protection India starter for Nandira Colliery MCL Talcher Area. | 236765.00 |
| 34 | 2018_MCL_120019_1 | PROCUREMENT OF TONER CARTRIDGE FOR SHARP PHOTOCOPIER MACHINE | 21309.00 |
| 35 | 2018_MCL_119917_1 | Supply of Dental materials and appliances for NSCH, Talcher. | 128820.00 |
| 36 | 2018_MCL_120075_1 | PROCUREMENT OF SPARES FOR IR MAKE FEEDER BREAKER | 1285297.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4859
ଆମର ଆସ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।


NATIONAL HEALTH MISSION | ଜାତୀୟ ସ୍ୱାସ୍ଥ୍ୟ ମିଶନ

ଓଡ଼ିଶାର ପ୍ରଥମ ଗ୍ରାମାଞ୍ଚଳ
ଡାଇଲିସିସ୍ କେନ୍ଦ୍ର
(ବଡ଼ମ୍ବା ନରସିଂହପୁରର କିଡ୍‌ନୀ ଆକ୍ରାନ୍ତଙ୍କ ପାଇଁ ନିଃଶୁଳ୍କ ସେବା)
ନରସିଂହପୁର ଡାକ୍ତରଖାନାରେ
ଶୁଭ ଲୋକାର୍ପଣ



ତାରିଖ - ୧୪।୧୧।୧୮



ସମୟ - ମଧ୍ୟାହ୍ନ - ୧୨.୦୫ ମିନିଟ୍



ମୁଖ୍ୟ ଅତିଥି- **ଶ୍ରୀ ପ୍ରତାପ ଜେନା** ମାନ୍ୟବର ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ
ବିଶିଷ୍ଟ ଅତିଥି- **ଶ୍ରୀ ଭର୍ତ୍ତୃହରି ମହତାବ** ମାନ୍ୟବର କଟକ ସାଂସଦ
ପୌରୋହିତ୍ୟ- **ଶ୍ରୀ ଦେବୀପ୍ରସାଦ ମିଶ୍ର** ମାନ୍ୟବର ବିଧାୟକ, ବଡ଼ମ୍ବା

ଏଥି ସହିତ ମାଣିଆବନ୍ଧ, ବଡ଼ମ୍ବା, ଯୋଗୁମ (ଜିଲିଣ୍ଡା), କାନପୁର ଓ ନରସିଂହପୁର ଡାକ୍ତରଖାନାମାନଙ୍କର ଭିତ୍ତିଭୂମି ଉନ୍ନତୀକରଣର ଶିଳାନ୍ୟାସ, ମଣିଆବନ୍ଧ, ବଡ଼ମ୍ବା ଡାକ୍ତରଖାନାରେ ବ୍ଲଡ୍ ଆନାଲାଇଜର ପ୍ରଦାନ, ବିଶ୍ୱ ମଧୁମେହ ଦିବସରେ ବୃକ୍କ ଓ ସହଜାତ ରୋଗ ପାଇଁ ପରୀକ୍ଷଣ ଓ ପରାମର୍ଶ ଶିବିର ନରସିଂହପୁରରେ ଅନୁଷ୍ଠିତ ହେବ।

ଆପଣଙ୍କୁ ସାଦର ଆମନ୍ତ୍ରଣ
: ଆୟୋଜକ :
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କଟକ

> ସ୍ପାନିଶ ଫୁଟ୍‌ବଲ ଲିଗ୍ ଲା ଲିଗା ପାଇଁ ଲିଓନେଲ ମେସିଙ୍କଠାରୁ ଅନ୍ୟ କେହି ଅଧିକ କରି ନାହାନ୍ତି। ତାଙ୍କ ନାମରେ ପୁରସ୍କାର ବ୍ୟବସ୍ଥା କରାଯିବା ଉଚିତ ।
> —ଜାଭିଏର ଟେବାସ, ଲା ଲିଗା ସଭାପତି








## ସଂକ୍ଷେପରେ

### ଟେଲରଙ୍କ ଶତକ ସତ୍ତ୍ୱେ ବାଂଲାଦେଶର ସ୍ଥିତି ଦୃଢ଼

**ଢାକା, ୧୩।୧୧ (ଏଏଫ୍‌ପି):** ବ୍ରେଣ୍ଡନ ଟେଲରଙ୍କ ଲଢୁଆ ଶତକ ସତ୍ତ୍ୱେ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମଙ୍କ ୫ ଉଇକେଟ ସଫଳତା ଯୋଗୁ ଏଠାରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟରେ ବାଂଲାଦେଶର ସ୍ଥିତି ସୁଦୃଢ଼ ରହିଛି। ବାଂଲାଦେଶର ପ୍ରଥମ ଇନିଂସ ବିଶାଳ ସ୍କୋର ୫୨୨/୭ ସ୍କୋର ଜବାବରେ ଜିମ୍ବାୱେ ୩୦୪ ରନ କରି ଅଲଆଉଟ ହୋଇଯାଇଛି। ଫଳରେ ଘରୋଇ ଦଳ ୨୧୮ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଜିମ୍ବାୱେ ଯଦି ଏହି ମ୍ୟାଚ ଡ୍ର ରଖେ ତେବେ ୭ ବର୍ଷରେ ପ୍ରଥମ ଥର ଏକ ଟେଷ୍ଟ ସିରିଜରେ ବିଜୟ ଲାଭ କରିବ। ଦଳ ସିଲ୍‌ହେଟ୍‌ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ୧୫୧ ରନରେ ବିଜୟ ଲାଭ କରିଥିଲା। ଭ୍ରମଣକାରୀ ଦଳ ପ୍ରାୟ ଦୁଇ ଦଶନ୍ଧି ଧରି ବିଦେଶରେ ଏକ ଟେଷ୍ଟ ସିରିଜ ଜିତିପାରି ନାହିଁ। ତାଇଜୁଲଙ୍କ ଅନ୍ତିମ ଶିକାର ହୋଇଥିଲେ ରେଗିସ୍ ଚକାବଭା (୧୦ରନ)। ଏହି ଖେଳାଳିଙ୍କ ଆଉଟ ସହ ଜିମ୍ବାୱେ ପ୍ରଥମ ଇନିଂସ ଶେଷ ହୋଇଥିଲା। ଇଞ୍ଜୁରି ଯୋଗୁ ଶେଷ ବ୍ୟାଟ୍ସମ୍ୟାନ ଟେଣ୍ଡାଇ ଚାଟରା ବ୍ୟାଟିଂ କରିବା ଲାଗି ଆସି ନ ଥିଲେ। ଜିମ୍ବାୱେ ଏକଦା ୫ ଉଇକେଟ ବିନିମୟରେ ୧୧୩ ରନ କରି ସଙ୍କଟରେ ପଡ଼ିଥିଲା। ମାତ୍ର ଟେଲରଙ୍କ ୧୯୪ ବଲ୍‌ରୁ ୧୧୦ ରନ ଏବଂ ପିଟର ମୁର୍‌ଙ୍କ କ୍ୟାରିୟର ଶ୍ରେଷ୍ଠ ୮୩ ରନ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ଉଭୟେ ୬ଷ୍ଠ ଉଇକେଟରେ ୧୩୯ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ଆରିଫୁଲ୍ ହକ୍ ଭଙ୍ଗ କରିଦେଇଥିଲେ। ସେ ମୁର୍‌ଙ୍କୁ ଏଲବିଡବ୍ଲ୍ୟୁ କରିଦେଇଥିଲେ। ମୁର୍‌ଙ୍କର ଏହାଥିଲା କ୍ରମାଗତ ଦ୍ୱିତୀୟ ଏବଂ ୫ମ ଟେଷ୍ଟ ଅର୍ଦ୍ଧଶତକ। ସେ ୧୨ ଚୌକା ଓ ଗୋଟିଏ ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର:** ବାଂଲାଦେଶ ପ୍ରଥମ ଇନିଂସ: ୫୨୨/୭, ଘୋଷଣା। **ଜିମ୍ବାୱେ ପ୍ରଥମ ଇନିଂସ:** ୩୦୪/ଅଲଆଉଟ (ବ୍ରେଣ୍ଡନ ଟେଲର-୧୧୦, ପିଟର ମୁର୍-୮୩, ବ୍ରାଏନ ଚାରି-୫୩; ତାଇଜୁଲ ଇସ୍‌ଲାମ-୫/୧୦୭, ମେହିଦି ହସନ-୩/୬୧)।

# ସିଧା ଅଷ୍ଟ୍ରେଲିଆ ଯିବେ ରୋହିତ୍

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.)**



ବ୍ୟସ୍ତବହୁଳ କ୍ରିକେଟ ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଭାରତୀୟ ତାରକା ଓପନର ରୋହିତ ଶର୍ମାଙ୍କୁ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଅନଅଫିସିଆଲ ଟେଷ୍ଟ ମ୍ୟାଚରୁ ବିଶ୍ରାମ ଦିଆଯାଇଛି। ଯଦିଓ ତାଙ୍କୁ ଏହି ମ୍ୟାଚ୍ ପାଇଁ ପୂର୍ବରୁ ଦଳରେ ସାମିଲ କରାଯାଇଥିଲା। ରୋହିତ ଇତିମଧ୍ୟରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ସେ ଭାରତୀୟ ଟି୨୦ ଦଳ ସହ ଶୁକ୍ରବାର ସିଧା ଅଷ୍ଟ୍ରେଲିଆ ଯିବେ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ରୋହିତଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନ କମିଟି ସହ ଆଲୋଚନା କରି ମେଡିକାଲ ଟିମ୍ ଏହି ପରାମର୍ଶ ଦେଇଛି। ରୋହିତ୍‌ଙ୍କ ଉପରୁ କାର୍ଯ୍ୟଭାର କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ସୀମିତ ଓଭର କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରି ରୋହିତ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଏହି ୪ ଦିନିଆ ମ୍ୟାଚ୍ ପାଇଁ ରୋହିତ ଆଜିଙ୍କ୍ୟ ରାହାନେ, ମୁରଲୀ ବିଜୟ, ହନୁମା ବିହାରୀ, ପାର୍ଥିବ ପଟେଲ ଓ ପୃଥ୍ୱୀ ଶଙ୍କ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଭାରତ ଏ' କୋଚ୍ ରାହୁଲ ଦ୍ରାବିଡ କହିଛନ୍ତି।

ଭାରତ ଏ' ଦଳରେ ରୋହିତ୍‌ଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇ ନାହିଁ। ଡିସେମ୍ବର ୬' ତାରିଖରେ ଆଡିଲେଡରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ରୋହିତ ଏବେ ମାତ୍ର ଗୋଟିଏ ଅଭ୍ୟାସ ମ୍ୟାଚ୍ ଖେଳିବେ। ତେବେ ଏହା ପୂର୍ବରୁ ସେ ୩ଟି ଟି୨୦ ମ୍ୟାଚ୍ ଖେଳିବେ। ଆସନ୍ତା ୨୧ ତାରିଖରେ ଗାବାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଏ' ବିପକ୍ଷ ସିରିଜରେ ରାହାନେ ଭାରତ ଏ'ର ନେତୃତ୍ୱ ନେବେ। ତିନି ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଶୁକ୍ରବାରଠାରୁ ନ୍ୟୁଜିଲାଣ୍ଡର ମାଉନଗାନୋଇରେ ଆରମ୍ଭ ହେବ।

**ଭାରତ ଏ' ଦଳ**

ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୁରଲୀ ବିଜୟ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ହନୁମା ବିହାରି, ପାର୍ଥିବ ପଟେଲ (ଉଇକେଟ କିପର), କେ. ଗୋଥାମ, ଶାହାବାଜ ନଦୀମ, ମହମ୍ମଦ ସିରାଜ, ନବଦୀପ ସଇନି, ଦୀପକ ଚହର, ରଜନୀଶ ଗୁର୍ବାନୀ, ବିଜୟ ଶଙ୍କର ଓ କେ.ଏସ. ଭରତ (ଉଇକେଟ କିପର)।

■ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍

## ସ୍ୱର୍ଣ୍ଣ ସହ ଆଂଶିକାଙ୍କ ନୂତନ ରେକର୍ଡ

**ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

କର୍ନାଟକର ଦେବାଙ୍ଗରେ ଚାଲିଥିବା ୨୩ତମ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍‌ରେ ଓଡ଼ିଶାର ଆଂଶିକା ରାଉତରାୟ ନୂତନ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ଭାରତର ଜଣାଶୁଣା ପୂର୍ବତନ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଆଂଶିକା ୧୪ ବର୍ଷରୁ କମ୍ ବାଳିକା ଶଟ୍ ପୁଟ୍ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ପାଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ଆଂଶିକା ୧୧.୪୫ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହିତ ନୂତନ ସିବିଏସ୍‌ଇ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପ୍ରିୟାଂଶୀ (୧୧.୨୩ ମିଟର)ଙ୍କ ନାମରେ ରହିଥିଲା। ବିଡିଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ମହକ (୧୦.୪୫ ମିଟର) ଓ ରୋଜ୍ ମେରୀ ପବ୍ଲିକ ସ୍କୁଲର ସୁଜନ (୧୦.୨୫ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ମ୍ୟାଚ ଫିକ୍ସିଂ ଅଭିଯୋଗରେ ଲୋକୁହେଟିଗ୍ ସସ୍‌ପେଣ୍ଡ

**ଦୁବାଇ, ୧୩।୧୧ (ପି.ଟି.)**

ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଦିଲ୍‌ହରା ଲୋକୁହେଟିଗ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ସସ୍‌ପେଣ୍ଡ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଗତବର୍ଷ ଅନୁଷ୍ଠିତ ଟି୧୦ ଲିଗ୍‌ରେ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୩୮ବର୍ଷୀୟ ଲୋକୁହେଟିଗ୍ ଶ୍ରୀଲଙ୍କା ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟଠି ଟି୨୦ ଖେଳିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଆଚରଣବିଧିର ତିନୋଟି ଧାରା ସେ ଉଲ୍ଲଂଘନ କରିଛନ୍ତି। ଲୋକୁହେଟିଗ ଟି୧୦ ପ୍ରତିଯୋଗିତାରେ ସ୍ଥାନ ପାଇ ନ ଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ନେଇ ୧୪ ଦିନ ମଧ୍ୟରେ ଜବାବ ରଖିବା ଲାଗି ତାଙ୍କୁ କୁହାଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସଏଲସି)ର ଅନେକ ଦୁର୍ନୀତି ଇତିମଧ୍ୟରେ ପଦାକୁ ଆସି ସାରିଛି। ମ୍ୟାଚ ଫିକ୍ସିଂ ଅଭିଯୋଗରେ ଆଇସିସି ଅକ୍ଟୋବର ୩୧ରେ ଶ୍ରୀଲଙ୍କାର ପୂର୍ବତନ ଫାଷ୍ଟ ବୋଲର ନୁୱାନ ଜୟସାଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ସନଥ ଜୟସୁରିୟା ଆଇସିସିର ଦୁଇଟି ଦୁର୍ନୀତି ନିବାରଣ କୋଡ୍ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିବାବେଳେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ତାହାକୁ ଖଣ୍ଡନ କରିଆସୁଛନ୍ତି।

## ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି, ବୁମରା



**ଦୁବାଇ, ୧୩।୧୧ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରା ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ର୍‍ୟାଙ୍କିଂ‌ ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। କୋହଲି ସର୍ବାଧିକ ୮୯୯ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ଉପଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଓପନର ଶିଖର ଧାୱନ ୩ୟ ଭାରତୀୟ ଖେଳାଳି ଭାବେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ପୂର୍ବରୁ ୯ମ ସ୍ଥାନରେ ଥିବା ଧାୱନ ଏବେ ୮ମ ସ୍ଥାନରେ ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦ତମ ସ୍ଥାନରେ ରହିଥିବା ମଙ୍ଗଳବାର ପ୍ରକାଶିତ ତାଲିକା ଦର୍ଶାଇଛି। ସେହିଭଳି ବୋଲରଙ୍କ ମଧ୍ୟରେ ୩ ଭାରତୀୟ ଟପ୍ ୧୦ରେ ରହିଛନ୍ତି। ବୁମରା ୮୪୧ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ କୁଲଦୀପ ଯାଦବ ୩ୟ ସ୍ଥାନ ବଜାୟ ରଖିଛନ୍ତି। ଯୁଜବେନ୍ଦ୍ର ଚହଲ ପୂର୍ବ ଅପେକ୍ଷା ୩ ସୋପାନ ଉପରକୁ ଉଠିଛନ୍ତି। ଏବେ ସେ ୫ମ ସ୍ଥାନରେ ଅଛନ୍ତି। ଦଳଗତ ର୍‍ୟାଙ୍କିଂ‌ରେ ଭାରତ ୧୨୧ ପଏଣ୍ଟ ସହ ଇଂଲଣ୍ଡ(୧୨୬) ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି।

# ସେମିଫାଇନାଲରେ ନାଗପୁର

**ଧର୍ମଶାଳା, ୧୩।୧୧ (ଡି.ଏନ୍.ଏ.)**

**ଅଂଶୁମାନ ମେମୋରିଆଲ୍ କ୍ରିକେଟ**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଆୟୋଜିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ମଙ୍ଗଳବାର କରିମ୍ ସ୍ପୋର୍ଟ୍ସ ଏକାଡେମୀ ନାଗପୁର ୧୪୧ ରନ୍‌ରେ ରାୟପୁର ରେଲୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କରିମ୍ ସ୍ପୋର୍ଟ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅବୁଜାର ଖାନ୍ ୩୪ ବଲ୍‌ରେ ୮୯ରନ୍ ଓ ଗୌରବ ବରାଡି ୩୭ ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ। ରାୟପୁର ଦଳର ପପୁଲ ଶର୍ମା ୪ଟି ଓ କରନ୍ ସିଂ ୩ଟି ଲେଖାଏ ଉଇକେଟ୍ ନେବାରେ ସମର୍ଥ ହୋଇଥିଲେ। ଜବାବ୍‌ରେ ରାୟପୁର ଦଳ ବ୍ୟାଟିଂ କରି ୧୭.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୬୧ରନ୍ ସଂଗ୍ରହ କରି ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡିଥିଲା। ଦଳପକ୍ଷରୁ ରୋହିତ୍ ଧର୍ୱା ୩୧ ବଲ୍‌ରୁ ୫୭ ରନ୍, ଅର୍ଜ୍ଜୀ ଶର୍ମା ୧୨ ବଲ୍‌ରୁ ୨୪ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ନାଗପୁର ଦଳର ସାହାଜ୍ କୁମାର ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଆଶୁତୋଷ ପାଣି, ଶରତ ଜେନା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଶାହାଜ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ କ୍ରୀଡାବିତ୍ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କରିମ୍ ସ୍ପୋର୍ଟ୍ସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୀତାଂଶୁ ସାହୁ ସୂଚନା ଦେଇଛନ୍ତି।



ଶାହାଜ୍ କୁମାର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।






### ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦

## ମର୍ନିଂଷ୍ଟାର, ୟୁ ଆଣ୍ଡ ମି କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୧୩।୧୧:** ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ 'ୟୁ ଆଣ୍ଡ ମି' ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍ତରଓଡ଼ିଶା ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଏବଂ ଭଦ୍ରକ ଚରମ୍ପା ଏକାଡ଼େମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କେନ୍ଦୁଝର ୟୁନିକ୍ କ୍ରିକେଟ୍ ଏକାଡ଼େମୀ ଏବଂ ବାଲେଶ୍ୱର କ୍ଲବ ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ପ୍ରଥମ ମ୍ୟାଚ୍‌ରେ ଭଦ୍ରକ ଚରମ୍ପା ଏକାଡ଼େମି ଟସ୍ ଜିତି ୧୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୬ ରନ୍ କରିପାରିଥିଲା। ଅବିନାଶ ସିଂ ୪୦, ମାନସ ସାହୁ ୩୪, ଜ୍ୟୋତିରଞ୍ଜନ ୨୮ ରନ କରିଥିବା ବେଳେ ମର୍ନିଂଷ୍ଟାର ତରଫରୁ ସୟଦ ଜାକି ସର୍ବାଧିକ ୪ଟି, ଅରିନ୍ଦମ ଚକ୍ରବର୍ତ୍ତୀ ଓ ଅହିତୋଷ ଦାସ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ମର୍ନିଂଷ୍ଟାର ପକ୍ଷରୁ ଅଜୟ ପ୍ରଧାନ ୨୯ ବଲ୍‌ରେ ୫୩ ରନ୍ ଏବଂ ଯଶୋବନ୍ତ ବେହେରାଙ୍କ ୬୭ ରନ୍ ବଳରେ ୧୮.୧ ଓଭର୍‌ରେ ୫ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଚରମ୍ପା ଏକାଡ଼େମୀ ପକ୍ଷରୁ ରାଜେଶ ବଳ ୩ଟି ଉଇକେଟ୍ ନେଇଥିଲେ। ଯଶୋବନ୍ତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ କ୍ଲବ ୟୁ ଆଣ୍ଡ ମି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଉଇକେଟ୍ ହରାଇ ୨୪୬ ରନ୍ କରିଥିଲା। ସର୍ବେଶ୍ୱର ମହାନ୍ତି ୫୧ବଲ୍‌ରେ ୧୬ ଛକା ଓ ୫ ଚୌକା ସହାୟତାରେ ୧୩୬ ରନ୍ ଏବଂ ରୋନାଲ ଦାସ ୪୮ ରନ୍ କରିଥିଲେ। ୟୁନିକ୍ ଏକାଡ଼େମୀ ତରଫରୁ ସରୋଜ ପରିଡ଼ା ୨ଟି ଉଇକେଟ୍ ନେଇଥିଲେ। ଜବାବରେ ୟୁନିକ ଏକାଡ଼େମୀ ୯ ଉଇକେଟ୍ ହରାଇ ୧୭୯ ରନ୍ କରିଥିଲା। ଦିନେଶ ନାୟକ ୪୪ ଓ ବିପୁଲ ରାଉତ ୩୩ ରନ୍ କରିଥିବା ବେଳେ ୟୁ ଆଣ୍ଡ ମି ପକ୍ଷରୁ ବିଶ୍ୱମୋହନ ବାରିକ ୪, ନଜରୁଲ ଖାଁ ୨ଟି ଉଇକେଟ୍ ନେଇଥିଲେ। ସର୍ବେଶ୍ୱରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବୁଧବାର ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଓ ୟୁ ଆଣ୍ଡ ମି କ୍ଲବ ଏବଂ ସର୍ବଭାରତୀୟସ୍ତରରେ କଟକ ରାଇଜିଂ ଷ୍ଟୁଡ଼େଣ୍ଟ ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।


No. 55-n

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡ଼ିଶା ସରକାର**

**ସୁରଭି : ୨୦୧୮**

**(ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ)**

**ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଭୁବନେଶ୍ୱର ॥ ତା: ୧୪,୧୫ ଓ ୧୬ ନଭେମ୍ବର ୨୦୧୮**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୪,୧୫ ଓ ୧୬ ତିନିଦିନ ଧରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ **ସୁରଭି -୨୦୧୮** ୟୁନିଟ୍-୯, ଭୁବନେଶ୍ୱର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା , ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର** ଏହି ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବେ ।

**॥ କାର୍ଯ୍ୟସୂଚୀ ॥**

| | | |
|---|---|---|
| **ତା ୧୪.୧୧.୨୦୧୮ (ବୁଧବାର)**<br>ସମୟ – ସକାଳ ୮.୦୦ ଘଟିକା<br>**ଶିକ୍ଷା ସଚେତନତା ସାଇକେଲ୍ ରାଲି :** ବିଜୁ ପଟ୍ଟନାୟକ (ଫରେଷ୍ଟ) ପାର୍କ ଠାରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱର | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର**, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା**, ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା |
| **ତା ୧୪.୧୧.୨୦୧୮ (ବୁଧବାର)**<br>**ସଂଧ୍ୟା ୫.୦୦ ଘଟିକା :**<br>**ଉଦ୍‌ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ** | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର**, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ**, ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ<br>**ଡ. ହମିଦ୍ ନୁରୁ**, ପ୍ରତିନିଧି ଓ ନିର୍ଦ୍ଦେଶକ<br>ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଭାରତ<br>**ଫାରୁଗ୍ ଫୌଜତ୍**, ଉପ ପ୍ରତିନିଧି, ଯୋଜନା<br>ୟୁନିସେଫ୍, ଭାରତ |
| **ତା ୧୫.୧୧.୨୦୧୮ (ଗୁରୁବାର)**<br>**ସମୟ-ଅପରାହ୍ନ ୩.୦୦ ଘଟିକା : ଛାୟା ବିଧାନସଭା**<br>ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ**, ମାନ୍ୟବର ବାଚସ୍ପତି,<br>ଓଡ଼ିଶା ବିଧାନସଭା<br>**ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର**, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| **ସଂଧ୍ୟା ୬.୦୦ ଘଟିକା : ସାଂସ୍କୃତିକ କାର୍ଯ୍ୟକ୍ରମ** | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର**, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| **ତା୧୬.୧୧.୨୦୧୮ (ଶୁକ୍ରବାର)**<br>**ସମୟ ସଂଧ୍ୟା ୬.୦୦ଘଟିକା**<br>ଉଦ୍‌ଯାପନ ଉତ୍ସବ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର : | : ଆଦରଣୀୟ ଅତିଥି : | **ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର**, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>**ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା**, ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା<br>**ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ**<br>ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)<br>**ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ |

**ଉକ୍ତ ମହୋତ୍ସବରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ**

ପ୍ରମୁଖ ଶାସନ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

27005/11/0019/1819



❝ ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ମୋତେ ଖୁବ୍ ପ୍ରଭାବିତ କରିଛି।
–ଭିଭିଏସ ଲକ୍ଷ୍ମଣ, ପୂର୍ବତନ କ୍ରିକେଟର

❝ ଇଂଲଣ୍ଡ ଫୁଟ୍‌ବଲ ଟିମ୍ ମ୍ୟାନେଜର ଗ୍ୟାରେଥ ସାଉଥ୍ ଗେଟ୍ ମୋ ପାଇଁ ଫେୟାରୱେଲ ମ୍ୟାଚ ଆୟୋଜନ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ ।
–ୱେନ ରୁନି, ଇଂଲଣ୍ଡ ଫୁଟ୍‌ବଲର



## ସଂକ୍ଷେପରେ

### ଧୋନୀ ମାଟ୍ରିମୋନି ସାଇଟ୍ ଆମ୍ବାସାଡର

**ଚେନ୍ନାଇ,୧୩।୧୧:** ଅନଲାଇନ ମାଟ୍ରିମୋନି ବ୍ୟବସ୍ଥା ଯୋଗାଉଥିବା ଭାରତ ମାଟ୍ରିମୋନି ସୋମବାର ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏହି କମ୍ପାନୀ ପ୍ରଚାର ପାଇଁ ଖୁବ ଶୀଘ୍ର ଧୋନୀଙ୍କୁ ନେଇ ଟିଭି ଲାଗି ବିଜ୍ଞାପନା ଶୁଟିଂ କରିବ। ଏହି ଅବସରରେ ଭାରତ ମାଟ୍ରିମୋନି ଡଟ୍ କମ କମ୍ପାନୀର କାର୍ଯ୍ୟନିର୍ବାହୀ ଅଫିସର ମୁରୁଗାଭେଲ ଜାପାକିରାମାନ କହିଛନ୍ତି, ଆମେ ଧୋନୀଙ୍କ ସହ ଜଡ଼ିତ ହୋଇ ଗର୍ବିତ। କାରଣ ଧୋନୀ ଦେଶର ବହୁ ଯୁବଙ୍କ ଲାଗି ପ୍ରେରଣା। ଭାରତ ମାଟ୍ରିମୋନି ଏକ ବିଶ୍ୱାସଯୋଗ୍ୟ ସାଇଟ୍। ଗତ ୧୮ ବର୍ଷ ମଧ୍ୟରେ ଆମେ ନିଯୁତରୁ ଅଧିକ ଭାରତୀୟଙ୍କୁ ଜୀବନ ସାଥୀ ଖୋଜି ଦେଇଛୁ।

### ନିର୍ବାଚନ ଲଢ଼ିବେ ମୋର୍ତାଜା

**ଢାକା,୧୩।୧୧:** ବାଂଲାଦେଶ ଦିନିକିଆ ଦଳର ଅଧିନାୟକ ମାଶ୍ରଫି ମୋର୍ତାଜା ନିର୍ବାଚନରେ ଲଢ଼ିବେ ବୋଲି ସରକାରୀ ଦଳ ଘୋଷଣା କରିଛି। ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଛିଡ଼ା ହେବା ପାଇଁ ୩୫ ବର୍ଷୀୟ କ୍ରିକେଟରଙ୍କୁ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ୱାଗତ କରିଛନ୍ତି। ତେବେ ସେ ତାଙ୍କ ଜିଲା ନାରାଲିରୁ ନିର୍ବାଚନ ଲଢ଼ିବେ। ଏ ସମ୍ପର୍କରେ ବିସିବି ପକ୍ଷରୁ ମଧ ସ୍ପଷ୍ଟୀକରଣ ଦିଆଯାଇଛି। କିନ୍ତୁ ଏ ନେଇ ମଶ୍ରଫି ନିଜ ପକ୍ଷରୁ ସ୍ପଷ୍ଟ କରି ନାହାନ୍ତି। "ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ମଶ୍ରଫିଙ୍କ ସାମ୍ବିଧାନିକ ଅଧିକାର। ଯଦି ସେ ନିଜ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ଏଥିରେ କୌଣସି ଅସୁବିଧା ନାହିଁ" ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପ୍ରବକ୍ତା ଜଲାଲ ୟୁନୁସ କହିଛନ୍ତି।

### ହଂକଂ ଓପନ: କାଶ୍ୟପଙ୍କ ବିଜୟ ଅଭିଯାନ



**ହଂକଂ,୧୩।୧୧:** ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲୀ କାଶ୍ୟପ, ସୁ ଜେନ ହାଓଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ହଂକଂ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଗତ କିଛିବର୍ଷ ହେଲା ଆହତ ସମସ୍ୟା ସହ ସଂଘର୍ଷ କରୁଥିବା କଶ୍ୟପ ୨୧-୧୭, ୧୨-୨୧, ୨୧-୧୮ ଗେମ୍‌ରେ ଚାଇନିଜ ତାଇପେ ଶଟଲରଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ସେ ଆଗାମୀ ମ୍ୟାଚ୍‌ରେ ୭ମ ସିଡ ଇଣ୍ଡୋନେସିଆର ଆନ୍ଥୋନି ସିନିସୁକାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସ ବର୍ଗରେ ସାତ୍ୱିକସାଇରାଜ ରାନ୍‌କି ରେଡ୍ଡୀ ଓ ଅଶ୍ୱିନୀ ପୋନପ୍ପାଙ୍କ ଯୋଡ଼ି ମଧ ମୁଖ୍ୟ ପର୍ଯ୍ୟାୟରେ ଖେଳିବ। ଏହି ଭାରତୀୟ ଯୋଡ଼ି ତାଇୱାନ ଲି ୟାଙ୍ଗ ଓ ସୁ ୟା ଚିଙ୍ଗଙ୍କୁ ୨୧-୧୬, ୧୯-୨୧, ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି।

### ପୁଅ ପାଇଁ ଟି୧୦ରୁ ଓହରିଲେ ମଲିକ

**କରାଚୀ,୧୩।୧୧:** ନିକଟରେ ବାପା ହେବାର ସୁଖ ପାଇଥିବା ପାକିସ୍ତାନୀ ଅଲରାଉଣ୍ଡର ଶୋଏବ ମଲିକ ୟୁଏଇଠାରେ ହେବାକୁ ଥିବା ଟି୧୦ କ୍ରିକେଟ ଲିଗ୍‌ର ଦ୍ୱିତୀୟ ସଂସ୍କରଣରୁ ଓହରି ଯାଇଛନ୍ତି। ପୂର୍ବତନ ଅଧିନାୟକ ପଞ୍ଜାବୀ ଲିଜେଣ୍ଡସ ପକ୍ଷରୁ ଖେଳିଥାନ୍ତେ। ତେବେ ପରିବାର ସହିତ ଅଧିକ ସମୟ ବିତାଇବା ଲାଗି ଟି୧୦ କ୍ରିକେଟ ପାଇଁ ଉପଲବ୍ଧ ରହିବା ସମ୍ଭବ ନ ଥିବା ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହା ମୋ ପାଇଁ ଏକ କଠିନ ନିଷ୍ପତ୍ତି। ମାତ୍ର ମୁଁ ମୋ ପତ୍ନୀ ଓ ପୁଅ ସହ ଅଧିକ ସମୟ ଅତିବାହିତ କରିବା ଛଡ଼ା ଆଉ କିଛି ଚାହେଁନାହିଁ। ଏଣୁ ପଞ୍ଜାବୀ ଲିଜେଣ୍ଡସ ପକ୍ଷରୁ ଟି୧୦ ଖେଳି ପାରିବି ନାହିଁ ବୋଲି ଟୁଇଟରରେ ସେ ଲେଖିଛନ୍ତି। ଉଲ୍ଲେଖଥାଉ କି, ୨୦୧୦ ଏପ୍ରିଲ ୧୦ରେ ମଲିକ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ଚଳିତ ମାସରେ ଏହି ହାଇ ପ୍ରୋଫାଇଲ ଦମ୍ପତଙ୍କ ପୁଅ ହୋଇଛି। ପୁଅଙ୍କ ନାମ ଇଜ୍‌ହାନ ମିର୍ଜା ମଲିକ ରଖାଯାଇଛି।

# ଅଖଦୀପ୍‌ଙ୍କ ଶତକରେ ୟୁପି ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୧୩।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଅଧିନାୟକ ଅଖଦୀପ୍ ନାଥଙ୍କ ଅପରାଜିତ ଶତକ ବଳରେ ଭ୍ରମଣକାରୀ ଉତ୍ତରପ୍ରଦେଶ (ୟୁପି) ଦଳ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ବିପକ୍ଷ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଘରୋଇ ଓଡ଼ିଶା ଦଳର ପ୍ରଥମ ଇନିଂସ ସ୍କୋର ୨୫୬ ରନ ଜବାବରେ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୟୁପି ପ୍ରଥମ ଇନିଂସରେ ୧୦୭ ଓଭରରେ ୬ ଉଇକେଟ୍ ହରାଇ ୩୬୧ ରନ ସଂଗ୍ରହ କରିଛି। ଆହୁରି ୪ଟି ଉଇକେଟ୍ ସୁରକ୍ଷିତ ରହିଥିବାବେଳେ ୟୁପି ଦଳ ଏବେ ୧୦୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ୍ ରହିଛି।

### ଫାଇଦା ଉଠାଇ ପାରିଲାନି ଓଡ଼ିଶା

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୨/୧ରୁ ଖେଳ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ମଙ୍ଗଳବାର ସକାଳେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପରବର୍ତ୍ତୀ ୩୦ ରନରେ ଦଳ ୩ଟି ଉଇକେଟ୍ ହରାଇଥିଲା। ସକାଳ ପରିବେଶରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ଓଡ଼ିଶାର ଅଭିଜ୍ଞ ବୋଲର ବସନ୍ତ ମହାନ୍ତି ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମାଧବ କୌଶିକ (୧୭) ଓ ମହମ୍ମଦ ସୈଫ୍ (୨୮)ଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେହିଭଳି ଏହି ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ ରହିଥିବା ଭାରତୀୟ ଦଳର ଷ୍ଟାର ଖେଳାଳି ସୁରେଶ ରାଇନା ମଧ ଦର୍ଶକଙ୍କୁ ନିରାଶ କରିଥିଲେ। ରାଇନା ୧୦ ରନ କରି ବ୍ୟାଟିଂ କରୁଥିବାବେଳେ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ବଲକୁ ଖେଳିବାକୁ ଯାଇ ଗୋବିନ୍ଦ ପୋଦ୍ଦାରଙ୍କ ହାତରେ ଧରା ପଡ଼ିଥିଲେ। ୭୨ ରନରେ ୪ଟି ଉଇକେଟ୍ ହରାଇ ୟୁପି ଏକପ୍ରକାର ସଙ୍କଟଜନକସ୍ଥିତିରେ ପଡ଼ିଯାଇଥିଲା। ଅପରପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଘରୋଇ ଓଡ଼ିଶା ଦଳ ପାଇଁ ଇନିଂସ ଅଗ୍ରଣୀ ହାସଲ କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ପ୍ରତିପକ୍ଷ ଅଧିନାୟକ ଅଖଦୀପ୍ ମଧ୍ୟକ୍ରମରେ ପ୍ରିୟମ ଗର୍ଗ ଓ ରିଙ୍କୁ ସିଂଙ୍କ ସହ ଦୁଇଟି ଶତକୀୟ ଭାଗୀଦାରି କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଅଖଦୀପ୍ ୫ ଉଇକେଟ୍‌ରେ ପ୍ରିୟମଙ୍କ (୫୯ ରନ) ସହ ୧୨୬ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ବିପ୍ଳବ ଭାଙ୍ଗିଥିଲେ। ଏହାପରେ ୨୫ ବର୍ଷୀୟ ଅଖଦୀପ୍ ୬ଷ୍ଠ ଉଇକେଟ୍‌ରେ ରିଙ୍କୁ ସିଂ (୭୨ ରନ)ଙ୍କ ସହ ୧୫୪ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୩୫୦ ରନ ଅତିକ୍ରମ କରାଇଥିଲେ। ନୂଆ ବଲ୍ ନେବାପରେ ଦ୍ରୁତ ବୋଲର ଦେବବ୍ରତ ପ୍ରଧାନ ପଏଣ୍ଟ ଏରିଆରେ ଗୋବିନ୍ଦଙ୍କ ହାତରେ ରିଙ୍କୁଙ୍କୁ ଆଉଟ୍ କରି ଏହି ଭାଗୀଦାରି ଭାଙ୍ଗିଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ହେବାବେଳକୁ ୟୁପି ୬ ଉଇକେଟ୍ ବିନିମୟରେ ୩୬୧ ରନ ସଂଗ୍ରହ କରିଛି। ଅଖଦୀପ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ୧୫୧ ରନରେ ଅପରାଜିତ ରହିଛନ୍ତି। ପାଖାପାଖି ସାଢ଼େ ୬ ଘଣ୍ଟା ବ୍ୟାଟିଂ କରିଥିବା ଅଖଦୀପ୍ ଏହି ଇନିଂସ ମଧ୍ୟରେ ୨୫୮ଟି ବଲର ସମ୍ମୁଖୀନ ହୋଇ ୨୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଚଳିତ ସିଜନରେ ଏହା ତାଙ୍କର ଲଗାତର ୨ୟ ଶତକ ଏଥିପୂର୍ବରୁ ଅଖଦୀପ୍ ଗୋଆ ବିପକ୍ଷରେ ୧୯୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ସର୍ବାଧିକ ୩ଟି ଉଇକେଟ୍ ନେଇଥିବାବେଳେ ବିପ୍ଳବ, ରାଜେଶ ଓ ଦେବବ୍ରତ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଦ୍ୱିତୀୟ ଦିବସରେ ୟୁପି ବ୍ୟାଟ୍ସମ୍ୟାନ କେତୋଟି କ୍ୟାଚ୍ ଓ ରନ୍‌ଆଉଟ୍ ସୁଯୋଗ ଦେଇଥିଲେ ମଧ ଓଡ଼ିଶା ଫିଲ୍ଡର ଏହାର ଫାଇଦା ଉଠାଇପାରି ନ ଥିଲେ।





ଉଇକେଟ୍ ନେବାପରେ ବସନ୍ତ ମହାନ୍ତିଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି। ଶତକ ହାସଲ ପରେ ଅଖଦୀପ ନାଥ୍।

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୫୬/୧୦ (ଶୁଭ୍ରାଂଶୁ ସେନାପତି ୮୭, ସୁଜିତ ଲେଙ୍କା ୪୬, ଗୋବିନ୍ଦ ପୋଦ୍ଦାର ୩୯, ଅଙ୍କିତ ରାଜପୁତ ୩/୬୧)।
ୟୁପି ପ୍ରଥମ ଇନିଂସ- ୩୬୧/୬, ୧୦୭ ଓଭର (ଅଖଦୀପ୍ ୧୫୧*, ସୌରଭ କୁମାର ୮*, ରିଙ୍କୁ ୭୨, ରାଇନା ୧୦, ବସନ୍ତ ୩/୪୪)।

### ଝାଡ଼ଖଣ୍ଡକୁ ଜିତାଇଲେ ଆରୋନ

**ରୋହତକ, ୧୩।୧୧**

ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟର ମାତ୍ର ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ୯ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ସ୍ଥାନୀୟ ବଂଶୀ ଲାଲ କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ହରିୟାଣା ଦଳ ମାତ୍ର ୮୧ ରନ୍‌ରେ ସୀମିତ ରହିବା ପରେ ଝାଡ଼ଖଣ୍ଡ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୬୨ ରନ୍ ପଛରେ ଥିବା ଘରୋଇ ଦଳ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୭୨ ରନ୍ କରିପାରିଥିଲା। ପ୍ରତିପକ୍ଷ ଦଳର ପେସର ବରୁନ ଆରୋନ ସର୍ବାଧିକ କ୍ଷତି ଘଟାଇଥିଲେ। ସେ ମାତ୍ର ୩୨ ରନ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ ବିଜୟ ଲାଗି ଧାର୍ଯ୍ୟ ୧୧ ରନ୍‌ର ଲକ୍ଷ୍ୟକୁ ଝାଡ଼ଖଣ୍ଡ ଅଧିନାୟକ ଇଶାନ କିଶାନ(୧)ଙ୍କ ଉଇକେଟ ହରାଇ ହାସଲ କରିନେଇଥିଲା। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜା ନିଜ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୦ମ ଶତକ ହାସଲ କରିଛନ୍ତି। ସୌରାଷ୍ଟ୍ରଠାରେ ଚାଲିଥିବା ରେଲ୍‌ୱେ ବିପକ୍ଷ ମ୍ୟାଚ୍‌ରେ ଅଲରାଉଣ୍ଡର ଜାଡେଜା ୧୭୮ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ତାଙ୍କର ଏହି ଇନିଂସ୍‌ରେ ୧୬ ଚୌକା ଓ ୪ ଛକା ସାମିଲ ରହିଛି। ଜାଡେଜାଙ୍କ ଯୋଗୁ ଟିମ ସୌରାଷ୍ଟ୍ର ପ୍ରଥମ ଇନିଂସ୍‌ରେ ୧୪୪ ରନର ଅଗ୍ରଣୀ ନେବାକୁ ସଫଳ ହୋଇଛି। ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଘରୋଇ ଦଳ ୮ ଉଇକେଟ ହରାଇ ୩୪୪ ରନ୍ କରିଛି। ପୂର୍ବରୁ ରେଲ୍‌ୱେ ଦଳ ପ୍ରଥମେ ବ୍ୟାଟିଂ କରି ୨୦୦ ରନ୍ କରି ଅଲଆଉଟ୍ ହୋଇଥିଲା। ଘରୋଇ ଦଳ ଲାଗି ଜାଡେଜା ୪ ଉଇକେଟ ନେଇଥିଲେ।

# ଅଧିନାୟକ ମନପ୍ରୀତ୍ ସିଂ

**ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଉ ମାତ୍ର କେତୋଟି ଦିନ ପରେ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ପାଇଁ ଭାରତ ତା'ର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବାକୁ ଯାଉଛି। ଦଳରେ କେତେଜଣ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଯୁବ ତଥା ଷ୍ଟାର ମିଡଫିଲ୍ଡର ମନପ୍ରୀତ୍ ସିଂଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ପୂର୍ବରୁ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେଶ ଦଳରେ ନେତୃତ୍ୱ ନେଉଥିଲେ। ବିଶ୍ୱକପ୍‌ରେ ନେତୃତ୍ୱର ଗୁରୁଦାୟିତ୍ୱକୁ ସଫଳତାର ସହ ତୁଲାଇବାକୁ ସବୁମତେ ଚେଷ୍ଟା କରିବେ ବୋଲି ମନପ୍ରୀତ୍ କହିଛନ୍ତି।**

ପଞ୍ଜାବର ଜଳନ୍ଧରରେ ୧୯୯୨ ଜୁନ୍ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିବା ମନପ୍ରୀତ ୨୦୧୭ ମେ ମାସରୁ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ଭାରତ ପାଇଁ ପ୍ରଥମେ ଖେଳିବାର ସୁଯୋଗ ହାସଲ କରିଥିଲେ। ଜଳନ୍ଧର ଉପକଣ୍ଠରେ ଥିବା ମିଠାପୁର ଗ୍ରାମରେ ଏକ କୃଷକ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ପୂର୍ବତନ ହକି ଅଧିନାୟକ ପଦ୍ମଶ୍ରୀ ପରଗତ ସିଂଙ୍କୁ ନିଜର ଆଦର୍ଶ ମାନୁଥିବା ମନପ୍ରୀତ୍ ହକି ଖେଳିବା ପାଇଁ ତାଙ୍କଠାରୁ ପ୍ରେରଣା ପାଇଥିଲେ। ପରଗତ ମଧ ମିଠାପୁର ଗ୍ରାମରେ ଜନ୍ମ ଗ୍ରହଣ କରି ନିଜ ପ୍ରତିଭା ମାଧ୍ୟମରେ ଜାତୀୟ ଦଳର ଅଧିନାୟକ ହୋଇ ପାରିଥିଲେ। ମନପ୍ରୀତ୍‌ଙ୍କ ବଡ଼ ଭାଇମାନେ ହକି ଖେଳି ଘରକୁ ପୁରସ୍କାର ଆଣୁଥିଲେ ଓ ଏଥିରେ ସେ ବେଶ୍ ପ୍ରଭାବିତ ହୋଇଥିଲେ। ୧୦ ବର୍ଷ ବୟସରୁ ୨୦୦୨ରେ ସେ ନିୟମିତ ଭାବେ ହକି ଖେଳିବା ଆରମ୍ଭ କରିଥିଲେ। ତେବେ ତାଙ୍କ ମା' ତାଙ୍କୁ ହକି ଖେଳିବାରୁ ଦୂରେଇ ରଖିବା ପାଇଁ ତାଙ୍କୁ କୋଠରିରେ ବନ୍ଦ କରିଦେଉଥିଲେ। ହକି ପ୍ରତି ମନପ୍ରୀତଙ୍କର ଯଥେଷ୍ଟ ଆକର୍ଷଣ ଥିଲା। ଏଥିପାଇଁ ମନପ୍ରୀତଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ତାଙ୍କ ଭାଇଙ୍କୁ କୋଚ୍ କହିଥିଲେ। ଏକ ଲୋକାଲ ଟୁର୍ନାମେଣ୍ଟରେ ମନପ୍ରୀତ ସୁନ୍ଦର ପ୍ରଦର୍ଶନ କରି ୫୦୦ ଟଙ୍କା ପୁରସ୍କାର ଜିତିବାପରେ ତାଙ୍କ ପରିବାର ତାଙ୍କୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବା ଆରମ୍ଭ କରିଦେଇଥିଲେ। ଏହାପରେ ଜଳନ୍ଧର ସ୍ଥିତ ସୁରଜିତ ହକି ଏକାଡେମୀରେ ସେ ଯୋଗ ଦେଇଥିଲେ ଓ ନିଜ ପ୍ରତିଭା, ପ୍ରଦର୍ଶନ ଓ ଦକ୍ଷତା ମାଧ୍ୟମରେ କୋଚ୍ ଓ ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିଲେ। ପ୍ରଥମେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ପୂର୍ବତନ ଜର୍ମାନୀ ଅଧିନାୟକ ମୋର୍ଟିଜ୍ ଫୁଏର୍ଷ୍ଟଙ୍କୁ ସେ ନିଜ ପସନ୍ଦର ଖେଳାଳି ଭାବେ ବିବେଚନା କରନ୍ତି। ସେ ସର୍ଦ୍ଦାର ସିଂ ଖେଳିବା ଶୈଳୀରୁ ପ୍ରେରଣା ପାଇଥାନ୍ତି ବୋଲି କହିଛନ୍ତି। ତାରକା ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଡେଭିଡ ବେକ୍‌ହାମ୍‌ଙ୍କର ମନପ୍ରୀତ ଜଣେ ବଡ଼ ପ୍ରଶଂସକ। ଏହି ଦୁଇ ଖେଳାଳିଙ୍କ ଜର୍ସି ନମ୍ବର ୭ ତାଙ୍କର ପ୍ରିୟ ଓ ଖେଳିବା ବେଳେ ସେ ଏହି ଜର୍ସି ପରିଧାନ କରିଥାନ୍ତି।

୨୦୧୩ରେ ସେ ଭାରତୀୟ ଜୁନିୟର ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। ୨୦୧୩ ସୁଲତାନ ଜୋହର କପ ହକିରେ ତାଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩–୦ ଗୋଲରେ ପରାସ୍ତ କରିଥିଲା। ମନପ୍ରୀତ ମଧ ଗୋଟିଏ ଗୋଲ ସ୍କୋର କରିଥିଲେ। ୨୦୧୪ରେ ଏସିଆନ ହକି ଫେଡେରେଶନ ତାଙ୍କୁ ଜୁନିୟର ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ କରିଥିଲା।

ସେହିପରି ସିନିୟର ହକିରେ ମଧ ସେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ୨୦୧୨ ଅଲିମ୍ପିକ୍ସରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ସେ ଭାରତୀୟ ଦଳର ସଦସ୍ୟ ଥିଲେ ଓ ଏହି ମେଗା ଇଭେଣ୍ଟରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪–୨ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା। ସେହିପରି ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା ଓ ମନପ୍ରୀତ ମଧ ଏହି ଦଳର ସଦସ୍ୟ ଥିଲେ। ୨୦୧୬ ଲଣ୍ଡନ ପୁରୁଷ ହକି ଚାମ୍ପିୟନ୍ସ ଟ୍ରଫିରେ ଭାରତ ୩୮ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିଲା ଓ ମନପ୍ରୀତ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ତେବେ ଫାଇନାଲରେ ଭାରତ ଅଷ୍ଟ୍ରେଲିଆଠାରୁ ୩–୧ ଗୋଲରେ ପରାସ୍ତ ହୋଇଥିଲା। କାନାଡ଼ା ବିପକ୍ଷରେ ଭାରତର ୩–୧ ଗୋଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାପରେ ଭାରତ ୫–୧ ଗୋଲରେ ପାକିସ୍ତାନକୁ ହରାଇଥିଲା ଓ ଚତୁର୍ଥ ମିନିଟରେ ମନପ୍ରୀତ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଭାରତ ନ୍ୟୁଜିଲାଣ୍ଡଠାରୁ ୨–୧ ଗୋଲରେ ହାରିଥିଲା। ତେବେ ଭାରତ ପାଇଁ ମନପ୍ରୀତ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହା ପରେ ଭାରତ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ମାଲେସିଆକୁ ୬–୧ ଗୋଲରେ ହରାଇଥିଲା। ତେବେ ଫାଇନାଲରେ ଭାରତ ୪–୦ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍ ହୋଇଥିଲା। ପିତା ମୃତ୍ୟୁ ସତ୍ତ୍ୱେ ମନପ୍ରୀତ୍ ନିଜ ଖେଳକୁ ପ୍ରଭାବିତ ହେବାକୁ ଦେଇ ନ ଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଥିଲା ଓ ତାଙ୍କର ଏହି ସାହସିକ ଖେଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ସିନିୟର ହକିରେ ସେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ୨୦୧୬ ଲଣ୍ଡନ ଓ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ରୌପ୍ୟ ପଦକ ହାସଲରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ଇଞ୍ଚିଅନ ଓ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲା। ଏହି ଟୁର୍ନାମେଣ୍ଟରେ ମଧ ମନପ୍ରୀତ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୨୦୧୭ ଢାକା ଓ ୨୦୧୩ ମାଲେସିଆ ଏସିଆ କପ୍‌ରେ ଭାରତ ମନପ୍ରୀତ୍‌ଙ୍କ ପ୍ରଦର୍ଶନ ବଳରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲା।

ଅଭିନୟରେ ରୁଚି ରଖୁଥିବା ମନପ୍ରୀତ ସୁଯୋଗ ମିଳିଲେ ସିନେମାରେ ଅଭିନୟ କରିବାକୁ ପିଛାଇବେ ନାହିଁ ବୋଲି କୁହନ୍ତି। ସଲମାନ ଖାଁ ତାଙ୍କର ପସନ୍ଦର ଅଭିନେତା। ପଞ୍ଜାବି ଭାଙ୍ଗ୍ରା ମ୍ୟୁଜିକ୍ ଶୁଣିବାକୁ ସେ ଅଧିକ ପସନ୍ଦ କରିନ୍ତି। ଆଗାମୀ ବିଶ୍ୱପକପ୍‌ରେ ତାଙ୍କ ନେତୃତ୍ୱରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ମନପ୍ରୀତ୍ ଆଶା ପ୍ରକାଶ କରିଛନ୍ତି।

2016 ରିଓ ଅଲିମ୍ପିକ୍ସ ମଧ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୨୦୧୭ ଜୁନ୍ ୧ ତାରିଖରେ ଜର୍ମାନୀରେ ଆରମ୍ଭ ହୋଇଥିବା ତ୍ରିରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ସେ ପ୍ରଥମଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହାର କିଛିଦିନ ପରେ ସେ ଇଂଲଣ୍ଡରେ ଖେଳାଯାଇଥିବା ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ମଧ ଭାରତୀୟ ଦଳର ନେତୃତ୍ୱ ନେଇ ସଫଳ ହୋଇପାରିଥିଲେ।

୨୦୧୬ ଆଜଲାନ ଶାହ କପ୍ ହକି ଖେଳିବା ଅବସରରେ ମନପ୍ରୀତଙ୍କ ପିତା ମୃତ୍ୟୁବରଣ କରିଥିଲେ। ଜାପାନ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍ ଖେଳିବାର କେତେଘଣ୍ଟା ପୂର୍ବରୁ ଏହି ଦୁଃଖଦ ଖବର ମିଳିଥିଲା। ତେବେ ଏହା ସତ୍ତ୍ୱେ ଭାରତ ୨–୧ ଗୋଲରେ ବିଜୟୀ ହୋଇଥିଲା। ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ସେ ଏହା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ସାମିଲ ହୋଇପାରି ନ ଥିଲେ। ଫଳରେ ମନପ୍ରୀତଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆ ୫–୧ ଗୋଲରେ ବିଜୟୀ ହୋଇଥିଲା। ଏହା ପରେ ମା ତାଙ୍କୁ ଏହି ଟୁର୍ନାମେଣ୍ଟରେ ଖେଳ ଜାରି ରଖିବାକୁ କହିଥିଲେ। ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ଓ ଦେଶ ପାଇଁ ଗୌରବ ଆଣିଦେବାକୁ ମା'ଙ୍କ ନିର୍ଦ୍ଦେଶ ଅନୁସାରେ ସେ ପୁଣି ମାଲେସିଆ ପ୍ରତ୍ୟାବର୍ତ୍ତନ କରି ଆଜଲାନ ଶାହ କପ୍ ଖେଳିଥିଲେ ଓ







ପୂରା ନାମ: ମନପ୍ରୀତ୍ ସିଂ ପାୱାର
ଜନ୍ମ: ଜଳନ୍ଧର, ପଞ୍ଜାବ
ବୟସ: ୨୬ ବର୍ଷ
ଉଚ୍ଚତା: ୫ ଫୁଟ ୫ ଇଞ୍ଚ୍
ପ୍ଲେଇଙ୍ଗ ପୋଜିଶନ: ହାଫ୍ ବ୍ୟାକ୍

**ମେଡାଲ ରେକର୍ଡ**

ଚାମ୍ପିୟନ୍ସ ଟ୍ରଫି:
୨୦୧୬ ଲଣ୍ଡନ– ରୌପ୍ୟ
୨୦୧୮ ବ୍ରେଡା– ରୌପ୍ୟ
ରାଜ୍ୟଗୋଷ୍ଠୀ କ୍ରୀଡ଼ା:
୨୦୧୪ ଗ୍ଲାସଗୋ– ରୌପ୍ୟ
ଏସିଆନ ଗେମ୍ସ:
୨୦୧୪ ଇଞ୍ଚିଅନ୍– ସ୍ୱର୍ଣ୍ଣ
୨୦୧୮ ଜାକର୍ତ୍ତା– ରୌପ୍ୟ
ଏସିଆ କପ୍:
୨୦୧୭ ଢାକା– ସ୍ୱର୍ଣ୍ଣ
୨୦୧୩ ମାଲେସିଆ– ରୌପ୍ୟ

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ନଭେମ୍ବର ୧୪/୨୦୧୮ Rayagada, Wednesday, November 14 / 2018




■କମ୍ ପିଲା ଥିବା ସ୍କୁଲ ବନ୍ଦ ପାଇଁ ପହଞ୍ଚିଲେ ଅଧିକାରୀ

# ଗ୍ରାମବାସୀ, ଅଭିଭାବକଙ୍କ ବିରୋଧ

କାଲିମେଲା,୧୩।୧୧(ଡି.ଏନ.ଏ)

ମଙ୍ଗଳବାର ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ଏମପିଭି-୭୯ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି । ଖବର ନେବାରୁ ଜଣାପଡିଛି ଉକ୍ତ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରେ ୨ ଜଣ,ଦ୍ୱିତୀୟ ଶ୍ରେଣୀରେ ୩ଜଣ, ତୃତୀୟରେ ଜଣେ, ୪ର୍ଥ ଶ୍ରେଣୀରେ ୨ ଜଣ ଓ ୫ମ ଶ୍ରେଣୀରେ ୨ ଜଣ ଛାତ୍ରୀଛତ୍ର ଏପରି ମୋଟ ୧୦ ଜଣ ପାଠ ପଢିବା ପାଇଁ ନାମ ଲେଖାଇଥିଲେ। ଉକ୍ତ ବିଦ୍ୟାଳୟକୁ କମ ପିଲା ଥିବା ଦର୍ଶାଇ ଏହାକୁ ବନ୍ଦ କରିବା ପାଇଁ ଜିଲା ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା । ମଙ୍ଗଳବାର ବ୍ଲକ ସଂଯୋଜକ ଓ ଏବିଇଓ ଉକ୍ତ ବିଦ୍ୟାଳୟକୁ ବନ୍ଦ କରିବା ଉଦ୍ଦେଶ୍ୟରେ ତାଲା ପକାଇବା ପରେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ବିଦ୍ୟାଳୟକୁ ଏଠାରୁ ସ୍ଥାନାନ୍ତରିତ ନ କରିବା ପାଇଁ ସେମାନେ ଦାବି କରିଥିଲେ। ଏମପିଭି-୭୯ ପ୍ରାଥମିକ ବିଦ୍ୟାଳୟରୁ ସ୍ଥାନାନ୍ତରିତ ହୋଇଥିବା ଏମଭି-୭୯ ଜଳସେଚନ ବିଦ୍ୟାଳୟ ର ଦୂରତା ଏଠାରୁ ୨ କିମି। ବିଦ୍ୟାଳୟର ପଢୁଥିବା କୁନି କୁନି ଛାତ୍ରୀଛାତ୍ରମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଗ୍ରାମବାସୀ ଓ ଅବିଭାବକମାନେ ପ୍ରକାଶ କରିଥିଲେ। ତେବେ ତାଲା ପକାଇବାର କିଛି ସମୟ ପରେ ଜିଲା ପ୍ରକଳ୍ପ ସଂଯୋଜକ ମାନସ କୁମାର ଜେନା ପହଞ୍ଚି ଗ୍ରାମବାସୀ ଓ ଅବିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ପୁନର୍ବାର ବିଦ୍ୟାଳୟ ଖୋଲିବାକୁ ଦାବି କରିଥିଲେ । ବିଦ୍ୟାଳୟରେ ଦିନେ ଦୁଇଦିନ ଭିତରେ ଅଧିକ ଛାତ୍ରୀଛାତ୍ରୀ ନାମ ଲେଖାଇଲେ ବିଦ୍ୟାଳୟ ବନ୍ଦ କରାଯିବ ନାହିଁ ବୋଲି ଡିପିସି ଜେନା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏମପିଭି-୭୯ ପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତରିତ ହୋଇଥିବା ଜଳସେଚନ ବିଦ୍ୟାଳୟକୁ ଯିବାକୁ ହେଲେ ଛାତ୍ରୀଛାତ୍ରଙ୍କୁ ଜାତୀୟ ରାଜପଥ ପାରହୋଇ ଆସିବାକୁ ପଡିବ। ରାଜ ପଥରେ ପ୍ରତ୍ୟେହ ଦୁର୍ଘଟଣାମାନ ଘଟୁଥିବାରୁ ପିଲାମାନଙ୍କୁ ଛାଡିବାକୁ ଅବିଭାବକ ମାନେ ରାଜି ହେଉନାହାନ୍ତି। ଏନେଇ ପୂର୍ବରୁ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଏ ବାବଦରେ ଜଣାଇଥିଲେ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

# ନିର୍ମାଣାଧୀନ କୋଠା ତାଜା ଭୁଷୁଡି ଜଣେ ମୃତ

ରାୟଗଡା ଅଫିସ୍, ୧୩।୧୧

ରାୟଗଡା ଜିଲା ସଦର ସିରିକଣାଠାରେ ମଙ୍ଗଳବାର ଏକ ନିର୍ମାଣାଧୀନ କୋଠାର ତାଜା ଭୁଷୁଡି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ସେ ହେଲେ ଘର ମାଲିକ ୟେକେଟି ସେନାପତି(୪୫) । ପୂର୍ବାହ୍ନ ୧୦ଟାରେ ସେ ନିଜର ନିର୍ମାଣାଧୀନ କୋଠାଘର ବୁଲି ଦେଖୁଥିଲେ । ଏହି ସମୟରେ ଝରକାରେ ଦିଆଯାଇଥିବା ତାଜା ତାଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପୁଶୁଗୁଡା ପଞ୍ଚାୟତରେ ଗ୍ରାମସଭା


ଗ୍ରାମ ସଭାରେ ଉପସ୍ଥିତ ଗ୍ରାମବାସୀ।

କାଲିମେଲା,୧୩।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ପୁଷୁଗୁଡା ପଞ୍ଚାୟତରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାମା ରାବାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ସମିତିସଭ୍ୟ ସିଲିପ ମଣ୍ଡଳ, ନାଏବ ସରପଞ୍ଚ ସୁଲତା ବେପାରୀ, ପିଇଓ କେଶବ ଚନ୍ଦ୍ର ଖରା, ଜିଆରଏସ ହରସିତ ଢାଲି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଗ୍ରାମ ସଭାରେ ପଞ୍ଚାୟତ ସ୍ତରରେ ହେଉଥିବା ଏମଏନଆରଇଜିଏସ ଉପରେ ଆଲୋଚନା ହେବା ସହ କେତେ ଲୋକ ଜବକାର୍ଡ ପାଇଛନ୍ତି ତାହାର ତାଲିକା କରାଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ବିଜୁ ପକ୍କାଘର ଯୋଜନାରେ ଘର କେଉଁ ବ୍ୟକ୍ତିମାନେ ପାଇଛନ୍ତି ବା ଆଗାମୀ ଦିନରେ ପାଇବେ ତାହା ଆଲୋଚନା କରାଯାଇଥିଲା । ସମସ୍ତ ଗ୍ରାମର ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ,ପାନୀୟ ଜଳ ଯୋଗାଣ, ଶିକ୍ଷା, ଶିଶୁ ବିକାଶ ଯୋଜନା, ରାସ୍ତାଘାଟ ସମସ୍ୟା ସମ୍ପର୍କରେ ଉପସ୍ଥିତ ୧୮ଟି ୱାର୍ଡର ସମସ୍ତ ୱାର୍ଡମେମ୍ବର ଓ ଗ୍ରାମବାସୀ ଜଣାଇଥିଲେ । ପଞ୍ଚାୟତ ପକ୍ଷରୁ ଯାହା ପଦକ୍ଷେପ ନେବା କଥା ଆମେ ନେବୁ। ଅଧିକ ସହାୟତା ଦେବା ପାଇଁ ବ୍ଲକ ସ୍ତରର ଅଧିକାରୀଙ୍କୁ ଜଣାଇବୁ ବୋଲି ସରପଞ୍ଚ ରାମା ରାବା କହିଛନ୍ତି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଜାତୀୟସ୍ତରୀୟ ହ୍ୟାକଥନ୍ କାର୍ଯ୍ୟକ୍ରମ: ଜିଲ୍ଲାର ୨ ଛାତ୍ର ମନୋନୀତ

ଜୟପୁର, ୧୩।୧୧(ଡି.ଏନ୍.ଏ.): ଭୁବନେଶ୍ୱର ଠାରେ ଶିଶୁ ସୁରକ୍ଷା ସମିତି ପକ୍ଷରୁ ଗତ ରବିବାର ଓ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ହ୍ୟାକଥନ୍ କାର୍ଯ୍ୟକ୍ରମରେ କୋରାପୁଟ ଜିଲା ଜୟପୁରସ୍ଥିତ ଶିଶୁ ଯତ୍ନକେନ୍ଦ୍ରର ୪ଜଣ ଛାତ୍ର ରିଲେ ରେସରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କ ମଧ୍ୟରୁ ସନ୍ତୋଷ ଦିସାରୀ, ଗୋପାଳ ଟେଙ୍ଗାର ମନୋନୀତ ହୋଇଛନ୍ତି। ପ୍ରଥମସ୍ଥାନରେ ଅନ୍ୟ ୨ଜଣ ଛାତ୍ର ଅମିର ହିକ୍କା ଏବଂ ମିଲଟନ ବାଗ ଅଂଶ ଗ୍ରହଣ କରିଥିଲେ । ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ ସାମଲ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତି ଅତିରିକ୍ତ ନିର୍ଦ୍ଦେଶିକା ଗୀତାରାଣି ପଟ୍ଟନାୟକ ପୁରସ୍କୃତ କରିଥିଲେ। ଏ ନେଇ ଜିଲା ଶିଶୁ କଲ୍ୟାଣ ସମିତି ଏବଂ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସ୍ୱାଗତ କରାଯାଇଛି।

### ଅନ୍ତର୍ଜାତୀୟ ସଦିଚ୍ଛା ଶିବିରରେ ସାମିଲ ହେବ ଅବିଭକ୍ତ କୋରାପୁଟ



ସେମିଳିଗୁଡ଼ା, ୧୩।୧୧ (ସ୍ୱ.ପ୍ର.): କୋରାପୁଟ ଜିଲା ଜାତୀୟ ଯୁବପ୍ରକଳ୍ପ ନୂଆଦିଲ୍ଲୀ ଆନୁକୂଲ୍ୟରେ ସୁଲତାନ୍‌ପୁର ଲୋଧିଠାରେ ଡିସେମ୍ବର ୩ରୁ ୮ ଦିନିଆ ଅନ୍ତର୍ଜାତୀୟ ସଦିଚ୍ଛା ଏବଂ ଭାତୃଭାବ ଶିବିର ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତ ବୈଠକ କୋରାପୁଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଅବିଭକ୍ତ କୋରାପୁଟ ଜିଲାରୁ ୩୫ ଜଣ ଡଃ ଝାନ୍‌ସୀ ସିଂହଙ୍କ ନେତୃତ୍ୱରେ ଯୋଗଦେବେ। ଏଥିରେ ଭାରତ, ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ନେପାଳ, ମାଲେସିଆ, ଇଣ୍ଡୋନେସିଆ ସମେତ ଅନ୍ୟାନ୍ୟ ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅବିଭକ୍ତ କୋରାପୁଟ ଜିଲାର ଏନ୍‌ଏସ୍‌ଓ୍ୱାଇ, ଯୁବ ରେଡ୍‌କ୍ରସ, ଏନ୍‌ଓ୍ୱାଇପି, କୋରାପୁଟ ୟୁଥ୍ ଆଶୋସିଏଶନର ସଦସ୍ୟମାନେ ଉକ୍ତ ଶିବିରରେ ଯୋଗଦେବେ। ଜାତୀୟ ଯୁବ ପ୍ରକଳ୍ପର ଡଃ ଏସ୍.ଏନ୍. ସୁବାରାଓଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହେବ। ଉକ୍ତ ଶିବିରକୁ ଶ୍ରୀଗୁରୁ ନାନକଙ୍କ ୫୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ମଧ୍ୟ ଉତ୍ସର୍ଗ କରାଯାଇଛି। ଉକ୍ତ ଶିବିରରେ ବିଶେଷକରି ଅନ୍ତର୍ଜାତୀୟ ଶାନ୍ତି ଓ ସଦ୍‌ଭାବନା, ଭାରତୀୟ ସଂସ୍କୃତି, ସର୍ବଧର୍ମ ସଦ୍‌ଭାବନା ଏବଂ ସାମାଜିକ ଉତ୍ତରଦାୟିତ୍ୱ ପ୍ରତି ସଚେତନ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅବିଭକ୍ତ କୋରାପୁଟରୁ ଯୁବ ଅଧାପକ ପ୍ରକାଶ ପ୍ରଧାନ, ଏମ୍ ପାଇକରାୟ, ସୌମେନ୍ଦ୍ର ସ୍ୱାଇଁ, ଚନ୍ଦ୍ରମାଳି ମାଢ଼ି, କାହ୍ନୁଚରଣ ବରାଡ, ଅମନ ରାଜକୁମାର ହନ୍ତାଳ ଏବଂ କୋରାପୁଟ ୟୁଥ୍ ଆସୋସିଏଶନ ସଭାପତି ରାଜେଶ ଯାଦବଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀ ଡଃ ଝାନ୍‌ସୀ ସିଂହଙ୍କ ନେତୃତ୍ୱରେ ଉକ୍ତ ଶିବିରରେ ଯୋଗଦେବେ।

■ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ପାଳିଲା ସୁବର୍ଣ୍ଣ ଜୟନ୍ତୀ

# ମୁଁ ପ୍ରଥମ ସେବକ: ରାଜ୍ୟପାଳ

**ଛାତ୍ରୀଛାତ୍ର ନବଭାରତର ଉଦୟମାନ ସୂର୍ଯ୍ୟ**

କୁନ୍ଦୁରା, ୧୩।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ନିକେତନର ସୁବର୍ଣ୍ଣ ଜୟନ୍ତୀରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜକୁ ପ୍ରଥମ ସେବକ ବୋଲି କହିଛନ୍ତି। ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଶ୍ରୀଅରବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରମାନଙ୍କୁ ନବ ଭାରତର କର୍ଣ୍ଣଧାର ଏବଂ ଉଦୟମାନ ସୂର୍ଯ୍ୟ ଭାବେ ଅଭିହିତ କରିଛନ୍ତି। କୋମଳମତି ବାଳିକାବାଳକମାନଙ୍କୁ ଯେତେ ସଂସ୍କାର ଶିକ୍ଷାଦେବା ଏବଂ ଉତ୍ସାହିତ କରିବା ସେତେ ଆମ ପାଇଁ ଏବଂ ସମାଜ ଲାଗି ଉତ୍ତମ ବୋଲି ରାଜ୍ୟପାଳ କହିବା ସହିତ ନିଜ ଉଦ୍ୟମ ବଳରେ ଛାତ୍ରୀଛାତ୍ରମାନେ ଜଣେ ଜଣେ ସୁପରମ୍ୟାନ୍ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସଭାମଞ୍ଚରୁ ଓହ୍ଲାଇ ଛାତ୍ରୀଛାତ୍ରଙ୍କ ଗହଣରେ କିଛି ସମୟ ବିତାଇବା ସହ କଲମ ବାଣ୍ଟିଥିଲେ। ସୁବର୍ଣ୍ଣ ଜୟନ୍ତୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା ସଭାପତିତ୍ୱ କରିଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ , କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିବାବେଳେ ପ୍ରଧାନ ଶିକ୍ଷକ ୫୦ ବର୍ଷର ସକ୍ଷିପ୍ତ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ରାମନାଥ ପଣ୍ଡା, ଗଣେଶ୍ୱର ଶତପଥି, ହରିହର ଗୁରୁ, କୃଷ୍ଣ ଚୈତନ୍ୟ ପଟ୍ଟନାୟକ, ରଘୁନାଥ ପ୍ରଧାନ, ଗଦାଧର ସାହୁ, ଗନି ବିଶୋଇ, ଧବଳୁ କାଟ୍‌ଲି ଏବଂ ବୃନ୍ଦାବନ ଚୌଧୁରୀଙ୍କୁ ମନେ ପକାଇଥିଲେ। ବିଦ୍ୟାଳୟର ପ୍ରଥମ ବର୍ଷର(୧୯୭୦) ଛାତ୍ର କୈଳାସ ଚନ୍ଦ୍ର ପାଢ଼ୀ, ବିରଞ୍ଚିନାରାୟଣ ବାହାଦୂର ଏବଂ ଲକ୍ଷ୍ମୀକାନ୍ତ ଗୁରୁଙ୍କୁ ଉପଢ଼ୌକନ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଛନ୍ତି। ସେହିଭଳି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ଗୌଡ଼, ଗଦାଧର ପଲେଇ, ବିଜୟ ଚୌଧୁରୀ ଏବଂ ଭାଗୀରଥି ପଟ୍ଟନାୟକଙ୍କୁ ମଧ୍ୟ ଉପଢ଼ୌକନ ଏବଂ ମାନପତ୍ର ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଛନ୍ତି। ରତିକାନ୍ତ ଦାଶ, ବନିତା ଶତପଥି, ସୁଧାରାଣୀ ଭୂପତି, ବୁଦ୍ଧଦେବ ତ୍ରିପାଠୀ, ଅସୀମା ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଗୋପୀନାଥ ଭୂମିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ପୂର୍ବତନ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍‌ଙ୍କ ସମେତ ଅନ୍ୟମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ମେଡିକାଲ କଲେଜ ପରିଦର୍ଶନ କଲେ ଏମ୍‌ସିଆଇ ଟିମ୍

କୋରାପୁଟ,୧୩।୧୧(ସ୍ୱ.ପ୍ର.)

ମେଡିକାଲ କାଉନସିଲ ଅଫ ଇଣ୍ଡିଆ(ଏମସିଆଇ)ର ୩ ଜଣିଆ ଟିମ୍ ଦୁଇଦିନିଆ ଗସ୍ତରେ ଆସିଥିଲେ। ମଙ୍ଗଳବାର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିଦର୍ଶନ କରି ଫେରିଯାଇଛନ୍ତି। ୨୦୧୯-୨୦ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପାଇଁ ଏମ୍‌ସିଆଇର ଅନୁମତି ନେଇ ଡାକ୍ତର ଡି ଅଭିବର୍ଦ୍ଧନ, ଡାକ୍ତର ଏମ ଅମରେଶ୍ୱର ଏବଂ ଡାକ୍ତର ଗଜାନନ ଚନ୍ଦ୍ର ନାଏକ ଏହି ଗସ୍ତରେ ଆସିଥିଲେ। ସେମାନେ କଲେଜର ଭିତ୍ତିଭୂମିର ସମୀକ୍ଷା ସହ ଛାତ୍ରୀଛାତ୍ରଙ୍କ ପାଠ ପଢା ସମ୍ବନ୍ଧରେ ଡିନ୍ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଓ କଲେଜ ଅଧୀକ୍ଷକ କ୍ଷେତ୍ରବାସୀ ସୁବୁଦ୍ଧିଙ୍କ ସହ ଆଲୋଚନା କରିଥିଲେ । ଏମ୍‌ସିଆଇ ଦଳ ମେଡିକାଲ କଲେଜ ପରିଦର୍ଶନ କରିବା ପରେ ସ୍ଥାନୀୟ ହସ୍‌ପିଟାଲକୁ ଯାଇ ସମସ୍ତ ୱାର୍ଡ ବୁଲି ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ଏହି ଦଳ ମେଡିକାଲ କଲେଜ ଓ ହସ୍‌ପିଟାଲର ବର୍ତ୍ତମାନ ସ୍ଥିତି ସମ୍ବନ୍ଧରେ ବିଭିନ୍ନ ରିପୋର୍ଟ ନେଇ ଫେରିଥିବା ସୂଚନା ମିଳିଛି।

■ ଜିଲାସ୍ତରୀୟ ରୋଲ-ପ୍ଲେ ପ୍ରତିଯୋଗିତା

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରକୁ ମନୋନୀତ

କୋରାପୁଟ,୧୩।୧୧(ସ୍ୱ.ପ୍ର.)

କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଜିଲାସ୍ତରୀୟ ରୋଲ ପ୍ଲେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଶିକ୍ଷୟିତ୍ରୀ ମିନାକୁମାରୀ ସ୍ୱାଇଁଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ରୋଲ ପ୍ଲେ ରେ ବିଦ୍ୟାଳୟର ଅନିତା ପାଙ୍ଗି, ଜ୍ୟୋତ୍ସ୍ନା କୁଳଦୀପ, ଏସ୍ ଖରା, ବବିତା ଖୋସ୍ଲା, ମମତା ଖେମୁଣ୍ଡୁ ଅଂଶ ଗ୍ରହଣ କରି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରିଛନ୍ତି। ଏଲ୍.ଏମ୍.ମାରାଣ୍ଡି, ଏସ୍.ରାୟ, ସମୀର ମହାନ୍ତି ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜାନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ।

■ ପାଣି ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ

# ହାଣ୍ଡି, ଗରା ରଖି ରାସ୍ତାରୋକୋ



ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

ଦଶମନ୍ତପୁର, ୧୩।୧୧(ଡି.ଏନ୍.ଏ.)

ପାନୀୟ ଜଳ ସମସ୍ୟା ସମାଧାନ ପାଇଁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକବାସୀ ମଙ୍ଗଳବାର ଗରା, ମାଠିଆ ଆଦି ରଖି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ଖବରପାଇ ସ୍ଥାନୀୟ ବିଡିଓ ଡମ୍ବରୁଧର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା ।

ପ୍ରକାଶ ଯେ, ଦଶମନ୍ତପୁର ସଦରସ୍ଥିତ କଂସାରୀ ସାହି ଏବଂ ପାଇକ ସାହି ସମେତ ୧୦ଟି ସାହିବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୧ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କରାଯାଇଛି। ଏହାର ଉପଯୁକ୍ତ ତଦାରଖ ପାଇଁ ଏକ କମିଟି ଗଠନ କରାଯାଇଥିଲା। ୧୦୫ ଜଣ ପରିବାର ଜଳ ସଂଯୋଗ ପାଇବା ପାଇଁ ପ୍ରତ୍ୟେକ ୧୦୦୦ଟଙ୍କା ବାନ୍ଧି ନାମ ପଞ୍ଜୀକରଣ କରାଇଥିଲେ। ପରିବାର ପିଛା ମାସକୁ ୩୦ଟଙ୍କା ଲେଖାଏଁ ଦେବାକୁ କମିଟି ନିଷ୍ପତ୍ତି ନେଇଥିଲା। ହିତାଧିକାରୀ ଟଙ୍କା ଜମା କରୁଥିଲେ ମଧ୍ୟ ପ୍ରାୟ ୨ ବର୍ଷ ହେବ ସେମାନଙ୍କୁ ପାଇପ ପାଣି ମିଳୁନାହିଁ। ଏହାଛଡା ସେଠାରେ ଥିବା ଷ୍ଟାଣ୍ଡ ପୋଷ୍ଟରୁ ମଧ୍ୟ ଆବଶ୍ୟକ ମୁତାବକ ପାଣି ମିଳୁ ନ ଥିବା ନେଇ ସାହି ବାସିନ୍ଦାମାନେ ବହୁବାର ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଓ ପିଏଚ୍‌ଡବ୍ଲ୍ୟୁ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଆନ୍ଦୋଳନକାରୀମାନେ କହିଥିଲେ। ତେଣୁ ବାଧ୍ୟ ହୋଇ ମଙ୍ଗଳବାର ରାସ୍ତାରୋକୋ କରାଯାଇଥିବା ମୋହନ ଚନ୍ଦ୍ର ପାତ୍ର, ବ୍ରଜେନ୍ଦ୍ର କଂସାରୀ, ଅରୁଣ ଡାକୁଆ, ଚତୁର୍ଭୂଜ ରାଏ, ବିବିଏମ୍ ରାଉତ ଓ ଅର୍ଜୁନ ଡାକୁଆଙ୍କ ସମେତ ଅନ୍ୟ ଗ୍ରାମାବାସୀ କହିଛନ୍ତି। ଖବରପାଇ ବିଡିଓ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ସମସ୍ୟା ସମାଧାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା। ପ୍ରତିଶ୍ରୁତି ତୁରନ୍ତ କାର୍ଯ୍ୟକାରୀ ନ ହେଲେ ଅନ୍ୟପନ୍ଥା ଆପଣେଇବୁ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ।

■ ସିଟି ବସ୍ ଚଳାଚଳରେ ଅନିୟମିତତା

### ଠିକାସଂସ୍ଥା ଚୁକ୍ତି ବାତିଲ ପାଇଁ ଜିଲାପାଳଙ୍କୁ ଅନୁରୋଧ

ଜୟପୁର,୧୩।୧୧(ଡି.ଏନ.ଏ.)

କୋରାପୁଟ ଜିଲାରେ ସିଟି ବସ୍ ଚଳାଚଳ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ଠିକାସଂସ୍ଥାର ଚୁକ୍ତିନାମା ଖାରଜ କରିବାକୁ ଜୟପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଜୟପୁର-କୋରାପୁଟ-ସୁନାବେଡ଼ା ଅର୍ବାନ ଟ୍ରାନ୍ସପୋର୍ଟ ଟ୍ରଷ୍ଟ ନାମକ ଠିକା ସଂସ୍ଥାକୁ ୨୦ଟି ସିଟିବସ୍ ପରିଚାଳନା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଉକ୍ତ ସଂସ୍ଥା ପକ୍ଷରୁ ଅନିୟମିତତା କରାଯାଇ ବକେୟା ଥିବା ଇଏମ୍‌ଡି ୧୩ ଲକ୍ଷ ୫ ହଜାର ଟଙ୍କା ପୈଠ କରାଯାଇ ନାହିଁ। ମାସିକ ପ୍ରିମିୟମ ଟଙ୍କା ମଧ୍ୟ ପୈଠ କରିନାହଁ। ସେହିପରି ନିୟମ ଅନୁଯାୟୀ ଆକାଉଣ୍ଟ ଅଡ଼ିଟ୍ କରାଯାଇନାହିଁ । ଏଥିନେଇ କୌଣସି ଅଧିକାରୀ କିମ୍ବା ବିଭାଗ ପକ୍ଷରୁ ତଦନ୍ତ କରାଯାଇନାହିଁ । ଅଭିଯୋଗପତ୍ର ପ୍ରଦାନ ସମୟରେ ସଂଘ ସଭାପତି ବାଲା ରାୟ, ଉପସଭାପତି ବସନ୍ତ ବିଶ୍ୱାଳ ଏବଂ କୋଷାଧକ୍ଷ ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ପରବ ପାଇଁ ଜିଲାସ୍ତରୀୟ କୁଇଜ୍, ପ୍ରବନ୍ଧ, ବିତର୍କ ପ୍ରତିଯୋଗିତା

କୋରାପୁଟ,୧୩।୧୧(ସ୍ୱ.ପ୍ର.)

ଲୋକ ମହୋତ୍ସବ ପରବ ପାଇଁ ସ୍ଥାନୀୟ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ କୁଇଜ, ପ୍ରବନ୍ଧ, ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ବ୍ଲକ ଶିକ୍ଷାଧିକାରୀ ଅର୍ପିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡଃ.ବି ରାଜଗୋପାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରବନ୍ଧ, କୁଇଜ,ବିର୍ତକ ଆଦିରେ ପାରିଦର୍ଶିତା ବୃଦ୍ଧି ପାଇଛି ବୋଲି କହିଥିଲେ। ଅଧ୍ୟାପିକା ପ୍ରୀତିଧାରା ସାମଲ ମୁଖ୍ୟ ବକ୍ତା, ଡିପିସି ମହେଶ୍ୱର ନାୟକ, ଏପିଡି ଜି. ସ୍ୱାତୀ, ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରସିଂହ ଦାସ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ୫ ଦିନ ପରେ ଅନାଥ ନାବାଳକ ପାଖେ ପହଞ୍ଚିଲା ପ୍ରଶାସନ

ଜୟପୁର, ୧୩।୧୧(ଡି.ଏନ.ଏ.)

କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍‌ର ମହୁଲି ଗ୍ରାମପଞ୍ଚାୟତ ଗୌଡ଼ଗୁଡା ଗ୍ରାମର ଗତ ଗୁରୁବାର ଗ୍ରାମର ଜୈନିକା ମହିଳାଙ୍କ ମୃତ୍ୟୁ ପରେ ତାଙ୍କର ୧୧ ବର୍ଷର ନାବାଳକ ଏବେ ଅନାଥ। ଏପରି ଖବର ସୋସିଆଲ୍ ମିଡ଼ିଆରେ ବାରମ୍ବାର ପ୍ରସାରିତ ହୋଇଥିଲେ ସୁଦ୍ଧା ଜିଲା, ଉପଖଣ୍ଡ କିମ୍ବା ବ୍ଲକ୍ ପ୍ରଶାସନ ଉକ୍ତ ଅନାଥ ନାବାଳକଙ୍କୁ ସହାୟତା ଦେବା ତ ଦୂରର କଥା , ତାଙ୍କ ପାଖରେ ପହଞ୍ଚି ନ ଥିଲା। ମୃତା ପାର୍ବତୀ ଗୌଡ଼ଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ୨ଦିନ ପରେ ଗ୍ରାମପଞ୍ଚାୟତ ପକ୍ଷରୁ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଅନ୍ତିମ ସଂସ୍କାର ଖର୍ଚ୍ଚ ପାଇଁ ପ୍ରଦାନ କରାଯାଇଥିଲା। ସେହିପରି ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷା ଡ. ବି. ଗାୟତ୍ରୀ ଦେବୀ ସୋସିଆଲ୍ ମିଡ଼ିଆରୁ ଏହି ଖବର ପାଇବାପରେ କମିଟି ସଦସ୍ୟଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। କିଛି ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ପହଞ୍ଚି ଥିଲେ। କିନ୍ତୁ ସ୍ଥାନୀୟ ପ୍ରଶାସନର ଦେଖା ନ ଥିଲା। ଏଥିନେଇ ସୋମବାର ଖବରଦାତାଙ୍କ ପଚରାଉଚରା ପରେ ତରବରିଆ ଭାବେ ବୈପାରିଗୁଡ଼ା ବିଡିଓ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ । ସେହିପରି ମହିଳାଙ୍କ ଦଶାହକ୍ରିୟା ସମୟରେ ଚାଉଳ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନାଥ ନାବାଳକ ପୂର୍ଣ୍ଣ ଗୌଡ଼ଙ୍କୁ ଏକ ଯୋଜନାରେ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। । ସଂପୃକ୍ତ ନାବାଳକଙ୍କ ପିତା ଲଇଛୁ ଗୌଡ଼ ୫ ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ମା' ଓ ପୁଅ ରହୁଥିଲେ। ମା କିଡ଼ନୀ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁ ହୋଇଥିବା ବେଳେ ବର୍ତ୍ତମାନ ନାବାଳକ ଅନାଥ ହୋଇଯାଇଛନ୍ତି। କିନ୍ତୁ ଅନାଥ ନାବାଳକଙ୍କୁ ସରକାରୀ ଯୋଜନାରେ କୌଣସି ସହାୟତା ମିଳି ନ ଥିବା ଗ୍ରାମର କେଦାର ଦାଶ, ଗୋବିନ୍ଦ ଗୌଡ଼, ପତି ଗୌଡ଼, ମଙ୍ଗୁଲୁ ଗୌଡ଼, ରଘୁ ଗୌଡ଼, ସଇତା ଗୌଡ଼ ଏବଂ ଅଲେଖ ଗୌଡ଼ ଅଭିଯୋଗ କରଛନ୍ତି । ଦୀର୍ଘ ବର୍ଷ ଧରି ସରକାରୀ ଜମିରେ ଝଟିମାଟି ଘର କରି ରହୁଥିଲେ ସୁଦ୍ଧା ତାଙ୍କୁ ଉକ୍ତ ଜମିର ଜମିପଟ୍ଟା କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାସଗୃହ ଯୋଜନାରେ ଗୃହ ପ୍ରଦାନ କରାଯାଇ ନାହିଁ । ପାର୍ବତୀ ବିଧବା ହେବାର ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ତାଙ୍କୁ ବିଧବା ଭତ୍ତା ମିଳି ନ ଥିଲା। ବର୍ତ୍ତମାନ ଅନାଥ ନାବାଳକଙ୍କୁ ଗ୍ରାମବାସୀ ରଖିବା ସହିତ ତାଙ୍କର ଦାୟିତ୍ୱ ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କିନ୍ତୁ ଶିଶୁ ସୁରକ୍ଷା ନିୟମ ଅନୁଯାୟୀ ପ୍ରଶାସନ କ'ଣ ପଦକ୍ଷପ ଗ୍ରହଣ କରୁଛି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ଯୋଜନାରେ ସଂପୃକ୍ତ ନାବାଳକଙ୍କୁ ଥଇଥାନ କରାଯିବ ବୋଲି କହିଛନ୍ତି।



ଘର ସମ୍ମୁଖରେ ଅନାଥ ପୂର୍ଣ୍ଣ ଗୌଡ଼ ।

■ ଗୁମ୍ମା ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ହେଉ ନ ଥିବା ଅଭିଯୋଗ

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରିଲେ ଅଭିଭାବକ

ବୈପାରୀଗୁଡା, ୧୩।୧୧ (ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକ ଗୁମ୍ମାରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଠ ପଢା ହେଉ ନଥିବା ଅଭିଯୋଗ କରି ମଙ୍ଗଳବାର ଶତାଧିକ ଅଭିଭାବକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରାଉ କରିଥିଲେ । ବିଦ୍ୟାଳୟରେ ପାଠପଢା ଆଦୌ ସନ୍ତୋଷଜନକ ନୁହେଁ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶ୍ରେଣୀଗୃହରେ ପିଲାମାନେ ଖାଲିରେ ବସିବାକୁ ବାଧ୍ୟ ହେଉଥିବା ଅଭିଭାବକମାନେ କହିଛନ୍ତି। ଏଥିରେ ଅତିଷ୍ଠ ହୋଇ ପିଲା ଅନ୍ୟତ୍ର ପାଠ ପଢିବାକୁ ବାଧ୍ୟ ହେବେ ବୋଲି ସେମାନେ କହିଛନ୍ତି। ପ୍ରକାଶ ଯେ, ଉକ୍ତ ସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ୧୭୧ ଜଣ ପିଲା ଥିବାବେଳେ ମାତ୍ର ୨ଜଣ ଶିକ୍ଷକ ରହିଛନ୍ତି। ଏ ନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପ୍ରଧାନ ଶିକ୍ଷୟିତ୍ରୀ କାନ୍ତି ସିଂ କହିଛନ୍ତି। ଅଭିଭାବକଙ୍କ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି। ଶିକ୍ଷକ ଅଭାବରୁ ସ୍କୁଲରେ ପାଠପଢା ହେଉ ନ ଥିବା ସେ କହିଛନ୍ତି। ତେବେ ତୁରନ୍ତ ଶିକ୍ଷକ ସେଠାରେ ଯୋଗାଇ ଦେବାକୁ ଉଚ୍ଚକର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଅବିଭାବକମାନେ ଆନ୍ଦୋଳନରୁ ହଟିଥିଲେ। ୨ ସପ୍ତାହ ମଧ୍ୟରେ ଖାଲିଥିବା ଶିକ୍ଷକ ପଦବୀପୂରଣ କରା ନ ଗଲେ ଅଭିଭାବକମାନେ ସାମୂହିକ ଭାବେ ପିଲାମାନଙ୍କ ଟିସି ବାହାର କରି ଘରକୁ ନେଇଯିବେ ବୋଲି ଚେତାବନୀ ଦେଇଛନ୍ତି।



ଗୁମ୍ମା ଆବାସିକ ଉଚ୍ଚବିଦ୍ୟାଳୟ ଅଫିସ ଆଗରେ ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରାଉ କରିଛନ୍ତି।

## ସଂକ୍ଷେପରେ

### ମା’ କାଳୀଙ୍କ ଭସାଣି ଉତ୍ସବ



ଗୁଡ଼ାରୀ,୧୩।୧୧(ଡ଼ି.ଏନ.ଏ): ଗୁଡ଼ାରୀର ମା’ ଦକ୍ଷିଣକାଳୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ମା’ କାଳୀଙ୍କ ଭସାଣି ଉତ୍ସବ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ମା’ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ସହର ପରିକ୍ରମା କରାଯିବା ପରେ ବଂଶଧାରା ନଦୀରେ ବିସର୍ଜନ କରାଯାଇଥିଲା । କଳହାଣ୍ଡିରୁ ଆସିଥିବା ଘୁମୁରା ନାଚ ବିସର୍ଜନର ମୁଖ୍ୟ ଆକର୍ଷଣ ଥିଲା । କମିଟିର କର୍ତ୍ତାମାନେ ଉପସ୍ଥିତ ରହି ନଗର ପରିକ୍ରମା କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଗୁଡ଼ାରୀ ପୋଲିସ ମୁତୟନ ହୋଇଥିଲା ।

### ସୂଚନା ଓ ଲୋକସଂପର୍କ ଉପ ନିର୍ଦ୍ଦେଶକଙ୍କ ଗୁଣପୁର ଗସ୍ତ



ଗୁଣପୁର,୧୩।୧୧(ଡି.ଏନ୍.ଏ.): ସୂଚନା ଓ ଲୋକ ସମ୍ପର୍କ ବିଭାଗ ବ୍ରହ୍ମପୁର ଉପ ନିର୍ଦ୍ଦେଶକ ଜଳନ୍ଧର ପସିକା ମଙ୍ଗଳବାର ରାୟଗଡା ଜିଲା ଗୁଣପୁର ଅଞ୍ଚଳ ଗସ୍ତ କରି ତହସିଲ ଅଫିସ ରାସ୍ତାରେ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପାଠାଗାର ପରିଦର୍ଶନ କରିଥିଲେ। ପାଠାଗାର ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିବା ସହ ଶୌଚାଳୟଏବଂ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଗୁଣପୁର ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରଶ୍ମିରାଣି ନିମାକାଙ୍କ ସମେତ କର୍ମଚାରୀ ଧନଞ୍ଜୟ ବେହେରା ଏବଂ ଅନନ୍ତ ପାତ୍ର ଉପସ୍ଥିତ ଥିଲେ।

### ଟ୍ରେନ ଧକ୍କାରେ ଜଣେ ମୃତ

ମୁନିଗୁଡ଼ା,୧୩।୧୧(ଡ଼ି.ଏନ.ଏ): ରାୟଗଡ଼ା ଜିଲା ମୁନିଗୁଡ଼ା ଷ୍ଟେଶନଠାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ତାଙ୍କର ପରିଚୟ ମିଳିନାହିଁ। ସେ ବହୁଦିନ ହେଲା ଷ୍ଟେଶନ ଓ ଆଖପାଖ ଅଞ୍ଚଳରେ ବୁଲୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ଅପରାହ୍ନରେ ଏକ ଟ୍ରେନ ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ଉକ୍ତ ବ୍ୟକ୍ତି ଜଣକ ଦୁଇ ନମ୍ବର ପ୍ଲାଟ ଫର୍ମରୁ ଆସି ହଠାତ୍ ଟ୍ରେନ ସମ୍ମୁଖକୁ ଡ଼େଇଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୁନିଗୁଡ଼ା ଜିଆରପି ଏସଆଇ ବିରେନ୍ ମଲ୍ଲିକ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି ।

### ହିତାଧିକାରୀଙ୍କୁ ଭତ୍ତା, ପଟ୍ଟା ବଣ୍ଟନ

କୋଲନରା, ୧୩।୧୧(ଡି.ଏନ୍.ଏ): ରାୟଗଡା ଜିଲା କୋଲନରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କୁ ବିଧବା, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଭତ୍ତା , ଲିଜ୍ ପଟ୍ଟା, ଘରଡିହ ପଟ୍ଟା, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଏମପି ଝିନ୍ନ ହିକ୍‌କା, ପଞ୍ଚାୟତ ସମିତି ଅଧକ୍ଷା ଗୀତା କଣ୍ଡାଗରୀ, ଉପାଧକ୍ଷ ତେଜରାଜ ନାଗ, ଯୋଜନା ବୋର୍ଡ ସଦସ୍ୟ ସୁଧିର ଦାସ, କୋଲନରା ତହସିଲଦାର ମାନସୀ ନାୟକ, ଅତିରିକ୍ତ ତହସିଲଦାର ଗୁରୁ ଚରଣ ମଲ୍ଲ, ଏମ୍‌ପି ପ୍ରତିନିଧି ବି.ତିରୁପତି ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ଶିବ ଗୋପାଳ ରାଓ ସଭା ପରିଚାଳନା କରିଥିଲେ । ମଧୁବାବୁ ପେନ୍‌ସନ୍ ଯୋଜନାରେ ୬୦୦ଜଣଙ୍କୁ, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ୧୨୨ଜଣଙ୍କୁ, ୮୪୫ଜଣଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ, ୭୦ଜଣଙ୍କୁ ପଟ୍ଟା ଏବଂ ବିଜୁଳି ଘଡଘଡିରେ ମୃତ୍ୟୁବରଣ କରିଥିବା ହରିଶ୍ଚନ୍ଦ୍ର କଣ୍ଡାଗରୀଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ସୁରଭୀ ମହାପାତ୍ର, ରବି ନାରାୟଣ ମେହେର, ସି.ବି.ଏନ୍ ମୂର୍ତ୍ତି, ବିଏସ୍ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, ସମସ୍ତ ଗ୍ରାମ ପଞ୍ଚାୟତର ପିଇଓ, ସରପଞ୍ଚ, ସମିତି ସଭ୍ୟମାନେ ଯୋଗ ଦେଇଥିଲେ ।

## ରାୟଗଡାରେ ହକି ମାସ୍କଟକୁ ସ୍ୱାଗତ

# ସଚେତନତା ଶୋଭାଯାତ୍ରାରେ ବୁଲିଲା ଓଲି

ରାୟଗଡା ଅଫିସ,୧୩।୧୧

ଆସନ୍ତା ୨୮ରୁ ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ ହକି ଅନୁଷ୍ଠିତ ହେବ । ଏହାର ପ୍ରଚାର ପ୍ରସାର ପାଇଁ ବାହାରିଥିବା ମାସ୍କଟ ଓଲିକୁ ରାୟଗଡାରେ ସ୍ୱାଗତ କରାଯାଇଛି। ଏହି ଅବସରରେ ସହରର ସ୍ଥାନୀୟ ଗଜପତି ଛକଠାରୁ ହକି ଖେଳକୁ ନେଇ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାକୁ ଜିଲାପାଳ ଗୁହା ପୁନମ ତାପସ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହକି ଖେଳକୁ ଆଦିବାସୀ କ୍ରୀଡା ଉତ୍ସବରେ ସାମିଲ କରିବା ଓ ଜିଲାକୁ ହକି ଖେଳର ଗଡ ଭାବେ ଗଠନ କରିବାକୁ କହିଥିଲେ । ଏଥିସହ ହକି ଯାଦୁକର ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଧାକର ଶବର, ଉପଜିଲାପାଳ ପ୍ରବୀର କୁମାର ନାୟକ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଆଇନଜୀବୀ ବ୍ରଜସୁନ୍ଦର ନାୟକ, ଭାରପ୍ରାପ୍ତ ଡିପିସି ସର୍ବଶିକ୍ଷା ଅଭିଯାନର ଆନାସ୍ତେସିଆ କେରେକେଟା,ସେଞ୍ଚୁରିଆନ ୟୁନିଭରସିଟି ଅଧ୍ୟକ୍ଷ ରାଜେଶ କୁମାର ପାଢୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଶେଖ ଅଲିନୁରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା ।



ସ୍ୱାଗତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

## ସରିଲା ମା’ ଦକ୍ଷିଣ କାଳୀଙ୍କ ପୂଜା

# ଆଜି ମା’ଙ୍କ ପ୍ରତିମା ବିସର୍ଜନ



ସମ୍ମାନିତ ହୋଇଥିବା ବୃଦ୍ଧାଶ୍ରମ ଅନ୍ତେବାସୀ ।



ଛାତ୍ରୀଛାତ୍ରମାନେ ନାଟକ ପ୍ରଦର୍ଶନ କରୁଛନ୍ତି।

ଗୁଣପୁର, ୧୩।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରଠାରେ ମା’ ଦକ୍ଷିଣକାଳୀଙ୍କ ପୂଜା ଧୁମଧାମର ସହ ଶେଷ ହୋଇଛି। ୭ମ ଦିନରେ ତଥା ସୋମବାର ମା’ଙ୍କ ଘଟ ବିସର୍ଜନ ହୋଇଥିଲା। ଉକ୍ତ ଦିନ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ମା’ଙ୍କ ପୂଜା ମଣ୍ଡପ ନିକଟକୁ ଅଣାଯାଇଥିଲା। ଜିଲା ପରିଷଦ ସଭାପତି ପୁରୁଷୋତ୍ତମ ଗମାଙ୍ଗ ଏବଂ ବରିଷ୍ଠ ସାମାଜିକ କର୍ମୀ ନେତ୍ରୀ ଡ.ଶାନ୍ତି ଦେବୀ ଅନ୍ତେବାସୀଙ୍କୁ ସମ୍ମାନିତ କରିଥିଲେ। ସେହିପରି ସନ୍ଧ୍ୟାରେ ସରସ୍ୱତୀ ଶିଶୁ ମନ୍ଦିର ସମେତ ଅନ୍ୟ ସ୍କୁଲର ପିଲାଙ୍କୁ ନେଇ ସାମାଜିକ ନାଟକ ପ୍ରଦର୍ଶିତ ହୋଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମଙ୍ଗଳବାର ତାରିକ ଅଜିଜଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମ କରାଯାଇଥିଲା। ବୁଧବାର ମା’ଙ୍କ ପ୍ରତିମା ଭସାଣି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଆଦିବାସୀ ରୀତିରେ ଭୂମିପୂଜା

ରାମନାଗୁଡ଼ା,୧୩।୧୧(ଡି.ଏନ୍.ଏ.)

ରାୟଗଡା ଜିଲା ରାମନାଗୁଡ଼ା ବ୍ଲକ ପାରିଖିଡି ପଞ୍ଚାୟତ ବିନ୍ନିଦା ଗ୍ରାମରେ ଠାକୁରାଣୀ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଭୂମିପୂଜା ସମ୍ପୂର୍ଣ୍ଣ ଆଦିବାସୀ ରୀତିରେ ହୋଇଥିଲା । ଭୂମି ପୂଜା ନିମନ୍ତେ ୩ ଜଣ ବେଜୁ(କାଳସୀ) ଆସିଥିଲେ । ସେମାନେ ମନ୍ତ୍ର ଉଚ୍ଚାରଣ କରି ପୂଜା କରିଥିଲେ । ଏହି ଅବସରରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ସାମାଜିକ କର୍ମୀ ବାବୁ ମହାରଣା, ଗଗନ ଆଚାର୍ଯ୍ୟ, ଜଗଦିଶ ନାୟକ ବେହେରା, ରଞ୍ଜନ, ମକର, ଧବଳ ପ୍ରମୁଖ ଉପସ୍ଥିତ ଥିଲେ । ରାମନାଗୁଡା ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧକ୍ଷ ସୂର୍ଯ୍ୟ ରାଓ କୁମ୍ବିରିକା, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ନାଏବ ସରପଞ୍ଚ ବୁଧ ମାଣ୍ଡାଙ୍ଗି ପୂଜାର୍ଚ୍ଚନା କରିଥିଲେ । ଜନଜାତି ଉନ୍ନୟନ ପରିଷଦ ତରଫରୁ ଉକ୍ତ ମନ୍ଦିର ନିର୍ମାଣ ନିମନ୍ତେ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଛି। ଜନଜାତି ଉନ୍ନୟନ ପରିଷଦ ସଭ୍ୟ ଜଳନ୍ଧର ମୁଟିକାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୧୫ରେ ରାୟଗଡ଼ା ଆସିବେ ରାଜ୍ୟପାଳ

ରାୟଗଡା ଅଫିସ୍, ୧୩।୧୧

ଆସନ୍ତା ୧୫ ତାରିଖରେ ରାଜ୍ୟପାଳ ଗଣେଶୀ ଲାଲ ରାୟଗଡ଼ା ଗସ୍ତରେ ଆସିବେ । ଏନେଇ ଜିଲାପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ରାୟଗଡା ଜିଲା କୁଟୁଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟପାଳଙ୍କୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସ୍ୱାଗତ କରିବେ । ସେଠାରେ ମଧୁବାବୁ ପେନ୍‌ସନ୍ ଯୋଜନାର ୧୦ଜଣ ହିତାଧିକାରୀଙ୍କୁ ନୂତନ ଭାବେ ପେନ୍‌ସନ୍ ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ଗୁଡିକୁ ବୁଲି ଦେଖିବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଅଛି । ପରେ କୁମ୍ଭିକୋଟା ପଞ୍ଚାୟତ ହିମାରପାଡି ଗ୍ରାମକୁ ଯାଇ ସେଠାରେ ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନାରେ ୧୦ହେକ୍ଟର ଜମିରେ ହୋଇଥିବା କାଜୁବାଡି ବୁଲି ଦେଖିବେ । ସେଠାରୁ ବାହାରି ସିରିଗୁଡାସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବା ସହ ବିଭିନ୍ନ ବିଭାଗ ଦ୍ୱାରା ଖୋଲାଯାଇଥିବା ଷ୍ଟଲ୍‌ଗୁଡିକୁ ବୁଲି ଦେଖିବେ । ତା’ପରେ ମାଝିଗୌରୀ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିବେ । ପରେ କନ୍ଧମାଲିଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସର୍କିଟ ହାଉସ୍‌ରେ ପହଞ୍ଚିବେ । ସଦ୍‌ଭାବନା ଗୃହରେ ବିଭିନ୍ନ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଗୁହା ପୁନମ ତାପସ କୁମାର ଏହି ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ମୁନିଗୁଡା, ୧୩।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ମୁନିଗୁଡା ବ୍ଲକ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବି. ଭାସ୍କର ରାଓ, ସିଆରସିସି ପ୍ରବୀର ଲିମା, ନାରାୟଣ ପଣ୍ଡା, ହରିହର ଯାଦବ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କରୁଣାକର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୯୦ ଛାତ୍ରୀଛାତ୍ର ୪୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଗଣିତ, ବାୟୁ ପ୍ରଦୂଷଣ, ବିଜ୍ଞାନ, ପଦାର୍ଥ ବିଜ୍ଞାନ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍‌ର ସହଉପଯୋଗୀ, ଜଳ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା, ଡାଲିଜାତୀୟ ଖାଦ୍ୟର ସଂରକ୍ଷଣ, ଟ୍ରାଫିକ ନିୟନ୍ତ୍ରଣ, ହାଇଡ୍ରୋଲିକ୍ ଯନ୍ତ୍ରର ଉପଯୋଗୀ ସହ ବିଭିନ୍ନ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖିଥିଲେ। ବିଚାରକ ମଣ୍ଡଳୀ ଭାବେ ମୁନିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଓ ଗଣିତ ଶିକ୍ଷକ ଦାମୋଦର ସାମଲ, ସମୀର ରଞ୍ଜନ ସାହୁ ଓ କୁମୁଡାବାଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ ପାଢ଼ୀ ଉପସ୍ଥିତ ଥିଲେ। ଶ୍ରେଷ୍ଠ ପ୍ରକଳ୍ପଗୁଡିକୁ ଜିଲାସ୍ତରୀୟ ବିଜ୍ଞାନମେଳାକୁ ପଠାଯିବ ।





ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

# ପ୍ରଦର୍ଶିତ ହେଲା ୪୦ ପ୍ରକଳ୍ପ

ଗୁଡ଼ାରୀ,୧୩।୧୧(ଡ଼ି.ଏନ.ଏ)

ଗୁଡ଼ାରୀ ସରକାରୀ ହାଇସ୍କୁଲ ପରିସରରେ ଦୁଇ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସ୍ଥାନୀୟ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ ନାୟକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କବିବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟାପକ ଜଳନ୍ଧର ଗୌଡ଼ ଓ ଗଣପତି ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ମେଳାରେ ୬ଟି ପ୍ରକଳ୍ପ ଶ୍ରେଷ୍ଠ ଘୋଷଣା କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ୬ ପ୍ରକଳ୍ପ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବିଶୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ସିଆସିସି ସହଯୋଗ କରିଥିଲେ ।

# ମାତୃ କର୍ମଶାଳା ଉଦ୍‌ଯାପିତ



ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଟିକିରି,୧୩।୧୧(ଡ଼ି.ଏନ.ଏ)

କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ଦିନିକିଆ ମାତୃ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ନିରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଅଭିମନ୍ୟୁ ସାହୁ, ବନିତା ପଟ୍ଟନାୟକ, ଅମ୍ବିକା ପାଣିଗ୍ରାହୀ, ସରସ୍ୱତୀ ବେହେରା,ପୁଷ୍ପାଞ୍ଜଳି ମିଶ୍ର, ତପସ୍ୱିନୀ ବେହେରା ଉପସ୍ଥିତ ଥିଲେ । ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବ୍ଲକ୍‌ସ୍ତରୀୟ କ୍ରୀଡା ସମାବେଶ

କୋଲନରା, ୧୩।୧୧(ଡି.ଏନ୍.ଏ)

ରାୟଗଡା ଜିଲା କୋଲନରା ବ୍ଲକ୍ ସଦରସ୍ଥିତ ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ୍‌ସ୍ତରୀୟ କ୍ରୀଡା ସମାବେଶ ଉଦ୍‌ଯାପିତ ହୋଇଯାଇଛି। ଏହି ସମାବେଶରେ ୧୪ଟି ବିଦ୍ୟାଳୟର ୧୬୭ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ କୋଲନରା ବିଇଓ ଏମ୍.ଖଗେଶ୍ୱର ରାଓ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମଶାଲ ସ୍ଥାପନ କରିବା ସହିତ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଲନରା ବିଆର୍‌ସିସି ବୃନ୍ଦାବନ ମାରାଣ୍ଡୀ, ଏବିଇଓ ସୁବୋଧ କୁମାର ବେହେରା ଓ ଏବିଇଓ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ଜଗଦମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ରନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଧନଞ୍ଜୟ ବଗର୍ତ୍ତୀ ଇଭେଣ୍ଟଗୁଡିକର ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ ।



କ୍ରୀଡ଼ା ସମାବେଶରେ ଯୋଗ ଦେଇଥିବା ଅତିଥିମାନେ ।

## ସମୂହ ଛୁଟିରେ ଯିବେ ଗ୍ରାମ ରୋଜଗାର ସେବକ

# ଜିଲାପାଳଙ୍କୁ ଦେଲେ ଦାବିପତ୍ର

ରାୟଗଡା ଅଫିସ୍, ୧୩।୧୧

ଓଡ଼ିଶା ଗ୍ରାମ ରୋଜଗାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରାରେ ରାଜ୍ୟର ସମସ୍ତ ଗ୍ରାମ ରୋଜଗାର ସେବକ ଆସନ୍ତା ୧୫ ତାରିଖରୁ ସମୂହ ଛୁଟିରେ ଯିବେ । ରାୟଗଡା ଜିଲାର ୧୧ଟି ବ୍ଲକ୍ ଅନ୍ତର୍ଗତ ୧୮୫ଟି ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଗ୍ରାମ ରୋଜଗାର ସେବକ ଏହି ଆନ୍ଦୋଳନରେ ସାମିଲ୍ ହେବେ । ଯାହାଫଳରେ ଆଗକୁ ରାଜ୍ୟରେ ଥିବା ସମସ୍ତ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି । ଏନେଇ ରାୟଗଡା ଜିଲାର ଗ୍ରାମ ରୋଜଗାର ସଂଘର କର୍ମକର୍ତ୍ତା ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିବା ସହ ସମୂହ ଛୁଟି ମଞ୍ଜୁର ନିମନ୍ତେ ନିବେଦନ କରିଛନ୍ତି । ପରେ ବିଡ଼ିଓଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ। ୩୧।୧୦।୨୦୧୭ରେ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ ସ୍ଥାୟୀକରଣ, ଦରମା ବୃଦ୍ଧି, ସରକାରୀ କ୍ୟାଡର, ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଟି, ଦୁର୍ଘଟଣାଜନୀତ କ୍ଷତିପୂରଣ ଦାବିରେ ଧର୍ମଘଟ କରାଯାଇଥିଲା । ବିଭାଗୀୟ ମନ୍ତ୍ରୀ ଦାବିଗୁଡିକ ଉପରେ ବିଚାର କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧର୍ମଘଟ ପ୍ରତ୍ୟାହାର ହୋଇଥିଲା । ଇତିମଧ୍ୟରେ ୧୧ମାସ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ଦିଗରେ ସରକାରଙ୍କ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କେବଳ ଦରମା ବାବଦରେ ସାମାନ୍ୟ ୨ହଜାର ଟଙ୍କା ବୃଦ୍ଧି କରି ସରକାର ନିରବଦ୍ରଷ୍ଟା ସାଜି ବସିଛନ୍ତି ବୋଲି ସଂଘ ଅଭିଯୋଗ କରିଛି । ଯଦ୍ୱାରା ରାଜ୍ୟରେ କାର୍ଯ୍ୟରତ ୫ହଜାର ଗ୍ରାମ ରୋଜଗାର ସେବକ ଘୋର ଆର୍ଥିକ ଅନଟନର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି । ଦାବିପୂରଣ ନ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।



ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଫଳଚାଷ ସମ୍ପର୍କରେ...

– ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ ।
–ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ ।
–ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।
–ପୁରୁଣା ଗଛକୁ କାଣ୍ଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ।
–ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
–ଗଛ ମୂଳକୁ ଛାଦିକରଣ କରନ୍ତୁ ।
–ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଜି–୯, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।

**ଚିନାବାଦାମ:**



କିସମ : ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩ ।
–ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁଧାଡ଼ି୩୦ ସେ.ମି. ଓ ଗଛକୁଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।
**ଆଖୁର ଉନ୍ନତ କିସମ:** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ରଘୁନାଥ, ନୀଳଚକ୍ର ଆଦି ସଂଗ୍ରହ କରନ୍ତୁ ।
–ଜମିରେ ଜଳ ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ ।
–ପତ୍ରଡ଼ିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ଏକ ଲିଟର ପାଣିରେ ୦.୩ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ ।
–ନାଳି ଶଢ଼ାରୋଗ ଆକ୍ରମଣ କଲେ ୧ ଗ୍ରାମ୍ ବେନ୍‌ଲେଟ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



# ଗୋସମ୍ବର୍ଦ୍ଧନା



ଡା. ବୀରକିଶୋର ପରିଡ଼ା

ସୁସ୍ଥ ସମାଜ ଗଠନରେ ଗୋମାତାର ଅବଦାନ ଅତୁଳନୀୟ। ତେଣୁ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଚଳିତ ମାସ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଛି ୬୭ ତମ ଗୋସମ୍ବର୍ଦ୍ଧନା ସପ୍ତାହ। ଗୋ–ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଲିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଏହା ପାଳିତ ହୋଇଆସୁଛି। ଗୋମାତା ଆମ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ପର୍ଯ୍ୟବସିତ। ଗୋ–ଶବ୍ଦର ଅର୍ଥ ଗତିଶୀଳ। ଗୋମାତାର ସୁରକ୍ଷାରେ ଆମ ରାଜ୍ୟ ତଥା ରାଷ୍ଟ୍ରର ପ୍ରଗତି ସମ୍ଭବ। ପ୍ରାଚୀନ କାଳରୁ ୫ଟି 'ଗ' ଯଥା – ଗାଈ, ଗଙ୍ଗା, ଗୀତା, ଗାୟତ୍ରୀ ଏବଂ ଗୁରୁ ହିଁ ଆମ ସଭ୍ୟତା ଓ ସଂସ୍କୃତିର ପ୍ରତୀକ ଭାବେ ପରିଗଣିତ। ପୁଣି ଗୋମାତା ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ। ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ। ତାହା ହେଲା – କୃଷିଜାତ ବର୍ଜ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ। ଗୋମାତାଠାରୁ ତା'ର ଜନ୍ମିତ କଅଁଳା ବାଛୁରୀକୁ ଛଡ଼ାଇ ନେବା ପରେ ମଧ୍ୟ ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ। ସହିଷ୍ଣୁତା ଓ ଆଜ୍ଞାନୁବର୍ତ୍ତିତାର ପ୍ରତୀକ ଭାବେ ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ ଓ ପରିବହନରେ ସହାୟତା କରିଥାଏ। ଗୋମାତା ତା'ର ବାଛୁରୀ ଓ ମାଲିକଙ୍କୁ ଅସାଧାରଣ ଭାବେ ଭଲ ପାଏ। ମନୁଷ୍ୟ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା କ୍ଷୀରରେ ପରିଣତ କରେ। ଗୋରୁର ମଳ ହେଉଛି ପବିତ୍ର, ଯାହାର ସଂସ୍ପର୍ଶରେ ଗୋମୟ ପରିବେଶ ସୃଷ୍ଟି ହୋଇଥାଏ। ଗୋବର ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ। ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ। ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ଏବଂ ତାଙ୍କର ଅଗ୍ରଜ ବଳରାମ ଗୋପପୁରରେ ରହି ଗୋପାଳନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଛନ୍ତି। ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ଅନୁସାରେ ଏହିଦିନ ଗାଈବଳଦଙ୍କୁ ଗାଧୋଇ ଦିଆଯାଇ ମଥାରେ ଅବିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ। ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଅପହଞ୍ଚ ବା ଦୁର୍ଗମ ଅଞ୍ଚଳରେ ଗୋପାଳକଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଅଛି।





ଏଥିସହ କୃତ୍ରିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବାପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସଚାଷ ଲାଗି ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୁନ ଅଧଏକର ଜମିରେ ସବୁଦିନିଆ ଘାସଚାଷ ନିମନ୍ତେ ୬ହଜାର ଟଙ୍କାରୁ ଆରମ୍ଭକରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ଡିରୋଟ ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନ ଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। ସବୁଜ ଗୋଖାଦ୍ୟର ସୁବିନିଯୋଗ ନିମନ୍ତେ ଘାସକଟା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଉଛି।

ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା – ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ସେହିପରି ୧୦ଟି ଉପାନ୍ତ ଜିଲାରେ କଲ୍ୟାଣୀ କାର୍ଯ୍ୟକ୍ରମ ମାଧ୍ୟମରେ ୧୦୦ଟି ଗୋବିକାଶ କେନ୍ଦ୍ର ଗଠନ କରାଯାଇ ଦେଶୀ ଗୋପ୍ରଜାତିର ଉନ୍ନତୀକରଣ ପାଇଁ ବ୍ୟାପକ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ସବୁଜ ଘାସଚାଷ ନିମନ୍ତେ ଘାସମଞ୍ଜି, ମୂଳ, ଚାରା ଆଦି ଯୋଗାଇ ଦିଆଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋସମ୍ପଦକୁ ମୁକ୍ତ ରଖିବାପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ଅଧିକ ଉତ୍ପାଦନକ୍ଷମ ଗାଈଙ୍କୁ ଧାତବଲବଣ ଅଭାବରୁ ସୁରକ୍ଷା ପ୍ରଦାନ ଲାଗି ମିନେରାଲ ମିକ୍ସଚର ଗୋପାଳକମାନଙ୍କୁ ଯୋଗାଇ ଦିଆଯାଉଛି। ଏତଦ୍ ବ୍ୟତୀତ, ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ସମ୍ବନ୍ଧୀୟ ସୂଚନା ବ୍ୟବସ୍ଥା ବା ଇନାଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ଯଥା–କୃତ୍ରିମ ପ୍ରଜନନ, ଦୁଗ୍ଧ ଉତ୍ପାଦନ, ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ଗୋଖାଦ୍ୟ ପରିଚାଳନା ଇତ୍ୟାଦି ଲିପିବଦ୍ଧ କରାଯାଇ ଗୋ–ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା ହୋଇଛି। ସେଥିପାଇଁ ପ୍ରତ୍ୟେକ ଗୃହପାଳିତ ପ୍ରାଣୀଙ୍କୁ କାନନୋଳି ଦ୍ୱାରା ଚିହ୍ନଟ କରାଯାଉଛି।

ବର୍ତ୍ତମାନ ଆମ ଦେଶ ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ ସୃଷ୍ଟି କରିପାରିଛି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ପ୍ରକ୍ରିୟାକରଣ ଓ ବିକ୍ରିବଟା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବରେ ବୃଦ୍ଧି ପାଇପାରିଛି। ଦୁଗ୍ଧ ସଂଗ୍ରହ ଓ ପ୍ରକ୍ରିୟାକରଣ ନିମନ୍ତେ ଓମ୍‌ଫେଡ୍‌ର ଭୁବନେଶ୍ୱରଠାରେ ୫ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପ୍ଲାଣ୍ଟ ଥିବାବେଳେ ବାରଙ୍ଗ ବ୍ଲକର ଗୋବିନ୍ଦପୁରଠାରେ ଆଉ ଏକ ୫ଲକ୍ଷ ଲିଟର ଦକ୍ଷତା ବିଶିଷ୍ଟ ପ୍ଲାଣ୍ଟ ସ୍ଥାପନ ହେବାକୁ ଯାଉଛି। ଫଳରେ ଆଗାମୀ ଦିନରେ ଦୁଗ୍ଧର ଅଭାବୀ ବିକ୍ରିର ସମ୍ଭାବନା ଆଉ ରହିବ ନାହିଁ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆପିକଲ୍ ମାଧ୍ୟମରେ ଅନ୍‌ଲାଇନ ପ୍ରକ୍ରିୟାରେ ୨୦ଟି ଉନ୍ନତ ଗାଈକୁ ନେଇ ଫାର୍ମ ପ୍ରତିଷ୍ଠାନ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଦୈନିକ ସର୍ବନିମ୍ନ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ଏଥିରେ ବ୍ୟବସ୍ଥା ରହିଛି। ଏକ ଏକର ଜମିରେ ସମନ୍ୱିତ ମାଛଚାଷ ସହିତ ଗୋପାଳନ ଓ ଅନ୍ୟାନ୍ୟ ପ୍ରାଣୀପାଳନ ଉପରେ ସବ୍‌ସିଡିର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ସାଧାରଣବର୍ଗଙ୍କ ପାଇଁ ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି, ଜନଜାତି ବା ମହିଳାଙ୍କ ପାଇଁ ୫୦% ସବ୍‌ସିଡିର ବ୍ୟବସ୍ଥା ରହିଛି।

ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ଆମେ ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ଆବଶ୍ୟକ। ଏଥିସହିତ ସେମାନଙ୍କର ଖାଦ୍ୟ, ଉପଯୁକ୍ତ ପ୍ରଜନନ ବ୍ୟବସ୍ଥା, ଲାଳନ ପାଳନରେ ଯତ୍ନ, ରୋଗ ନିୟନ୍ତ୍ରଣ ପ୍ରତି ଯତ୍ନବାନ ହେବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଜରୁରୀ। ଗୋମାତାଠାରୁ କେବଳ ଦୁଗ୍ଧ ଉପରେ ନିର୍ଭର ନ କରି ଗୋବର ଓ ଗୋମୂତ୍ରକୁ ଠିକ୍ ଉପଯୋଗ କରି ଆଜୀବନ ପର୍ଯ୍ୟନ୍ତ ସେମାନଙ୍କ ପ୍ରତି ଯତ୍ନବାନ ହେଲେ ଆମ ଗ୍ରାମ, ରାଜ୍ୟ ତଥା ଦେଶରେ ସୁଖ ସମୃଦ୍ଧି ଘଟିବା ସହିତ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଆଜି ଆମ ରାଜ୍ୟ ତଥା ଦେଶରେ ବ୍ୟାପକ ଗୋଚାଲାଣ ଯୋଗୁ ଆମ ସମାଜର ବିକାଶଧାରାରେ ଘୋର ଅନ୍ତରାୟ ସୃଷ୍ଟି କରୁଛି।

ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ଗୋ–ବତ୍ସା ପ୍ରଦର୍ଶନୀ, ସଭା, ଶ୍ରେଷ୍ଠ ଗୋପାଳକଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲାଗୁଡ଼ିକରେ ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଜିଲାସ୍ତରରେ ମଧ୍ୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ପ୍ରକୃତରେ କହିବାକୁ ଗଲେ, ସମଗ୍ର ମନୁଷ୍ୟ ସମାଜର ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ମୂଳ ଉତ୍ସ ହେଉଛି ଗୋମାତା।

–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ),
ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା
ନିର୍ଦ୍ଦେଶାଳୟ, କଟକ,
ମୋ: ୯୪୩୭୬୦୭୩୧୨

## କୋବି



ପନିପରିବା (କୋବି ଜାତୀୟ) ତଳି ୩ ସପ୍ତାହର ହୋଇଗଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ମୂଳ ସାର ହିସାବରେ ଏକର ପ୍ରତି ୧୬: ୧୬:୧୬ ଏନ୍. ପି. କେ. ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୪୫ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଯଦି ତଳି ନ ପକାଇଥାନ୍ତି, ମୁଖ୍ୟ ଋତୁ କିସମର ବିହନ ତଳି ପକାନ୍ତୁ ଯଥା ବନ୍ଧାକୋବି – ଡ୍ରମ୍‌ହେଡ୍, ଶ୍ରୀଗଣେଶ ଗୋଲ୍, ଫୁଲକୋବି– ପୁଷା ସ୍ନୋବଲ୍, ପୁଷା ହାଇବ୍ରିଡ୍ –୨। କାଳିମୁଣ୍ଡି ପୋକ ଦାଉରୁ ରକ୍ଷା କରିବା ପାଇଁ ନୂଆକରି ଲଗାଯାଇଥିବା ଫସଲରେ ପ୍ରତି ୨୫ ଧାଡି ବନ୍ଧାକୋବି ପରେ ୨ ଧାଡି ସୋରିଷ ବୁଣନ୍ତୁ। ବୋରନ୍ ଅଣୁସାରର ଅଭାବରେ କାଣ୍ଡଫମ୍ପା ଓ ବେରଙ୍ଗି ହୋଇ ଓଜନ କମିଯାଏ। ଏଥିପାଇଁ ଅନୁମୋଦିତ ପରିମାଣର ଯବକ୍ଷାରଜାନ ସାର ପ୍ରୟୋଗ ସହିତ ଜମିରେ ଏକର ପ୍ରତି ୪ ରୁ ୬ କି.ଗ୍ରା. ବୋରାକ୍ସ ଲଗାଇବା ସମୟରେ ଦିଆଯାଏ। ଫସଲରେ ବୋରନ୍ (ପ୍ରତି ଲିଟର ପାଣିରେ ୧ ଗ୍ରାମ୍ ହିସାବରେ) ସ୍ପ୍ରେ କରନ୍ତୁ। ଗଛଗୁଡ଼ିକ ମଧ୍ୟରେ ବ୍ୟବଧାନ ଅଧିକ ରଖିବା ଅନୁଚିତ। କୋବି ଫସଲରେ ଠିକିରିପିଠିଆ ପୋକ ଲାଗିବାର ଆଶଙ୍କା ଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୧–୨ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।



# ଲଙ୍କାଚାଷ କରିବେ କିପରି



ଡ.(ଶ୍ରୀମତୀ) ଶାଶ୍ୱତୀ ପଟ୍ଟନାୟକ

ଲଙ୍କା ବା ଲଙ୍କାମରିଚର ବ୍ୟବହାର ଖାଦ୍ୟରେ ସ୍ୱାଦ ବଢ଼ାଇଥାଏ। ରାଗ ଲଙ୍କା ମୁହଁ କରିଦିଏ ବଙ୍କା ବୋଲି ମଧ୍ୟ କଥାରେ କୁହାଯାଇଥାଏ। ଏହାର ଖାଦ୍ୟଗୁଣ ଓ ଔଷଧୀୟ ଗୁଣ ଏହାକୁ ଅନନ୍ୟ କରି ରଖିଛି। ଏହାକୁ ଆମେ ମସଲା, ଆଚାର, ସସ୍, ଶୁଖିଲା ଲଙ୍କା ଗୁଣ୍ଡ ଏମିତି ଅନେକ ରକମର ବ୍ୟବହାର କରିଥାଉ। ଆମ ରାଜ୍ୟର ପ୍ରାୟ ସବୁ ଜାଗାରେ ଏହା ଚାଷ କରାଯାଇପାରେ। ୨୦°ସେ. ରୁ ୨୫° ସେ. ଉତ୍ତାପ ଲଙ୍କା ଚାଷ ପାଇଁ ଭଲ। ୩୭° ସେ.ରୁ ଅଧିକ ଉତ୍ତାପ ଏହାପାଇଁ କ୍ଷତିକାରକ। ବେଶି ବର୍ଷାରେ ମଧ୍ୟ ଗଛ ପଚିଯାଇଥାଏ। ଫଳ ଧାରଣ ଅବସ୍ଥାରେ କମ୍ ଆର୍ଦ୍ରତା ବାୟୁମଣ୍ଡଳରେ ରହିଲେ ବି ଫଳ ଭଲ ବୃଦ୍ଧି ପାଏନି। ଫୁଲ ବା ଫଳ ଝଡ଼ାଦିଏ। ବାଲିଆ, ଦୋରସା ଓ ପଟୁ ପଡିଥିବା ନିଗିଡ଼ା ଉର୍ବର ଜମି ଲଙ୍କାଚାଷ ଲାଗି ଭଲ। ସନ୍ତସନ୍ତିଆ ଜମିରେ ଗଛ ଭଲ ବଢ଼େ ନାହିଁ ଏବଂ ଅଧିକ ଅମ୍ଳୀୟ ଜମିରେ ମଧ୍ୟ ଗଛ ଭଲ ହୁଏ ନାହିଁ। ଉଭୟ ଖରିଫ ଓ ରବିଋତୁରେ ଏହା ଚାଷ କରାଯାଇପାରେ। ଖରିଫଋତୁ ପାଇଁ ମେ' ରୁ ଜୁନ୍ ମାସ ଓ ରବି ଋତୁ ପାଇଁ ସେପ୍ଟେମ୍ବରରୁ ଅକ୍ଟୋବର ମାସ ଉତ୍ତମ। ଖରାଦିନିଆ ଲଙ୍କାଚାଷ ପାଇଁ ଜାନୁୟାରୀରୁ ଫେବୃୟାରୀ ମାସ ଭଲ। ଲଙ୍କାମଞ୍ଜିରୁ ତଳି ପ୍ରସ୍ତୁତକରି ଗଛ ଲଗାଯାଇଥାଏ। ଲଙ୍କା ଚାରା ପ୍ରସ୍ତୁତି ପାଇଁ ଅଧିକ ଅମଳକ୍ଷମ ବିହନ କିସମ ଯାହାକି ରୋଗପୋକ ସହଣୀୟ ଥିବେ ସେଗୁଡ଼ିକ ବାଛିବା ଦରକାର। ଲଙ୍କାମରିଚର ବିଭିନ୍ନ କିସମ ହେଲା ଜି୪, କୋଏମ୍ବାଟୁର–୨, ପୁଷା ଜାଓ୍ୱଲା, ଭିନ୍‌ଆର–୩୦୫, କଳସ–୬୧୯, କ୍ରିଷ୍ଣା ଇତ୍ୟାଦି।

ସଙ୍କର ଜାତୀୟ କିସମ ହିସାବରେ ତେଜସ୍ୱିନୀ, ଅଗ୍ନିବାଣ, ଅଗ୍ନି, ସୂର୍ଯ୍ୟ, ସୁଇଟ୍ ଗୋଲ୍ଡ ସମର, ଚାମ୍ପିଅନ ଆଦି ବିହନ ବ୍ୟବହାର କରାଯାଇପାରେ।

ମାଟି ଓ ଲଗାଇବା ସମୟ: ବାଲିଆ ଦୋରସା ଓ ପଟୁପଡୁଥିବା ନିଗିଡ଼ା ଉର୍ବର ଜମି ଲଙ୍କାମରିଚ ଚାଷ ପାଇଁ ଭଲ। ସନ୍ତସନ୍ତିଆ ଜମିରେ ଗଛ ଭଲ ବଢ଼େନାହିଁ। ଅଧିକ ଅମ୍ଳୀୟ ଜମିରେ ଲଙ୍କା ଭଲ ହୁଏ ନାହିଁ।

ଲଗାଇବା ପ୍ରଣାଳୀ: ଏକ ଏକର ସକାଶେ ପ୍ରାୟ ୩୦୦ ଗ୍ରାମ ମଞ୍ଜି ଦରକାର ହୁଏ। ସଙ୍କର ଜାତୀୟ କିସମ ପାଇଁ ୧୦୦ଗ୍ରାମ ମଞ୍ଜି ଯଥେଷ୍ଟ ହୋଇଥାଏ। ସାଧାରଣତଃ ଚାରିସପ୍ତାହର ତଳି ହୋଇଗଲେ ଲଗାଇବା ପାଇଁ ଉପଯୁକ୍ତ ହୁଏ। ଧାଡ଼ିକୁ ଧାଡ଼ି ୬୦ସେଣ୍ଟିମିଟର ଓ ଗଛକୁ ଗଛ ୩୦–୪୫ସେଣ୍ଟିମିଟର ବ୍ୟବଧାନରେ ତଳି ରୋଇବା ଦରକାର।

ଲଙ୍କା ଫସଲରେ ପୋକ: ଏହି ଫସଲରେ ଥ୍ରିପ୍‌ସ ଲାଗିଲେ ଗଛ ପୋଡ଼ାଳିଆ ଦେଖାଯାଏ। ପତ୍ର ମୋଡ଼ିହୋଇ ହଳଦିଆ ପଡ଼ିଯାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଫେନୋଫସ ଅଥବା ୨ମି.ଲି. କିମ୍ବା କାର୍ବାରିଲ ୨ଗ୍ରା./ଲି. ପାଣିରେ ମିଶାଇ ସିଞ୍ଚନ କରିବାକୁ ହୁଏ। ଆର୍ଦ୍ର ପତ୍ରକୁ କାଢ଼ି ଅଲଗା କରିଦେବା ଉଚିତ। ଏହି ରୋଗ ଆକ୍ରାନ୍ତ ପତ୍ର ତଳପଟେ ଦେହଲଗା ପାଉଡର ଭଳି ସୃଷ୍ଟି ହୋଇଥାଏ ତଥା ଧୂସର ରଙ୍ଗର ପାଉଡର ପତ୍ରର ଉପର ପଟେ ସୃଷ୍ଟି ହୋଇଥାଏ, ଯାହାଫଳରେ ପତ୍ରଗୁଡ଼ିକ ଶୁଖି ଶୁଖି ଝଡ଼ିପଡ଼େ। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ସଲ୍‌ଫର ୫୦ ଡବ୍ଲ୍ୟୁପି ୨ଗ୍ରା./ଲି. ପାଣିରେ ମିଶାଇ ୨–୩ ଥର ୧୦–୧୨ ଦିନ ବ୍ୟବଧାନରେ ସିଞ୍ଚନ କରିବା ଉଚିତ।

ଉତ୍ପାଦନ: ଲଙ୍କା ପାକଳ ହେଲେ ଉତ୍ପାଦନ କରାଯାଏ। ଏକ ଏକର ଜମିରୁ ୨୦–୨୨ କୁଇଣ୍ଟାଲ କଞ୍ଚା ଲଙ୍କା ମିଳିଥାଏ। ଏକର ପିଛା ୮–୧୦ କୁଇଣ୍ଟାଲ ଶୁଖିଲା ଲଙ୍କା ଅମଳ ହୋଇଥାଏ।

–ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷିବିଜ୍ଞାନ କେନ୍ଦ୍ର, ସମ୍ବଲପୁର,ମୋ:
୭୦୦୮୪୫୬୫୬୩



■ ପୁରୀ ବନ୍ଦ ପାଳନରେ ହିଂସା ଘଟଣା

# ବିରୋଧୀଙ୍କୁ ଫସାଇବାକୁ ଏଭଳି ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ଧାଡି ଦର୍ଶନକୁ ବିରୋଧ କରି ଗତ ଅକ୍ଟୋବର ୩ରେ ଜଗନ୍ନାଥ ସେନା ପକ୍ଷରୁ ପୁରୀ ବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ପୁରୀରେ ଯେଉଁ ହିଂସାକାଣ୍ଡ ଘଟିଲା, ଉକ୍ତ ଘଟଣାରେ କଂଗ୍ରେସ ସିଧାସଳଖ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ବନ୍ଦ ପାଳନର ଯଥେଷ୍ଟ ପୂର୍ବରୁ ଉକ୍ତ ସଙ୍ଗଠନ ବିଧିବଦ୍ଧ ଭାବେ ଜିଲା ପ୍ରଶାସନକୁ ଏନେଇ ଜଣାଇବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ବନ୍ଦ ଡାକରାକୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ତାଙ୍କର ସମର୍ଥନ ଘୋଷଣା କରିଥିଲେ। ମାତ୍ର କେଉଁ ଉଦ୍ଦେଶ୍ୟ ରଖି ଜିଲା ପ୍ରଶାସନ ବନ୍ଦ ପାଳନ ସମୟରେ ଠିକ୍‌ଭାବେ ସୁରକ୍ଷା ବ୍ୟବସ୍ଥା କରି ନ ଥିଲେ ତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।

ସୋମବାର କଂଗ୍ରେସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଯେ, ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡାଇ ଦେବାଲାଗି ଏପରିକି ସାଧାରଣ ଦିନଗୁଡ଼ିକରେ ସିଂହଦ୍ୱାର ସମ୍ମୁଖରେ ଯେଉଁ ସୁରକ୍ଷା ବ୍ୟବସ୍ଥା ରଖିବା କଥା ତାହା ଠିକ୍ ଭାବରେ ବ୍ୟବସ୍ଥିତ କରାଯାଇ ନ ଥିଲା। ଫଳରେ ଜିଲା ପ୍ରଶାସନର ନିଷ୍କ୍ରିୟତାକୁ ହୃଦୟଙ୍ଗମ କରି ଅପରାଧୀମାନେ ଭଙ୍ଗାରୁଜା ଓ ପୋଡାଜଳା ଆରମ୍ଭ କରିଥିଲେ। ଗୋଟିଏ ଘଣ୍ଟାରେ ଭଙ୍ଗାରୁଜା ଓ ପୋଡାଜଳା ଜୋର୍‌ଦାର ହୋଇଥିବା ଖବର ପାଇବା ପରେ ମଧ୍ୟ ପୋଲିସ ଓ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ଏହି ହିଂସା ଉଗ୍ରରୂପ ନେଇଥିଲା। ପ୍ରାୟ ୫ଘଣ୍ଟା ପର୍ଯ୍ୟନ୍ତ କୌଣସି ପୋଲିସ ଅଧିକାରୀ ଓ ସୁରକ୍ଷାକର୍ମୀ ହିଂସାକାରୀଙ୍କୁ ରୋକିବା ପାଇଁ ଚେଷ୍ଟା ନ କରିବା ଏହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାବଳ ଥାଇ କେଉଁ କାରଣରୁ ଜିଲା ପ୍ରଶାସନ ପୂର୍ବପ୍ରସ୍ତୁତି କରି ନ ଥିଲା ତାହା ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ପରେ ପ୍ରଶାସନ ଏବେ ବିରୋଧୀଙ୍କ ପଛରେ ପଡିଯାଇଛି। ତେଣୁ ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ପୁରୀ ବନ୍ଦ ସମୟର ହିଂସାକାଣ୍ଡ ବିରୋଧୀମାନଙ୍କୁ ଫସାଇବା ପାଇଁ ସରକାରଙ୍କ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି କହି ନିଶିକାନ୍ତ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ପୁରୀରେ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷାବଳ ଥାଇ ମଧ୍ୟ କାହିଁକି ପ୍ରଶାସନ ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପୂର୍ବ ପ୍ରସ୍ତୁତି କରି ନଥିଲା ଏବଂ ଯେଉଁ ଅଧିକାରୀଙ୍କ ପାଇଁ ପୁରୀ ଭଳି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ପର୍ଯ୍ୟଟନସ୍ଥଳୀରେ ହିଂସାକାଣ୍ଡ ଘଟିଲା ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ପ୍ରତି କୁଠାରାଘାତ କରିଛି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମିଶ୍ର ଦାବି କରିଛନ୍ତି।



ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

## ପୁରୀରୁ ନିର୍ବାଚନ ଲଢ଼ିପାରନ୍ତି ମୋଦି: ଦିଲୀପ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

୨୦୧୯ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଲଢିବେ ବୋଲି ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପୂର୍ବରୁ କେତେକ ଜାତୀୟ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପ୍ରକାଶ ପାଇବାପରେ ଏହାକୁ ନେଇ ସବୁଆଡେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ମଧ୍ୟ ମୋଦି ପୁରୀରୁ ନିର୍ବାଚନ ଲଢିବା ପାଇଁ ରାଜ୍ୟ ନେତୃବୃନ୍ଦ ପ୍ରସ୍ତାବ ଦେଇଥିବା କହିଥିଲେ। ଏହାପରେ ଏ ସମ୍ବନ୍ଧୀୟ ଆଲୋଚନା କିଛି ମାତ୍ରାରେ ଥମି ଯାଇଥିଲା। କିନ୍ତୁ ପଶ୍ଚିମବଙ୍ଗ ଭାଜପା ମୁଖ୍ୟ ଦିଲୀପ ଘୋଷ ଏନେଇ ସୋମବାର ମତ ରଖିବାପରେ ପୁଣିଥରେ ମୋଦି ପୁରୀରୁ ନିର୍ବାଚନ ଲଢିବା ନେଇ ଚାଲିଥିବା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଦିଲୀପ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ପୁରୀରୁ ପ୍ରାର୍ଥୀ ହୋଇପାରନ୍ତି। ଏନେଇ ଦଳରେ ବିଚାରବିମର୍ଶ ଚାଲିଛି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ପଶ୍ଚିମବଙ୍ଗରୁ ଦଳ ପ୍ରାର୍ଥୀ କରିପାରେ ବୋଲିଦିଲୀପ କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଶାହ ଓଡିଶା ଓ ପଶ୍ଚିମବଙ୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ମୋଦି ଏବଂ ଶାହଙ୍କ ଫୋକସ୍‌ରେ ପୂର୍ବ ଭାରତ ରହିଛି। ଓଡିଶା, ପଶ୍ଚିମବଙ୍ଗ ଏବଂ ଉତ୍ତରପୂର୍ବର ୮ଟି ପ୍ରଦେଶକୁ ଶାହ ଫୋକସ୍ କରିଛନ୍ତି।

## ବିରୋଧୀ ମେଳିରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ମିଳିଥିବା ଚର୍ଚ୍ଚା

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

କେନ୍ଦ୍ରରେ ଭାଜପାକୁ ଆସନରୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ବିରୋଧୀ ଜୋରଦାର୍ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ବିଜେଡିକୁ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିବା କୁହାଯାଉଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏ ବିଷୟରେ ଫୋନ୍‌ରେ କଥା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଚନ୍ଦ୍ରବାବୁ ଫୋନ୍ କରି ଆସନ୍ତା ୨୨ରେ ହେବାକୁ ଥିବା ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧୀ ମେଣ୍ଟରେ ସାମିଲ ହେବା ପାଇଁ ଚନ୍ଦ୍ରବାବୁ ମୁଖ୍ୟମନ୍ତ୍ରୀଙ୍କ ସହ ବହୁ ଦଳର ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାଜପା ବିଜୟଧାରାରେ ରୋକ୍ ଲଗାଇବା ପାଇଁ ସମସ୍ତଙ୍କୁ ଏକାଠି କରିବାକୁ ଚନ୍ଦ୍ରବାବୁ ନେତୃତ୍ୱ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କେନ୍ଦ୍ର ଅବହେଳା ଏବଂ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ପାଇଁ ଦାବି କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ତେଣୁ କେନ୍ଦ୍ରର ଶାସକ ଦଳ ବିରୋଧରେ ଏକାଠି ହେଉଥିବା ବିରୋଧୀ ଶିବିରରେ ବିଜେଡିକୁ ସାମିଲ ହେବାପାଇଁ ନିମନ୍ତ୍ରଣ କରାଯାଇଥିବା କୁହାଯାଉଛି। ମାତ୍ର ଏନ୍‌ଡିଏଠାରୁ ଅଲଗା ହୋଇଥିବା ଟିଡିପି ଏହା ମଧ୍ୟରେ କଂଗ୍ରେସ ନିକଟତର ହୋଇଥିବାରୁ ବିରୋଧୀ ମେଳିରେ ବିଜେଡିର ଯୋଗଦାନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯେହେତୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ସବୁବେଳେ ଉଭୟ ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ କଥା ଦୋହରାଉଛନ୍ତି ସେଥିଲାଗି ଏହି ବିରୋଧୀ ମେଳିରେ ବିଜେଡି ସାମିଲ ହେବାର ସମ୍ଭାବନା ଯଥେଷ୍ଟ କମ୍ ରହିଛି।

ସୂଚନାଯୋଗ୍ୟ ଯେ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପୂରଣ କରିବାରେ କେନ୍ଦ୍ର ସରକାର ବିଫଳ ହେବାରୁ ଏନ୍‌ଡିଏଠାରୁ ଅଲଗା ହୋଇଥିଲେ। ଏପରିକି ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ମୋଦି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏବେ ପୁନର୍ବାର ମୋଦି ବିରୋଧୀ ଶକ୍ତିକୁ ଏକାଠି କରିବା ପାଇଁ ଚନ୍ଦ୍ରବାବୁ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ ଦୁଇଥର ଦିଲ୍ଲୀ ଗସ୍ତ କରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ଏକାଧିକ ନେତାଙ୍କୁ ସାକ୍ଷାତ କରିଛନ୍ତି। ଏନ୍‌ସିପି ନେତା ଶରଦ ପାୱାର ଓ ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲା, ବିଏସ୍‌ପି ମୁଖ୍ୟ ମାୟାବତୀ, ସମାଜବାଦୀ ପାର୍ଟି ନେତା ମୁଲାୟମ ସିଂ ଯାଦବ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲଙ୍କ ସହ ଅନ୍ୟ ନେତାମାନଙ୍କୁ ଭେଟି ଆଲୋଚନା କରିଛନ୍ତି।

**ସଂକ୍ଷେପରେ**

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ପାପଡାହାଣ୍ଡି,୧୩।୧୧(ଡି.ଏନ.ଏ)- ପାପଡାହାଣ୍ଡି ବ୍ଲକ ଚେରଚେଙ୍ଗା ପଞ୍ଚାୟତ ବରଦେଇ ଗ୍ରାମର ଫଗଣୁ ହରିଜନଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଛି। ଫଗଣୁ ସୋମବାର ଅପରାହ୍ନରେ ଘରୁ ବାହାରିକି ଯାଇଥିଲେ। ବହୁ ସମୟ ଧରି ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ଫଗଣୁଙ୍କ ଗାମୁଛା ପୋଖରୀ ହୁଡାରେ ପଡିଥିବା ଦେଖିବା ପରେ ପରିବାର ଲୋକ ଡାବୁଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପୋଖରିରୁ ଫଗଣୁଙ୍କ ମୃତହେଦ ଉଦ୍ଧାର କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଡାବୁଗାଁ, ୧୩।୧୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜବାଗୁଡା ପଞ୍ଚାୟତ ଅଧୀନ ତାଲାବେଡା ଗ୍ରାମରେ ମା' ମୋତିଗାୟିନୀ ଭଲିବଲ ଟୁର୍ଣ୍ଣାମେଣ୍ଟ ସୋମବାର ରାତ୍ରିରେ ଉଦ୍‌ଘାଟିତ ହୋଇଯାଇଛି। ଜବାଗୁଡା ସରପଞ୍ଚ ଗୋବର୍ଦ୍ଧନ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଡାବୁଗାଁ ଓ ଭାମିନୀ ଦଳ ପରସ୍ପରକୁ ଭେଟିଥିଲେ। ଏଥିରେ ଡାବୁଗାଁ ବିଜୟୀ ହୋଇଥିଲା। ସଞ୍ଜୟ ରଥୀ ରେଫରି ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ପଦ୍ମନାଭ ମାଝି, ନିରଞ୍ଜନ, ଡମ୍ବରୁ, ଅର୍ଜୁନ, ସୁରେନ୍ଦ୍ର, ଦାମୁ, ପଦମ ଓ ଫୁଲସିଂ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱଚ୍ଛତା,ଆଧ୍ୟାତ୍ମିକ ଚେତନା ଆଧାରରେ ବିକାଶର ଗାଥା




ଦଳେଇଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ରାଜ୍ୟପାଳ ଉଦବୋଧନ ଦେଉଛନ୍ତି।



ଛାତ୍ରୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।



ଦେଶାତ୍ମବୋଧକ ସଙ୍ଗୀତରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

- ରାଜ୍ୟପାଳଙ୍କ ନବରଙ୍ଗପୁର ଜିଲା ଗସ୍ତ
- ମୁନିରଷି,ଶହୀଦମାନେ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ
- ଯେଉଁ ଘରେ ଝିଅ ନାହିଁ ସେହି ଘର ଶ୍ମଶାନ ଭୂମି

**ନବରଙ୍ଗପୁର/ପାପଡାହାଣ୍ଡି, ୧୩।୧୧(ବି.ପ୍ର./ଡି.ଏନ.ଏ)**

ନବରଙ୍ଗପୁର ଜିଲା ଗସ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମଙ୍ଗଳବାର ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ନବରଙ୍ଗପୁର ସର୍କିଟ ହାଉସ ପହଞ୍ଚିବା ପରେ ସେଠାରୁ ପାପଡାହାଣ୍ଡି ଶହୀଦ ପୀଠକୁ ଯାଇ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଦେଇ ଶହୀଦ ଓ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ସେଠାରେ ସ୍ୱାଧିନତା ସଂଗ୍ରାମୀ ଓ ସଂଗ୍ରାମୀଙ୍କ ଦାୟାଦମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ସେ କହିଥିଲେ ଯେ, ଏଦେଶ ଅଖଣ୍ଡତା ନେଇ ଭାରତର ମୁନିରଷି ଓ ଶହୀଦମାନେ ଚିନ୍ତା କରି ଆସିଛନ୍ତି । ସାରା ବିଶ୍ୱରେ ସମସ୍ତେ ଜାଣନ୍ତି ସୁବାଷ ଚନ୍ଦ୍ର ବୋଷଙ୍କୁ। ସେ କହିଥିଲେ ମୋତେ ରକ୍ତ ଦିଅ ମୁ ତୁମକୁ ସ୍ୱାଧିନତା ଆଣିଦେବି। ଏହି ଓଡିଶାର ବହୁ ମା' ଓ ଝିଅ ସ୍ୱାଧିନତା ପାଇଁ ବଳିଦାନ ଦେଇଛନ୍ତି । ଶହୀଦମାନେ ରକ୍ତ ଦେଇ ଏ ଦେଶ ପାଇଁ ସଂଗ୍ରାମ କରିଛନ୍ତି। ତାଙ୍କ ଚିନ୍ତା ଥିଲା ଅଖଣ୍ଡ ଭାରତ । ଅନେକ ବିଜ୍ଞ ଲଣ୍ଡନରେ ରହି ମଧ୍ୟ ସେହି ସମୟରେ ଭାରତର ଇତିହାସ ଲେଖୁଥିଲେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ପାପଡାହାଣ୍ଡି ଶହୀଦ ସ୍ମୃତି କମିଟି ସଭାପତି ସୋମନାଥ ବିଷୋୟୀ ଉପଢୌକନ ଦେଇ ସମ୍ମାନିତ କରିବା ସହ ପାପଡାହାଣ୍ଡିଠାରେ ଇଂରେଜଙ୍କ ଗୁଳିରେ ୧୯ ଶହୀଦ ହୋଇଥିବା ପରିବାର ଓ ଏହାର ଇତିହାସ ଉପରେ ନିଜର ଲିଖିତ ଏକ ବହି ପ୍ରଦାନ କରିଥିଲେ । ପରେ ଦଳେଇଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଛାତ୍ରୀମାନଙ୍କୁ କିଭଳି ତାଲିମ ଦିଆଯାଉଛି । ତାଲିମ ପାଇ ପିଲାମାନେ ନିଯୁକ୍ତି ସୁଯୋଗ ପାଇଲେଣି କି ନାହିଁ ପଚାରିଥିଲେ । ସେଠାରେ ଜୟଶ୍ରୀରାମ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଛତୁଆ ପ୍ରସ୍ତୁତ, ମାଝିଗୁଡା ଜଳାନି ମାତା ସ୍ୱୟଂ ସହାୟକ ଗୋଷ୍ଠୀ, ଡାବୁଗାଁ ଡଙ୍ଗରିଗୁଡା ଟେରାକୋଟା ପ୍ରସ୍ତୁତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସେମାନଙ୍କ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରି ଉପରେ ପଚାରିଥିଲେ । ପରେ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ କହିଥିଲେ ଯେ, ଝିଅମାନେ ହେଉଛନ୍ତି ମାଆର ଅବତାର। ଲୋକମାନେ ଧିରେ ଧିରେ ବୁଝିବା ଆରମ୍ଭ କରିଲେଣି ଯେଉଁ ଘରେ ଝିଅ ନାହିଁ ସେହି ଘର ଶ୍ମଶାନ ଭୂମି। ଦେଶରେ ବେଦାନ୍ତର ଦର୍ଶନ ଓ ଉଚ୍ଚାରଣ ରହି ଆସିଛି। ଦେବକି ୬ ସନ୍ତାନକୁ ହରାଇବା ପରେ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଥିଲା । ଜଣେ ନାରୀ ତାଙ୍କର ବଳିଦାନ କରେ ଶ୍ରୀକୃଷ୍ଣଙ୍କୁ ଜନ୍ମ ଦେଇ କଂଶକୁ ବିନାସ କଲେ। ଏଥିରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । କୃଷ୍ଣଙ୍କୁ ଧରିତ୍ରୀରେ ଆଣିବା ଆଧାର ଦେବକୀଙ୍କ ରହିଥିଲା। ସମୁଦ୍ର ମନ୍ଥନରେ ଲକ୍ଷ୍ମୀଙ୍କ ଜନ୍ମ, ପର୍ବତ ମନ୍ଥନରେ ପାର୍ବତୀଙ୍କ ଜନ୍ମ, ଯଜ୍ଞସ୍ଥଳ ମନ୍ଥନରେ କାଳୀଙ୍କ ଜନ୍ମ । ଯାହାକୁ ଆମେ ସମସ୍ତେ ପୂଜା କରୁଛୁ ବୋଲି କହିଥିଲେ। 'ଏ ବେଟି ହେ। ପିତା କୋ ଜନ୍ମ ଦେନେ ବାଲିଭି ବେଟି ହୈ ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ପାରମ୍ପାରିକ ଓ ଦେଶାତ୍ମକବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପରେ ଦଳେଇ ଗୁଡା ଗାଁ ଲୋକ ବର୍ଷା ଅଭାବରେ ଫସଲହାନୀ ଘଟିଥିବା ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ନିର୍ବାଚିତ ପ୍ରତିନିଧି ମାନଙ୍କ ସହ ସାକ୍ଷାତ କରିଥିଲେ। ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି କହିଥିଲେ । ପରେ ମୃଗ ବିହାର ଆସି ମୃଗଙ୍କୁ ଖାଦ୍ୟ ପେୟ କିଭଳି ଦିଆଯାଉଛି ପଚାରିଥିଲେ। ପରେ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ନବରଙ୍ଗପୁର ଶାଖାକୁ ଯାଇ ସେଠାରେ ଧ୍ୟାନ ଗୃହ ଓ ନିୟମିତ ରାଜଯୋଗ ପ୍ରଶିକ୍ଷଣର ଉଦଘାଟନ କରିଥିଲେ। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧିନ ଆଉଁଳି ଗୋଶାଳାକୁ ଯାଇଥିଲେ । ରାଜ୍ୟପାଳଙ୍କୁ ଖ୍ରୀଷ୍ଟିୟାନ ସଂଖ୍ୟାଲଘୁ କାଉନସିଲ ପକ୍ଷରୁ ଅନ୍ୟ ରାଜ୍ୟ ଭଳି ଓଡିଶାରେ ସଂଖ୍ୟାଲଘୁଙ୍କ ପାଇଁ ଏକ କମିଶନ ଗଠନ କରାଯାଉ। ଓଡିଶାରେ ଖ୍ରୀଷ୍ଟିୟାନ କାଉନସିଲ କର୍ପୋରେଶନ ସ୍ଥାପନ କରାଯାଉ। ସାମାଜିକ, ଆର୍ଥିକ, ଶିକ୍ଷାଗତ ଓ ନିଯୁକ୍ତି କ୍ଷେତ୍ରରେ ସୁବିଧା ସୁଯୋଗ ପ୍ରଦାନ କରାଯାଉ ବୋଲି ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ବିଭିନ୍ନ ଦାବୀ ଦେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ରାଜ୍ୟପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢୀ, ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ଜିଲାପାଳ ଡଃ. ଅଜିତ କୁମାର ମିଶ୍ର, ଏସପି ବିବେକାନନ୍ଦ ଶର୍ମା, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷା ମଂଜୁଳା ମାଝୀ, ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଉପଜିଲାପାଳ କରୁଣାକର ରାଇକା,ଜିଲା ମଙ୍ଗଳଅଧିକାରୀ ପବିତ୍ର ମୋହନ ପ୍ରଧାନ, ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର, ସିଡିଏମଓ ସରୋଜ କୁମାର ନାୟକ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ ସହ କଡା ସୁରକ୍ଷା ବ୍ୟବସ୍ଥା ରହିଥିଲା ।

## ଓଡିଶା କୃଷକ ସଭା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଝରିଗାଁ, ୧୩। ୧୧(ସ୍ୱ.ପ୍ର)**

ଝରିଗାଁ ବ୍ଲକ ଓଡିଶା କୃଷକ ସଭା ସାଂଗଠନିକ କମିଟି ତରଫରୁ ୧୦ ଦଫା ଦାବି ନେଇ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧୁରୁଆଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ମିନି ଷ୍ଟାଡିୟମ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ପହଞ୍ଚି ସେଠାରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବୀ ଗୁଡିକ ହେଲା ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ ନିୟମ ଅନୁଯାଇ ତୁରନ୍ତ ଅଣଆଦିବାସୀ ମାନଙ୍କର ଦଖଲ ଜଙ୍ଗଲ ଜମିକୁ ସର୍ଭେ କରାଯାଇ ପଟ୍ଟା ବଣ୍ଟନ କରାଯାଉ। ଆଦିବାସୀମାନଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା କମ୍ ପରିମାଣରେ ଦିଆଯାଇଅଛି ସେମାନଙ୍କୁ ଗ୍ରାମ ସଭାରେ ତାହାର ପୁନଃ ତଦନ୍ତ କରୀ ସେମାନଙ୍କ ଦଖଲ ଅନୁସାରେ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ। ଜିଲା ମଧ୍ୟରେ ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନକୁ କଡାକଡି ଭାବେ ପାଳନ କରାଯାଉ। ସେହିପରି ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା , ମକାର ସର୍ବନିମ୍ନ ମୂଲ୍ୟ ୩ ହଜାର ଟଙ୍କା ଘୋଷଣା, ପ୍ରତ୍ୟେକ ପଞ୍ଚାୟତରେ ମକ୍କା ମଣ୍ଡି ଖୋଲାଯାଉ, ଆଦି ଦାବୀ ପତ୍ରରେ ଉଲ୍ଲେଖ ରହିଅଛି। ଏଥିରେ ସାଂଗଠନିକ କମିଟିର ଜିଲା ଆବାହକ ରାଜେଶ ଜାନୀ, ବ୍ଲକ ସଭାପତି ନୁଆଖାଉ ଭତ୍ରା, ସଂପାଦକ ଅଲେଖ କୁଳଦିପ, ସାଲିମେନ୍ଦ୍ର ଜାନୀ, ଇଶ୍ୱର ଗୌଡ, ରବି ସାନ୍ତା, ଚତୁରସିଂ ହରିଜନ, ରାଜେଶ ଜାନୀଙ୍କ ସହ ଶତାଧିକ ମିହିଳା ପୁରୁଷ ପ୍ରମୁଖ ଉପସ୍ଥିତ ରହିଥିଲେ। ଦାବୀପତ୍ର ଗ୍ରହଣ ସମୟରେ ବିଡିଓଙ୍କ ସହ ତହସିଲଦାର କ୍ଷମାନିଧି ଭୋଇ, ଡବ୍ଲୁଇଓ ପ୍ରଫୁଲ୍ଲ କୁମାର ସେଠୀ, ଫରେଷ୍ଟର ହରେଲାଲ ନିଆଲ ପ୍ରମୁଖ ଉପସ୍ଥିତ ରହିଥିଲେ।




ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସତ୍ୟସାଇ ମନ୍ଦିରରେ ଅଖଣ୍ଡ ଭଜନ ଉଦଯାପିତ

**ଡାବୁଗାଁ, ୧୩।୧୧ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରୀଗୁଡା ଗ୍ରାମ ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର ଠାରେ ଡାବୁଗାଁ ସତ୍ୟସାଇ ସେବା ସମିତି ତରଫରୁ ଅଖଣ୍ଡ ଜ୍ୟୋତି ଯାତ୍ରା ଓ ବିଶ୍ୱଶାନ୍ତି ଅଖଣ୍ଡ ଭଜନ ରବିବାର ଉଦଯାପିତ ହୋଇଯାଇଛି । ଶନିବାର ସନ୍ଧ୍ୟାରୁ ବିଶ୍ୱଶାନ୍ତି ଅଖଣ୍ଡ ଭଜନ ଆରମ୍ଭ ହୋଇ ରବିବାର ସନ୍ଧ୍ୟାରେ ଶେଷ ହୋଇଥିଲା । ଅଖଣ୍ଡ ଜ୍ୟୋତି ଯାତ୍ରା ଡାବୁଗାଁ ସମିତି ରୁ ଆରମ୍ଭ ହୋଇ ବୋରିପଦର, ପାଟିଆବେଡା ଓ ଛେଳିବେଡା ଗ୍ରାମର ସମସ୍ତ ଭକ୍ତଙ୍କ ଗୃହକୁ ଯାଇଥିଲା | ଏହି ବିଶ୍ୱ ଶାନ୍ତି ନିମନ୍ତେ ଅଖଣ୍ଡ ଭଜନ କାର୍ଯ୍ୟକ୍ରମରେ ଜଗଦଲପୁରର ଭାସ୍କର ରାଓ , ନବରଙ୍ଗପୁରର ଶଙ୍କର ପଟ୍ଟନାୟକ, ରାଇଘର ଭଜନ ମଣ୍ଡଳୀ ଲୁଲୁ ଭାଇ, ପାର୍ଥ ଭାଇ , ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଡାବୁଗାଁ ସମିତିର ଏ. ବାଲ ରାଜୁ, ସୁଦର୍ଶନ ମହାଙ୍କୁଡ, କୃଷ୍ଣ ଚନ୍ଦ୍ର ପଣ୍ଡା, ବୋରିପଦର ଭଜନ ମଣ୍ଡଳୀର ରଇନୁ ସୁନା , ପାଟିଆବେଡାର ଧନପତି ପନକା, ବାଳ ବିକାଶର ପିଲାମାନେ ଓ ଭକ୍ତମାନେ ଯୋଗଦେଇଥିଲେ।

## କଂଗ୍ରେସ ପକ୍ଷରୁ ତହସିଲ, ବ୍ଲକ କାର୍ଯ୍ୟାଳୟ ଘେରାଉ

**ତେନ୍ତୁଳିଖୁଣ୍ଟି,୧୩।୧୧(ଡି.ଏନ.ଏ)**



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ କମିଟି ତରଫରୁ ତେନ୍ତୁଳିଖୁଣ୍ଟି ତହସିଲ ଓ ବ୍ଲକ କାର୍ଯ୍ୟାଳୟ ମଙ୍ଗଳବାର ଘେରାଉ କରାଯାଇଛି। ଏଥିସହ ବିଭିନ୍ନ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କୁର୍ମାକୋଟ ଛକଠାରୁ ଏକ ରାଲିରେ କଂଗ୍ରେସ କର୍ମୀମାନେ ବାହାରି ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଏକ ସଭା କରିବା ପରେ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଥିଲେ। ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ତେନ୍ତୁଳିଖୁଣ୍ଟି ବ୍ଲକକୁ ମରୁଡି ଅଞ୍ଚଳ ଘୋଷଣା, ଅଞ୍ଚଳଗୁମ୍ମାର ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପୁନଃ ଆରମ୍ଭ , ଜଳସେଚନ ବ୍ୟବସ୍ଥା, ଚେକ ଡ୍ୟାମ କରିବା ଆଦି ଦାବିପତ୍ରରେ ଦର୍ଶାଇଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ଚାଲିଥିବା ପିସି କାରାବର ବନ୍ଦ, ପ୍ରତ୍ୟେକ ପ୍ରକଳ୍ପର ବିଲ କରିବା ପୂର୍ବରୁ ବିଡିଓ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ କରିବା, ପ୍ରକଳ୍ପ ଚୟନ ଓ ବଣ୍ଟନ ବେଳେ ସମିତି ସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଭ୍ୟଙ୍କ ମତକୁ ଗୁରୁତ୍ୱ ଦେବା ଆଦି ୮ ଦଫା ଦାବୀପତ୍ର ବିଡିଓ ଅକ୍ଷମିତା କାର୍ତ୍ତିକଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜୋନ-୨ ସଭାପତି ମଦନ ମୋହନ ସିଂ, ବ୍ଲକ କଂଗ୍ରେସ ଜୋନ-୧ ସଭାପତି ବିପିନ ଟାକ୍ରି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ଜିଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଅଖିଳ ଭତ୍ରା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦିଲିପ ପ୍ରଧାନ, ଦୁର୍ଲଭ କନ୍ଧ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୨୭୪ ପ୍ରକଳ୍ପ ପ୍ରଦର୍ଶିତ



ଝରିଗାଁଠାରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।



ଡାବୁଗାଁଠାରେ ଜଣେ ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।



କୋଷାଗୁମୁଡାଠାରେ ବିଜ୍ଞାନ ମେଳାରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

**ଝରିଗାଁ/କୋଷାଗୁମୁଡା/ଡାବୁଗାଁ, ୧୩।୧୧(ସ୍ୱ.ପ୍ର./ଡି.ଏନ.ଏ)**

ନବରଙ୍ଗପୁର ଜିଲା ଝରିଗାଁ, କୋଷାଗୁମୁଡା, ଡାବୁଗାଁ ବ୍ଲକରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ମୋଟ ୨୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଝରିଗାଁ ବ୍ଲକ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ବିଡିଓ ଦେବେନ୍ଦ୍ର ବାହାଦୂର ସିଂ ଧୁରୁଆ ବିଜ୍ଞାନ ମେଳା ଶୁଭାରମ୍ଭ କରିଥିଲେ। ୧୦୬ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ପାଢୀଙ୍କ ପରିଚାଳନାରେ ଅନୁଷ୍ଠିତ ମେଳାରେ ବିଇଓ ସୁରେଶ ଚନ୍ଦ୍ର ନାଏକ, ଏବିଇଓ ବିଜୟାନନ୍ଦ ସୋରୀ, ଝରିଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ ପ୍ରମୁଖ ପ୍ରକଳ୍ପ ଗୁଡିକୁ ଦେଖି ମାନ ନିରୁପଣ କରିଥିଲେ। ଉଦଯାପନ ଉତ୍ସବରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମୁଲା ଗଣ୍ଡ, ତହସିଲଦାର କ୍ଷମାନିଧି ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅଶୁତୋଷ ମିଶ୍ର, ସରପଞ୍ଚ ଅଗସ୍ତି ପୂଜାରୀ, ଏବିଇଓ ସୋଭେନ ମଣ୍ଡଳ, ଜିଲା ପରିଷଦ ସଭ୍ୟ ପଦ୍ମନାଭ ପାଣ୍ଡେ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ ପ୍ରମୁଖ ରହିଥିଲେ। ସେହିପରି କୋଷାଗୁମୁଡ଼ା ବ୍ଲକ ପଣ୍ଡୁଗୁଡ଼ା ପଞ୍ଚାୟତର କୋଣ୍ଡାପୁରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି । ମୋଟ ୭୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରଥମ ସ୍ଥାନରେ ୟୁଏଚ୍‌ଏସ୍ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଘନଶ୍ୟାମ କୁମ୍ଭାରଙ୍କ ବାୟୋଲୋଜିକାଲ ଟ୍ରାପିଙ୍ଗ ଡିଭାଇସ, ୨ୟରେ କୋଷାଗୁମୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଧୀରଜ କୁମାର ଲିମାଙ୍କ ଲୋକଷ୍ଟ ଭ୍ୟାକୁମ୍ କ୍ଲିନର, ୩ୟ ସ୍ଥାନରେ ପିୟୁପିଏସ୍ କୋଣ୍ଡାପୁରୀର ୮ମ ଶ୍ରେଣୀର ସ୍ମିତ ଖୋରାଙ୍କ ବର୍ଷା ସୂଚକ ଘଣ୍ଟି, ୪ର୍ଥ ସ୍ଥାନରେ ପିୟୁପିଏସ୍ ପାର୍ସାଗୁଡା ଟିକେଶ୍ୱରୀ ଭତ୍ରାଙ୍କ ମଶା ବିକର୍ପକ,୫ମ ସ୍ଥାନରେ ୭ମ ଡିଆପିଏସ୍ କୋଷାଗୁମୁଡ଼ାର ବ୍ଲେସୀ ସ୍ୱିପଙ୍କ ୱାର୍କିଂ ମଡେଲ ଅଫ୍ କିଡନୀ, ୬ଷ୍ଠ ସ୍ଥାନରେ କୋଡିଙ୍ଗା ଏକ୍ସବୋର୍ଡର ବସନ୍ତ କୁମାର ଭତ୍ରାଙ୍କ ମ୍ୟାଥମେଟିକାଲ ମଡେଲ ରହିଥିଲା । ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ ରଘୁନାଥ ପାଙ୍ଗି, ବିଡିଓ ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଚାରକ ଭାବେ ରଞ୍ଜନ କୁମାର ମହାପାତ୍ର, ଏବିଇଓ ସମରେନ୍ଦ୍ର ଭୌମିକ, ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାସ ବାରିକ, ଏସ୍‌ଏମ୍‌ସି ଦାଶରଥ ନାୟକ, ବ୍ଲକ କୋର୍ଡିନେଟର ଏନ୍‌କେ ପାତ୍ର ଏବଂ ସିଆରସିସିମାନେ ସହଯୋଗ କରିଥିଲେ । ବିଜ୍ଞାନ ମେଳାର ଆବାହକ ଭାବେ ପ୍ରଧାନଶିକ୍ଷକ ସୁରେଶ ଜେନା ଦାୟିତ୍ୱ ତୁଲାଇଥିଲେ।

ଡାବୁଗାଁ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଇଓ ପ୍ରଶାନ୍ତ କୁମାର ହୋତା ଯୋଗ ଦେଇଥିଲେ । ବ ମୋଟ ୯୩ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ଡାବୁଗାଁ ଭୈରବ ମହାବିଦ୍ୟାଳୟ ଅଧ୍ୟାପକ ଗିରିଶ ମୋହନ ଦାସ ଓ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସୁବ୍ରତ ପ୍ରଧାନ ଓ ଡାକ୍ତର ଭରତ ଚୌଧୁରୀ ବିଚାରକ ଭାବେ ଯୋଗ ଦେଇଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ବିକାଶ ପଣ୍ଡାଙ୍କ ପ୍ରକଳ୍ପ ଡିଜିଟାଲ ଲିଫ୍ଟ (୧ମ), ବଡଓଲମା ସରକାରୀ ଉଚ୍ଚ ବିଦ୍ୟାଳୟର ନୀଳାମ୍ବର ପୂଜାରୀଙ୍କ ଆବର୍ଜନାର ପୁନଃ ବ୍ୟବହାର (୨ୟ), ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସୁଧାଂଶୁ ପଣ୍ଡାଙ୍କ ପ୍ରାକୃତିକ ବିପର୍ଯ୍ୟୟ (୩ୟ) ଓ ବୋରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ତୁଳାବତୀ ହରିଜନଙ୍କ ଦୁର୍ଘଟଣାର ପ୍ରତିକାର (୪ର୍ଥ) ଓ ଉଚ୍ଚ ପ୍ରାଥମିକ ସ୍ତରରେ ବୋରିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱପ୍ନାରାଣୀ ନାୟକଙ୍କ ଆସ୍ଥାମା ଡିଟେକ୍ଟର (୧ମ), ସରସ୍ୱତୀ ଶିଶୁ ମନ୍ଦିରର ଅନିଷ କୁମାର ବେହେରାଙ୍କ ହାଇଡ୍ରୋଲିକ ଡିଭାଇସ ଦ୍ୱାରା ଗଛକୁ ସ୍ଥାନାନ୍ତର (୨ୟ) ଓ କାକଡଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୈଳାସ ଭତ୍ରାଙ୍କ ଗୋବର ଦ୍ୱାରା ବିଦ୍ୟୁତ ଉତ୍ପାଦନ (୩ୟ) ଏବଂ ପ୍ରାଥମିକ ସ୍ତରରେ ସରସ୍ୱତୀ ଶିଶୁ ମନ୍ଦିରର ଧୃତିଦୀପା ସାହୁ ଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଆବର୍ଜନାର ନିଷ୍କାସନ (୧ମ), ସରସ୍ୱତୀ ଶିଶୁ ମନ୍ଦିରର ହିମାଂଶୁ ଶେଖର ଭୋଇ ଙ୍କ ଦୂଷିତ ଜଳର ପୁନଃ ବ୍ୟବହାର (୨ୟ) ଓ ବୋରିଗାଁ ପ୍ରାଥମିକ ବିଦ୍ୟାଳୟର ବିଜୁଳି ମାଝୀଙ୍କ ପବନ ଚକ୍ରୀ ଦ୍ୱାରା ବିଦ୍ୟୁତ ଉତ୍ପାଦନ (୩ୟ) ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏଥିରୁ ୬ ଟି ପ୍ରକଳ୍ପ ଜିଲା ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ କରାଯିବ। ନବରଙ୍ଗପୁର ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ବିଡିଓ ଗୌରହରି ପାତ୍ର, ଏବିଇଓ ମହେଶ ଚନ୍ଦ୍ର ସାହା ଓ ଅଞ୍ଜଳି ବିଶ୍ୱାସ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରୁଦ୍ର କିଶୋର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ରତିକାନ୍ତ ନାୟକ, ରାଇସିଂ ପୂଜାରୀ, ଧନସିଂ ତନ୍ତି, ବିକାଶ ରଞ୍ଜନ ନିଶଙ୍କ, ହେମଧର ନାୟକ, ଶିକ୍ଷକ ଧଳେନ୍ଦ୍ର ଦ୍ୱିରି, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଧନଞ୍ଜୟ ବଡଜେନା, ବଲ୍ଲଭ ନାରାୟଣପଣ୍ଡା, ବିଶ୍ୱଶେ କୁମାର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ବିଭିନ୍ନ ଦାବିରେ ବିଡିଓଙ୍କୁ ସ୍ମାରକପତ୍ର
## ୧୫ରୁ ସମୂହ ଛୁଟିରେ ଯିବେ ଜିଆର୍‌ଏସ୍

**ଡାବୁଗାଁ, ୧୩।୧୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ମାନେ ନିଜର ବିଭିନ୍ନ ଦାବି ନେଇ ମଙ୍ଗଳବାର ବିଡିଓ ଗୌରହରି ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଆର୍‌ଏସ୍‌ଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀରେ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ଦାବି ପୂରଣ ନ ହେଲେ ଆସନ୍ତା ୧୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଉକ୍ତ ଦିନଠାରୁ ସମୂହ ଛୁଟିରେ ଯିବେ ବୋଲି ଜିଆର୍‌ଏସ୍ ବୋଲି କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ସୁଶାନ୍ତ କୁମାର ପଣ୍ଡା, ସମ୍ପାଦକ ଖଗେଶର ମିଗାନ ଓ ଦୀପ୍ତିମାୟୀ ମୁଣ୍ଡ, ରୋଜାଲିନ ଛାଟୋଇ, ଧରମଦାସ ଗୌଡ, ଗଜେନ୍ଦ୍ର ମାଝି ଓ ହରିଦାସ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।



ଜିଆର୍‌ଏସ୍‌ମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।